Split by PDF Splitter



ଉତ୍କଳଦୀପିକା ତା ୨୭ ରଖ ମାହେ ଅଗଷ୍ଟ ସନ ୧୮୮୨ ମସିହା ।

ବଙ୍ଗଳାରେ ଝୋଟର ବ୍ୟବସାୟର ଉନ୍ନତି ଦେଖି ଆମେରିକାବାସିମାନେ ଉକ୍ତ ଦ୍ରବ୍ୟ ଉତ୍ପନ୍ନ କରିବା କାରଣ ଯଥୋଚିତ ଯତ୍ନ କରୁଅଛନ୍ତି । ସନ ୧୮୭୩ ସାଲଠାରୁ ସେଠାରେ ଝୋଟର ଚାଷ ଆରମ୍ଭ ହୋଇଅଛି । ଲୁଇସିୟାନା ଓ ଦାକ୍ଷିଣାତ୍ୟ ପ୍ରଦେଶ ସମୂହରେ ଆଜିକାଲି ଭଲ ଝୋଟ ହେଉଅଛି । ନିମ୍ନ ଭୂମିରେ ୧୫ଫୁଟ ଏବଂ ପାର୍ବତ୍ୟ ଓ ଉଚ୍ଚ ଭୂମିରେ ୧୦ ଫୁଟଠାରୁ ୧୨ଫୁଟ ପର୍ଯ୍ୟନ୍ତ ଉଚ୍ଚ ଝୋଟ ଗଛ ବଢ଼ୁଅଛି ।

ଝୋଟ ଗଛରୁ ଝୋଟ ବାହାର କରିବା କାରଣ ସେଠାରେ ଏକ ପ୍ରକାର ନୂତନ ଯନ୍ତ୍ର ପ୍ରସ୍ତୁତ ହୋଇଅଛି । ଗୋଟିଏ ୨ ଯନ୍ତ୍ରଦ୍ୱାରା ପ୍ରତି ଦିନ ମ୨୫ହଣ ଝୋଟ ପ୍ରସ୍ତୁତ ହୁଅଇ । ଖେତରୁ ଝୋଟଗଛ କାଟି ଆଣି ଏହି ଯନ୍ତ୍ରଦ୍ୱାରା ଛେଲି ବାହାର କରି ନେଇ ତତ୍କ୍ଷଣାତ୍ ଜଳରେ ସିଝାଇଲେ ଉତ୍ତମ ଝୋଟ ବାହାର ହେବ ଆଉ ଝୋଟ ଗଛକୁ ପାଣିରେ ବୁଡାଇ ରଖି ପଚାଇବା ପର୍ଯ୍ୟନ୍ତ ରହିଁ ବସିବାକୁ ହେବ ନାହିଁ । ପାଣିରେ ପଚାଇ ଝୋଟ ବାହାର କରିବାର ପ୍ରଥା ଉତ୍ତମ ନୁହଇ ଆମେରିକାର ଚାଷିମାନେ ବୋଲନ୍ତି ଯେ ଇହିଁରେ ଅନେକ ବିଳମ୍ବ ହୁଅଇ ଏବଂ ଝୋଟର କିଛି ନଷ୍ଟ ହୁଅଇ । କିନ୍ତୁ ଯନ୍ତ୍ର ଯୋଗେ କେବଳ ଉତ୍କୃଷ୍ଟ ଝୋଟ ପ୍ରାପ୍ତ ହୁଅଇ ଏମନ୍ତ ନୁହେ ଗଛରୁ ଯେଉଁ ଛେଲି ବାହାର ହୁଅଇ ତାହା କାଗଜ ପ୍ରସ୍ତୁତ ପକ୍ଷରେ ଉତ୍ତମ ଉପକରଣ ହୋଇ ପାରେ । ଆମେରିକା ବାସିମାନେ ଝୋଟ ପ୍ରସ୍ତୁତ ବିଷୟରେ ଯେପରି ଉଦ୍ୟମଶୀଳ ହୋଇ ଅଛନ୍ତି ଅନୁମାନ ହୁଅଇ ଏକଦିନ ବଙ୍ଗଳାକୁ ଟେକିଁ ଯିବେ । ଆମ୍ଭମାନଙ୍କର ବ୍ୟବସାୟ ଅନୁକରଣ କରି ଅପର ଦେଶୀୟ ଲୋକମାନେ ଧନୀ ହେଉଅଛନ୍ତି ମାତ୍ର ଆମ୍ଭେମାନେ ଚେଷ୍ଟା ଓ ଅଧ୍ୟବସାୟର ଅଭାବରୁ ଦିନ ୨ ହୀନତାକୁ ଲଭୁଅଛୁଁ ।

---

ଆମ୍ଭମାନଙ୍କ କେନ୍ଦ୍ରାପଡାସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା;—

ପତନ ଗ୍ରାମରେ ଏକ ବୈଷ୍ଣବୀକୁ ବହାପ ମହାନ୍ତି ବୋଲି ଜଣେ ଓଭରସିଅର ରଖି ଥିଲେ ବାବୁଙ୍କର ମୃତ୍ୟୁ ସମୟରେ ଉକ୍ତ ବୈଷ୍ଣବୀ ବ୍ୟତୀତ ଆଉ ତାଙ୍କ ପାଖରେ କେହି ନ ଥିବାରୁ ମୃତଙ୍କ ବାବୁଙ୍କ ସିନ୍ଦୁକ ବାକସ ଇତ୍ୟାଦିର ସବ ଉକ୍ତ ରମଣୀର ହସ୍ତରେ ପଡିବାରୁ ସେ ତାହା ଦାବି କରି ବହାପ ମହାନ୍ତିଙ୍କ ଓାରିସମାନଙ୍କୁ ନ ଦବାରେ ସେମାନେ ଏଠା ମହକୁମାରେ ନାଲିସ କରିଥିଲେ ସେଥିରେ ଡେପୋଟୀ ବାବୁ ତାହାକୁ ଚାରିମାସ କାରାବାସ ଓ ୫୦ ଙ୍କା ଅର୍ଥଦଣ୍ଡର ଆଜ୍ଞା ଦେଇ ଅଛନ୍ତି ।

ଅନରାରୀ ମଫସଲକୁ ବାହାରିବା ପୂର୍ବରୁ ମୁନାଦି ତଥା ହୁଅଇ ଯେବାହୁ କୌଣସି କାରଣବଶତଃ ବାହାରିବାର ବନ୍ଦ ହେଲେ ସେ ମେହେନ୍ତ୍ରର ମୁନାଦି ଦେଇ ଥାଏ ଭଳି ତାଙ୍କୁ ଏକ ଟଙ୍କା ଜରିମାନା କରନ୍ତି ।

ହରଗୋବିନ୍ଦ ଓଳେ ଜଣେ ପଠାଣ ମାଛ ଧରି ଘରକୁ ଫେରି ଆସିଲାବେଳେ ଗୋଟାଏ ଚନ୍ଦ୍ର ସାପ ତାକୁ ପାଏ ବାଟ ପର୍ଯ୍ୟନ୍ତ ଗୋଡାଇ ଆସିଲା ଦୈବଯୋଗରେ ସେ ସର୍ପ ହସ୍ତରୁ ରକ୍ଷା ପାଇ ଅଛି ମାତ୍ର ବର୍ତ୍ତମାନ ଅତି ପୀଡିତ ।

କେନ୍ଦ୍ରାପଡା ଥାଇନା ମଧ୍ୟରେ ଟିକମାନଙ୍କରେ କଟକ ପରି ମାକଡାପଥର କଟା ହେଉଅଛି ତଦ୍‌ଶିଶର ବାବୁଙ୍କ ଆମଲରେ ଏହା ପ୍ରଥମ ଏଠାରେ ଦେଖା ଗଲା ପୂର୍ବରେ ଏ ସଡ଼କମାନ ତେତେ ଭଲ ନ ଥିଲା ।

ପଦ୍ମପୁଷ୍ପ ଓ ଲୁଣକାରି ସମ୍ବନ୍ଧରେ ଗତ ସପ୍ତାହରେ ଯାହା ଲେଖିଥିଲୁଁ ଅନୁଗ୍ରହ କରି ଆପଣ କିମ୍ବା ଆପଣଙ୍କର ପାଠକମାନେ ସେ ସଂଶୟ ମୋଚନ କଲେ ଅମ୍ଭେ ବାଧିତ ହେବୁଁ ।

ଗୋଲଗ ହାଟରେ ଓଳଟଠାରେ ଘଗ ଘୋଳମାଳ ଲାଗି ଅଛି ।

ଦାନପୁର ଦୋହତଠାରୁ ଅନେକ ଛାତ୍ର ଗନ୍ଧୋଳ ସ୍କୁଲକୁ ପଢିବାକୁ ଆସନ୍ତି । ମାତ୍ର ବର୍ଷାକାଳରେ ବାଟରେ ବେଢେ ପାଣି ହୁଏ ଏଥିରେ ଛାତ୍ରମାନଙ୍କର ବଡ଼ ଅନିଷ୍ଟର ସମ୍ଭାବନା ଯଦି ରୋଡ଼ସେସ କେନ୍ଦ୍ରାପଡା କମିଟୀ ୭୦।୮୦ ଟଙ୍କା ଦାନ କରି ଗୋଟିଏ ସଡକ ପ୍ରସ୍ତୁତ କରାଇ ଦଅନ୍ତି ତେବେ ଅନେକ ମଙ୍ଗଳର ସମ୍ଭାବନା । ଶୁଣିଲୁଁ ଏହା ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ବର୍ଷରେ ୩୦୦ ଟଙ୍କା ସଡକ ରୋଡ଼ସେସ ଆଦାୟ ହୁଏ ।

## ସାପ୍ତାହିକ ସଂବାଦ ।

ଗତତ ମାସ ତା ୧୭ ଦିନରେ ଏ ନଗରରେ ଯେଉଁ ସଭାମାନ ହୋଇଥିଲା ତହିଁର ସଂକ୍ଷେପ ବିବରଣ ଭାରତୀୟର ସମ୍ବାଦରୂପେ କଲିକତାର ଦୈନିକ ସମ୍ବାଦ ପତ୍ରମାନଙ୍କରେ ପ୍ରକାଶିତ ହୋଇଥିଲା । ପ୍ରିନ୍ସିପାଲଙ୍କ କୋଠାରେ ହୋଇଥିବା ସଭାକୁ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସଭା ଏବଂ କଲେଜ ଗୃହର ସଭାକୁ ଜନସାଧାରଣଙ୍କ ସଭା ବୋଲି ତହିଁରେ ଲେଖା ଅଛି ସମ୍ବାଦଦାତା ସଭା ଗଠନକାରିଙ୍କ ନାମ ଦେବାରେ ଭୁଲ କରିଅଛନ୍ତି ଏବଂ ଏକ ସଭାର ସଭାପତିଙ୍କୁ ଜଣେ ଧନୀ ଜମିଦାର ବୋଲି ଲେଖି ମୁଣ୍ଡଟର ପରିଚୟ ଦେଇ ନାହାନ୍ତି ।

ସୋମପ୍ରକାଶ ଲେଖିଅଛନ୍ତି, ସମ୍ପ୍ରତି ବାଲେଶ୍ୱରର ମାଜିଷ୍ଟ୍ରେଟ ବାବୁ ରମେଶଚନ୍ଦ୍ର ଦତ୍ତଙ୍କର ଜ୍ୟେଷ୍ଠା କନ୍ୟା ସରଳାଙ୍କ ସହିତ ବାବୁ ପ୍ରମଥନାଥ ବସୁଙ୍କର ହିନ୍ଦୁ ମତରେ ଶୁଭବିବାହ ହୋଇ ଯାଇଅଛି । ଶ୍ୱଶୁର ଓ ଯୋଇଁ ଉଭୟ ବିଲାତରୁ ଫେରି ଆସିଅଛନ୍ତି । ରମେଶ ବାବୁ ସିବିଲିୟାନ । ପ୍ରମଥ ବାବୁ ଲୁଚନ୍ଦ୍ରବେଶ୍ଣ, ଦୁହେଁଯାକ ଗବର୍ଣ୍ଣମେଣ୍ଟ କର୍ମଗ୍ରସ୍ତ ।

ଅନୁଶାସନ ପ୍ରଣାଳୀ ପ୍ରଥମେ ରଙ୍ଗୁନରେ ଜାରି ହୋଇ ଅଛି । ମାତ୍ର ସେଠା ନିର୍ବାଚନ କାର୍ଯ୍ୟରେ ଟ ୮୦୦୦ ଙ୍କା ଖର୍ଚ୍ଚ ହୋଇଥିବାର ସମ୍ବାଦପତ୍ରମାନଙ୍କରେ ଲେଖା ଅଛି । ଆଶ୍ଚର୍ଯ୍ୟ ! ଏ ଟଙ୍କା ଆସିଲା କେଉଁଠାରୁ ଏବଂ ଗଲା କେଉଁ ବାଟେ ?

ଜଗତଠାରେ ମୌସୁମୀ ବୃଷ୍ଟିର ସମୟ ଶେଷ ହୋଇ ଥିବାର କଥିତ ହୁଏ ।

ଭାରତବର୍ଷର ପୂର୍ବଭାଗସ୍ଥ ପର୍ବତ ସମୂହର ଅଧିବାସିମାନେ ବିଶେଷତଃ ଖସିଆ ପର୍ବତର ଲୋକମାନେ ମହୁମାଛି ଧରି ମହୁଫେଣା ପ୍ରସ୍ତୁତ କରି ପ୍ରଭୂତ ମହୁ ସଞ୍ଚୟ କରନ୍ତି । ଏହି ମହୁ ବିକ୍ରୟଦ୍ୱାରା ସେମାନଙ୍କର ଜୀବିକା ନିର୍ବାହ ହୁଏ । ମକ୍ଷିକାମାନେ ଯେତେବେଳେ ଦଳବଦ୍ଧ ହୋଇ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାନ୍ତି, ସେହି ସମୟରେ ସେମାନେ ସୂକ୍ଷ୍ମଜାଲ ଦ୍ୱାରା ଦଳର ଅଧିକାରିଣୀକୁ ଧୃତ କରନ୍ତି ଏବଂ ଅନ୍ୟାନ୍ୟ ମକ୍ଷିକାଠାରୁ ତାହାକୁ ପୃଥକ୍ କରି ଆପଣା ଅଭିପ୍ରେତ ସ୍ଥାନରେ ନେଇ ବାନ୍ଧି ରଖନ୍ତି, ଏହି ସମୟରେ ଅନ୍ୟାନ୍ୟ ମକ୍ଷିକାମାନେ ତାହା ଚାରିଆଡ଼େ ବେଢ଼ି ଚାକ ପ୍ରସ୍ତୁତ କରୁଥାନ୍ତି । ଥରେ ଚାକ ବାନ୍ଧିବାକୁ ଆରମ୍ଭ କଲେ କର୍ତ୍ତ୍ରୀକୁ ଛାଡି ଦେବାକୁ ହୁଏ ସେତେବେଳେ ସେ ଆପଣା ଦଳ ସେନା ନାନା ଫୁଲରୁ ମଧୁ ଆହରଣ କରି ଚାକକୁ ନେଇ ଆସେ ।

ସମ୍ପ୍ରତି ଯଶୋହରରୁ କଲିକତାକୁ ପାଞ୍ଚହାତ ଲମ୍ବ ଗୋଟିଏ ମନୁଷ୍ୟ ଆଣୀତ ହୋଇ ଅଛି । ତାହାର ବୟସ ୧୮ ବର୍ଷ ମାତ୍ର । ସେ ବଟତଲାର ଗୋଟିଏ ଘରେ ଥାଏ ।

ବୋମ୍ବାଇର ଟ୍ରାମଟ କମ୍ପାନୀର ଏକାଉଣ୍ଟ କଲେକ୍ଟର ସ୍ୱରୂପ ନିଯୁକ୍ତ ହୋଇ ଅଛନ୍ତି । ଯୁଗର ଚଷୟ । ଦେଶୀୟ ଲୋକଙ୍କର ଉଚ୍ଚକାର୍ଯ୍ୟ ପାଇବାର ଏହା ଆଉ ଗୋଟିଏ ଉଦାହରଣ ।

କାଶ୍ମୀର ରାଜ୍ୟରେ ବୃଷ୍ଟି ଅତ୍ୟନ୍ତ ଅଧିକ ହୋଇଅଛି ଏଥିରେ ଫସଲର ଅନେକ କ୍ଷତି ହେବାର ବିଶେଷ ଆଶଙ୍କା ।

ଭୂଦେବ ମୁଖୋପାଧ୍ୟାୟଙ୍କର ଯାହା ଡାଇରେକ୍ଟର କାର୍ଯ୍ୟ ହେବାର ଶୁଣା ଯାଉଥିଲା ବର୍ତ୍ତମାନ ହିନ୍ଦୁପ୍ରେଟ୍ରିଅଟରେ ପାଠ କଲୁଁ ଯେ ତାହା ମିଥ୍ୟା ଅଟେ । କ୍ରଫ୍ଟସାହେବ ଛୁଟିରେ ଯାଉନାହାନ୍ତି ।

ବଗୁଡାର ମେଜିଷ୍ଟ୍ରେଟ ସର୍ପସାହେବଙ୍କର ବିରୁଦ୍ଧରେ ଯେଉଁ ହଙ୍ଗାମା ମୋକଦ୍ଦମା ହୋଇ ଥିଲା ଇଣ୍ଡିଆ ଗବର୍ଣ୍ଣମେଣ୍ଟ ତହିଁର ଅପିଲ ଅଗ୍ରାହ୍ୟ କରି ଅଛନ୍ତି । ଏହା ଅବଶ୍ୟ ଶୋଚନୀୟ ବିଷୟ ଅଟେ । ସାର୍ପସାହେବ ଯେ ପ୍ରକୃତ ଅତ୍ୟାଚାର କରିଥିଲେ ତହିଁ ପକ୍ଷେ ସନ୍ଦେହ ନାହିଁ ମାତ୍ର ଗବର୍ଣ୍ଣମେଣ୍ଟ ଯେବେ ତ ବୁଝିବେ ତହିଁର ଗତି କଣ ?

ମନୁଷ୍ୟ ହତ୍ୟା କଲେ ଯେଉଁ ଫାଶି ଦଣ୍ଡ ହୁଏ ଶତ୍ରୁପକ୍ଷୀୟ ସୈନ୍ୟ ସମ୍ମୁଖରେ ଆଉଁ ୨ ଆପଣା ଦଳ ଛାଡି ଯୁଦ୍ଧରୁ ପଳାୟନ କରିବାରେ ମଧ୍ୟ ସେହି ଦଣ୍ଡ ବିହିତ ହୁଏ ବିଗତ କାବୁଲ ଯୁଦ୍ଧରେ ପଞ୍ଜାବର ବଂଶଧର ଦେଶୀୟ ସିପାହିଙ୍କ ମଧ୍ୟରୁ ଜଣେ ଏହି ଶେଷୋକ୍ତ ଅପରାଧରେ ଦୋଷୀ ହେବାରୁ ତାହାପ୍ରତି ଯାବଜ୍ଜୀବନ ଦ୍ୱୀପାନ୍ତର ବାସର ଦଣ୍ଡାଜ୍ଞା ହୋଇଅଛି ମାତ୍ର ଅଧିକାଂଶ ସମ୍ବାଦପତ୍ରମାନେ କହୁଅଛନ୍ତି ଯେ ଏଭଳି ଗୁରୁତର ଅପରାଧରେ ଅତୋ ଦୟା ପ୍ରକାଶ କରିବା ଉଚିତ ନୁହେ କି ତହିଁରେ ସୈନ୍ୟ ବିଭାଗର କୌଣସି ମଙ୍ଗଳ ହେବ ନାହିଁ । ସେ ଯାହାହେଉ ଫାଶୀ ପ୍ରାପ୍ୟ ନିଶ୍ଚୟ ଦଣ୍ଡ ଅପେକ୍ଷା ଏ ଦଣ୍ଡ ସହସ୍ର ଗୁଣେ ଅନୁମୋଦନୀୟ । ଅମ୍ଭମାନଙ୍କ ଶାସ୍ତ୍ରରେ ଶତ୍ରୁପକ୍ଷକୁ ପିଠି ଦେଖାଇଲେ ସପ୍ତନରକ ଭୋଗ ହୁଅଇ ।

କଲିକତାରେ ଜଣେ ମୌଲବୀର ଗୋଟିଏ ବାରବର୍ଷ ବୟସର ପିଲା ଅଦୃଶ୍ୟ ହୋଇଗଲା । ସେ ପିଲାଟି ସ୍କୁଲକୁ ଯାଇ ଆଉ ଫେରି ଆସି ନାହିଁ । ତାହା ଶରୀରରେ ଅଳଙ୍କାର ଥିଲା । ସାବଧାନ, ପିଲାଙ୍କୁ ଗହଣା ପିନ୍ଧାଇ ସ୍କୁଲ କି ଗୃହାର ବା ବାଣ୍ଡକୁ ଏକା କେବେହେଁ ଛାଡିବା ଉଚିତ ନହେ ।

Digitized by srujanika@gmail.com

Split by PDF Splitter



ଶ୍ରୀ ଶ୍ରୀମତୀ ଭାରତେଶ୍ୱରୀ ଯେପରି ପରାକ୍ରମ ସହିତରେ ରାଜକାର୍ଯ୍ୟ ନିର୍ବାହ କରନ୍ତି ତାହା ଦେଖିଲେ ବିସ୍ମୟାପନ୍ନ ହେବାକୁ ହୁଏ । ସେ ସକଳକାର୍ଯ୍ୟ ନିଜେ ଦେଖି କରିବା-ପାଁଇ ଇଚ୍ଛା କରନ୍ତି, କର୍ମଚାରୀମାନେ ସବୁ କରିବେ ଏହା ସେ ଶାନ୍ତ ସହିତେ ବସି ରହିବାକୁ ପାରନ୍ତି ନାହିଁ । ପ୍ରତିଦିନ ମୋଟରେ ପ୍ରାୟ ଷାଠିଏ ଟେଲିଗ୍ରାଫ ତାଙ୍କ ନିକଟକୁ ଆସଇ, ସେ ସବୁ ନିଜେ ପଢ଼ି ତହିଁର ଉତ୍ତର ଦେଇଥାନ୍ତି, ସେପରି ମନ୍ତ୍ରୀ କାଗଜ ଓ ଉପଯୁକ୍ତ ଖବର କାଗଜ ମଧ୍ୟ ନିଜେ ପାଠ କରନ୍ତି । ସେ ପ୍ରତିଦିନ ସାତ ଆଠ ଘଣ୍ଟା ପର୍ଯ୍ୟନ୍ତ ଲିପ୍ତ ହୋଇ ରାଜକାର୍ଯ୍ୟ କରନ୍ତି ଧନ୍ୟ ଶ୍ରୀଶ୍ରୀମତୀଙ୍କ ଗୁଣ ।

ଭାରତ ସାହେବ କେବଳ ତେଲର ଏମନ୍ତ ଭାବ ଶୋଧନ କରିବାର ଚେଷ୍ଟା କରୁଅଛନ୍ତି ଯେ ଅଗ୍ନି ସ୍ପର୍ଶ କଲେ ମଧ୍ୟ ତାହା ଜଳି ଉଠିବ ନାହିଁ । ଏରୂପ ଶୋଧିତ ହେଲେ ଅନେକ ଦୁର୍ଘଟଣା ନିବାରଣ ହେବ ।

ଡେଲିନ୍ୟୁଜ ଶୁଣିଅଛନ୍ତି ଯେ ଆସାମର ଚନା ରେଜିମେଣ୍ଟ ସିପାହୀମାନଙ୍କୁ ହିନ୍ଦୁସ୍ଥାନ ଏବଂ ଶିଖମାନଙ୍କୁ ଅଲଗା କରି ଦେଇ ସେମାନଙ୍କ ସ୍ଥାନରେ ଗୁର୍ଖାଙ୍କୁ ନିଯୁକ୍ତ କରିବା ବିଷୟ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଅଛି । ଏ ଅତି ଉତ୍ତମ କଳ୍ପନା । ସେ ଅଧିକ କହୁଅଛନ୍ତି ଯେ ଆସାମ-ଖାସ୍ ଗିରି ପ୍ରଦେଶ ଗଡ଼, କୋଲ, ସାନ୍ତାଳ, କନ୍ଧ ଏବଂ ଅନ୍ୟାନ୍ୟ ପାହାଡ଼ିଆ ଜାତିମାନଙ୍କୁ ସେନାରେ ବିଶେଷ ସୈନ୍ୟଦଳ ଗବର୍ଣ୍ଣମେଣ୍ଟର ପ୍ରସ୍ତୁତ କରିବା ଉଚିତ ଯେ ତହିଁରେ ଗଭୀରତ ଓ ଅନ୍ୟାନ୍ୟ ପାହାଡ଼ୀ ସ୍ଥାନମାନ ସୁନ୍ଦର ରକ୍ଷିତ ହୋଇ ପାରିବ । ଲେଫ୍ଟେନେଣ୍ଟ କର୍ଣ୍ଣେଲ ଡୁବାଏର ଅଳ୍ପ ଏଥିର କାର୍ଯ୍ୟକାରିତା ପରୀକ୍ଷା କରୁଥିଲେ ବର୍ତ୍ତମାନ ତାହା ଛାଡ଼ିବା ଉଚିତ ନୁହେ । ସେମାନେ ଉତ୍ତମ ସୈନ୍ୟ ହୋଇ ପାରନ୍ତି । ଆମ୍ଭେମାନେ ଏ ପ୍ରସ୍ତାବର ଅନୁମୋଦନ କରୁଅଛୁଁ ।

ଶୋଲାପୁରର ଜଣେ ବେସନ୍ ଜଜ ସାହେବ ଜଣେ ଡାକ୍ତର ଓ ଜ ୪ ଜଣ ବ୍ରାହ୍ମଣଙ୍କୁ ଉତ୍କୋଚ ଦେବା ଅପରାଧରେ ପ୍ରତ୍ୟେକକୁ ମାସ ମାସ ଲେଖାଏ ଦଣ୍ଡ ଦେଇଥିବାର ଟେଲିଗ୍ରାଫରେ ପାଠ କଲୁଁ । ତାହାଙ୍କ ଦେଶରୁ ଜଣେ କବଣ ପଳାଇ ଆସିଥିଲା ସେ ତାହାକୁ ଲୁଚାଇଥିବା ଓ ତାହାଙ୍କ ପୁତ୍ରସଦୃଶ ଅନୁସରଣ କରିଥିବା ଅପରାଧରେ କେତେକ ଜଣ ଲୋକ ଶୋଲାପୁରର ଅଧିଶ୍ରଙ୍କ କଲେକ୍ଟର ଓ ମେଜିଷ୍ଟ୍ରେଟ ସମୀପକୁ ଆସିଶ ହୋଇ ଥିଲେ । ଆସାମିମାନେ ମୋକଦ୍ଦମା ଖାରିଜ କରିବା ଅଭିପ୍ରାୟରେ ମେଜିଷ୍ଟ୍ରେଟଙ୍କ ଖାନସାମାକୁ ଘୁଷ ଦେବା କରୁଥିଲେ । ସେ ବ୍ରାହ୍ମଣମାନେ ସମସ୍ତେ ଧନବାନ ଏବଂ ଦେଶମାନ୍ୟ ଅଟନ୍ତି । ସେମାନେ ସାହେବଙ୍କ ପଠାଇ କଥାବାର୍ତ୍ତା ଆରମ୍ଭ କଲେ । ଖୋସାମଦ ପଦମର କେତେକ ଦିନ ସେବକ ଲାଗିବାରୁ ସେ ହଠାତ୍ ଧରା ହୋଇ କେତେ ଏମାନଙ୍କୁ ଧରାଇ ଦେଲେ । ଉତ୍ତମ ।

## ପତ୍ରପ୍ରେରକଙ୍କ ପତ୍ର ।

ଗତ ସଭା ସମ୍ପର୍କରେ କେତେଗୁଡ଼ିଏ ପତ୍ର ପାଇଅଛୁଁ । ସେ ସମସ୍ତ ସଭାର ମୂଳ ପ୍ରସ୍ତାବର ସମାଲୋଚନା ନ ଥାଇ କେବଳ ବକ୍ତୃତା ବା ତର୍କ ବିତର୍କ ସହିତ ସମ୍ପର୍କ ରଖିଥିବାରୁ ପ୍ରକାଶିତ ନ ହେଲା ନୂତନ ସଭାରେ ବଳ ଉଣା ଅଧିକ ଦେଖିବା ବିଚିତ୍ର ନୁହେ ଭରସା ହୁଅଇ ସଭ୍ୟମାନେ ଚେଷ୍ଟା କଲେ ସଭାର କାର୍ଯ୍ୟ ଅଚିରେ ସର୍ବାଙ୍ଗ ସମ୍ପୂର୍ଣ୍ଣ ହୋଇପାରିବ ।

## ପ୍ରେରିତପତ୍ର ।

ଶ୍ରୀମଦ୍ ଉତ୍କଳଦୀପିକା ସମ୍ପାଦକ

ମହାଶୟେଷୁ

ମହାଶୟ !

ଏତନ୍ନିମ୍ନରେ ଲେଖିଥିବା ପଂକ୍ତିମାନଙ୍କୁ ଆପଣଙ୍କ ସୁଖ୍ୟାତ ପତ୍ରିକାରେ ସ୍ଥାନ ଟିକିଏ ଦେଇ ବାଧିତ କରିବା ହେବେ ।

କୋଟ୍ଟଂ ଓ ଜାରଖାରେ ଅନ୍ତ (ନମା) ବ୍ରାହ୍ମଣର ୧୩ ବର୍ଷର ବିଧବା କନ୍ୟାକୁ, ମାତା ପିତା କଳାନ ୧୬ ବର୍ଷ ବୟସ୍କ ଏକ ବ୍ରାହ୍ମଣ ବିବାହ ହୋଇ ଯାଇଅଛି ବରକୁ ଟ ୧୦୦୦ ଙ୍କା ପୁରୋହିତଙ୍କୁ ଟ ୨୦୦ ଙ୍କା ଦକ୍ଷିଣାମାନ କନ୍ୟା ପିତା ଦେଇ ଅଛନ୍ତି । ଏତେହୁନେ ବିଧବାଙ୍କ କଷ୍ଟ ଈଶ୍ୱର ବିମୋଚନ କରିବାକୁ ଅଗ୍ରସର ହେଲେ ଓ ଯାହା ହେଉ ବିଧବା ଶୁଭକୁ ପାବନଙ୍କ ପନ୍ଥ ମିଳ ଗଲେ, ଭାରତ ଭୁଣ-ହତ୍ୟାରୁ ମୁକ୍ତ ହେବ, ଈଶ୍ୱରେଚ୍ଛା ନିରଙ୍କୁଶ ।

୧୬।୩।୮୬ } ଯଥାର୍ଥ ଭାଗ ଶ୍ରୀ ନାଗ-ଯୁଣଦଉଭେଳା ଶାଳି ମଣ୍ଡ-ଳର ହେଡ଼ ପଣ୍ଡିତ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକମହାଶୟେଷୁ ।

ମହାଶୟ !

ଖାଜିର ଲାଇସେନ୍ସ ଟାକ୍ସ ଯେପରି ଅତିରିକ୍ତ ରୂପେ ଧାର୍ଯ୍ୟ ହୋଇଅଛି ତାହା ସର୍ବସାଧାରଣ ଅବଗତ ଅଛନ୍ତି, ବର୍ତ୍ତମାନ ଅମ୍ଭେମାନେ କଲେକ୍ଟର ସାହେବଙ୍କ ଜଣାଉ ଅଛୁଁ ଯେ ତାଙ୍କପରି ଦୟାଶୀଳ ବିଚାରପତି ଆଉ ୨ ପ୍ରଜାଙ୍କ ଉପରେ ଉତ୍ପୀଡ଼ନ ହେବା ଅତ୍ୟନ୍ତ ଦୁଃଖର ବିଷୟ ଅଟେ ଖାଜିର ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ କେତେଦୂର ନ୍ୟାୟସଙ୍ଗତ ହୋଇଅଛି କଲେକ୍ଟର ସାହେବ ଅସେସରଙ୍କୁ ପଠାଇ ଅରେ ଛଦ୍ମ ଛଳରେ ଆସେସର ଗଣେଶ ବାବୁ ଟାକ୍ସ ବନ୍ଦୋବସ୍ତର କାର୍ଯ୍ୟ କର ଏ ଦେଶର ପ୍ରଜା ସାଧାରଣର ଅବସ୍ଥା ଉତ୍ତମରୂପେ ବୁଝି ଅଛନ୍ତି ତାହାଙ୍କୁ ଛଦ୍ମ ହେଲେ ସୁନ୍ଦର କଥା ପ୍ରକାଶ ପାଇବ । ଖାଜି ପଣି ସାହେବଙ୍କ ପଦତଳରେ ଶରଣ ଲଭଅଛୁ ହେ ଯଦ ପ୍ରଜା-ମାନଙ୍କର ଦୁଃଖ ନ ଦେଖିବେ ତେବେ ଖାଜି-ର ଖତଘନ ହେବାକୁ କ ଇଚ୍ଛା ହେବ ନାହିଁ ?

୨୦।୮।୮୬ } ଆପଣଙ୍କର ଜଣେ ପାଠକ ।

## ବିଜ୍ଞାପନ ।

# ଓଡ଼ିଆ ନାଟକ ।

## କାଞ୍ଚୀ କାବେରୀ

ବା

ପ ଦ୍ମା ବ ତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନିର ଯନ୍ତ୍ରାଳୟରେ ଦଣ୍ଡିପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ୧ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ଟ ୦ ୯ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି ଯେ ଆଗାମୀ ତା ୨୬ ରୁଷ ଭାଦ୍ର ରବିବାର ଘଣ୍ଟା ୭ ସମୟରେ କଟକ ଟ୍ରେନିଂସ୍କୁଲ ହଲରେ ଶିକ୍ଷାବର୍ଦ୍ଧିନୀ ସଭାର ତୃତୀୟ ବାର୍ଷିକ ସାମ୍ବତ୍ସରିକ ଅଧିବେଶନ ହେବ ଅତ-ଏବ ସଭ୍ୟମାନେ ନିର୍ଦ୍ଦିଷ୍ଟ ସମୟରେ ସମାଗତ ଉପସ୍ଥିତ ହୋଇ ଉତ୍ସାହିତ ଓ ଅନୁଗୃହୀତ କରିବା ହେବେ ।

ଅନ୍ୟୋନ୍ୟ ବିଷୟ । ସଭ୍ୟମାନଙ୍କର ଚାନ୍ଦାଦେବାର ସୁବିଧା ଅଛି ।

କଟକ } ଶ୍ରୀ ରାଧାମୋହନ ଚକ୍ରବର୍ତ୍ତୀ ସମ୍ପାଦକ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ କି କଟକ ଜିଲାର ଅନ୍ତର୍ଗତ ନଂ ୧୯୧୨ ତୌଜି ଭାଇନ ଜଙ୍ଗ । ତା । ଖୋରଧା । ମୌ । ଭୁବନ ସଦରଜମା ଟ ୩୭୨ ୶୯ ଅଟେ ଓ ଅନ୍ୟ ସର୍ବ ଦ୍ୱାରା ଭାବେ ଆଉ ଅଧିକ ପଡ଼ଇ । ତା । ମଧ୍ୟରୁ । କ । ଟ ୦ । ୬ ସଦର ଜମା ଟ ୧୧୬୶୧ । ୬ ଜାନ ଉଚିତ ମୂଲ୍ୟରେ ବିକ୍ରୀ କରିବୁଁ ନିଲାମ ଅତେ ଯେଉଁମାନେ ସେହି ଜାଗା ନେବାକୁ ଇଚ୍ଛା କରନ୍ତି ସେ ସତ୍ତ୍ୱ ଜଣ ନେବାର ଇଚ୍ଛା ହେଲେ ସହର କଟକ ଚାନ୍ଦନୀଚୌକ ଶ୍ରୀ ଗୋପାଳଚନ୍ଦ୍ର ମିତ୍ରଙ୍କ ନିକଟରେ ଆଗାମୀ ସେପ୍ଟେମ୍ବର ମାସ ତା ୧୫ ସୁଦ୍ଧା ମାଲୁଜାମି ଦେଖାଇ ତେଉଁଙ୍କ ଦୁଆରରେ ଉପସ୍ଥିତ ହେଲେ ସବୁ ବୃତ୍ତାନ୍ତ ଜାଣିପାରିବେ । ଇତି ।

୨୩।୮।୮୬ } ଶ୍ରୀ ଗୋପାଳଚନ୍ଦ୍ର ମିତ୍ର ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବିବେଚିତ । କଲେକ୍ଟରର ପ୍ରଧାନ ପ୍ରଧାନ ପରଦେଶୀୟ ଓ ଦେଶୀୟ ଡାକ୍ତରଖାନାରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୧ ପାଉଣ୍ଡରୁ ଟଙ୍କା । ୮ ପାଉଣ୍ଡରୁ ଟ ୧୧ ଙ୍କା । ୧୨ ପାଉଣ୍ଡରୁ ଟ ୨୦୪ ମ ଲି ଇତ୍ୟାଦି ।

Digitized by srujanika@gmail.com

Split by PDF Splitter



ଅସ୍ମ ନକଟରେ ଯାଦୁକାଣକ ଘୃତ ଅଶ୍ଚର୍ଯ୍ୟ ମଲମ ପ୍ରଭୃତ ଗଛ ଏକ୍ଟ ମୋଡ଼କର ମୂଲ୍ୟ ଟ ୦ ୵୶ ଏହା ସନ୍ନ୍ୟାସୀ ଦତ୍ତ ଔଷଧ ଅଟେ ।

୧୬।୮।୮୨ } ଶ୍ରୀ ଭଗବତୀଚରଣ ଦାସ
କେନ୍ଦ୍ରପଡ଼ା ।

---

ଓଡ଼ିଆ ଭାଷାରେ ସଚିତ୍ର ବୃକ୍ଷିବଷପ୍ରକ ପ୍ରଥମ ପୁସ୍ତକ ଲେଖିବାର ଯେଉଁ ପ୍ରଣାଳୀ ଗତ ଜାନୁଏର ମାସ ତା ୧୨ ରଖର ଓଡ଼ିଆ ଗବର୍ଣ୍ଣମେଣ୍ଟ ଗେଜେଟରେ ନର୍ଦ୍ଧାରିତ ହୋଇଥିଲା ତହିଁ ଅନୁକ୍ରମରେ ଏଥିଦ୍ୱାରା ଏହି ସମ୍ବାଦ ଦିଆଯାଉଅଛି ଯେ ୧୮୭୯ ସାଲ ଜୁଲାଇ ମାସ ୧୪ ତାରିଖର ବିଜ୍ଞାପନ ପ୍ରଯୁକ୍ତିରେ ଯେଉଁ ୨ ହସ୍ତଲିପି ପଠା ଯାଇଥିଲା ତାହା ଅନୁପଯୋଗୀ ଦେଖା ଯିବାରେ ସେହି ପୁସ୍ତକ ନିମିତ୍ତ ଯେଉଁ ଏକଶତ ଟଙ୍କା ପୁରସ୍କାର ଦେବା କଥା ପ୍ରକାଶ ହୋଇଥିଲା ତାହା ଚଳିତ ନିୟମାଧୀନରେ ପୁନର୍ବାର ପ୍ରକାଶ କରାଗଲା ।

୧ । ଉକ୍ତ ପୁସ୍ତକର ହସ୍ତଲିପି ପରୀକ୍ଷା ହେବା ସକାଶେ ଆସନ୍ତା ସେପ୍ଟେମ୍ବର ମାସ ଶେଷ ହେବା ପୂର୍ବେ ଏହି କଚେରିରେ ଗ୍ରହଣ ହେବ ।

୨ । କସ୍ତିଷଣ୍ଡିକ ଛପା ହେଲେ ଅଠ ପେଜିଆ ଆକାରରେ ୭୦ ପୃଷ୍ଠାରୁ ଅଧିକ ହେବ ନାହିଁ ।

୩ । ପାଠଶାଳାର ଛାତ୍ରମାନେ ସେହି ବହି କିଣି ପାରିବା ସକାଶେ ତହିଁର ମୂଲ୍ୟ ଅଳ୍ପ ଦରରେ ନର୍ଦ୍ଧାରିତ ହେବ ।

ବହି ମଞ୍ଜୁର ହେଲେ ତାହା ଛପା ହେଲାଉତ୍ତାରେ ପୁରସ୍କାର ଦିଆଯିବ ।

Sd. A. Smith,
*Commissioner.*

---

**ORIENTAL**
**GOVERNMENT SECURITY LIFE ASSURANCE COMPANY "LIMITED"**
*BOMBAY*

For prospectus, yearly reports of meetings, the fast progress of the Co. and for all other information, please pply to

J. Winterscale,
*Agent in Orissa*
No.1 Cantonments.

ଓରିଏଣ୍ଟାଲ ଗବର୍ଣ୍ଣମେଣ୍ଟ ସିକୁରିଟି ଲାଇଫ୍ ଆସୁରାନ୍ସ କମ୍ପାନୀ ନାମକ ଜୀବନ ବୀମା କରିବାର କମ୍ପାନୀ ବୋମ୍ବାଇ ନଗର ।

ଏ କମ୍ପାନୀର ଅନୁଷ୍ଠାନପତ୍ର ବାର୍ଷିକ ବିଜ୍ଞାପନୀ ଏବଂ ବାର୍ଷିକ ସମ୍ମିଳନୀର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ଜେ ଉଇଣ୍ଟରସ୍କେଲଙ୍କଠାରେ ଆବେଦନ କଲେ ପ୍ରାପ୍ତ ହେବ ।

. ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ

କଟକ ନଂ ୧ ନମ୍ବର କ୍ୟାଣ୍ଟନମେଣ୍ଟ ବଜାର ।

---

ଷଷ୍ଠାଙ୍କକରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମୀ ପରିଣାମଶୂଳ ଆରୋଗ୍ୟ ହୁଅଇ । ମା ୭ ଦାନ୍ଧୁ ଟ ୧୯ ଙ୍କା

କ୍ଷୁନ୍ନୁଦ୍ୱାକର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନଷ୍ଟପ୍ରାୟ ଭଲ ହୁଅଇ । ମା ୭ ଖାନ୍ଧୁ ଟ ୧୯ ଙ୍କା ।

ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ଭଲ ହୁଅଇ । ୧୬ ମାତ୍ରାକୁ ଟ ୧୯ ଙ୍କା ।

ମୀନକେତନ ବଟିକା ।

ଅତ ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଅଇ । ୫ ମାତ୍ରାକୁ ଟ ୧ ଙ୍କା

କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଅଉ ଦଶ ବର୍ଷରୁ ନ୍ୟୂନ ପୁଂସତ୍ୱହୀନ ରୋଗ ଭଲ ହୁଅଇ । ୪ ମାତ୍ରାକୁ ଟ ୧୯ ଙ୍କା ।

ଏ ସବୁ ଅଉ ନେହ ପ୍ରସ୍ତୁତ ତୋଡର ଉତ୍କୃଷ୍ଟ ଔଷଧମାନ ଅସ୍ମ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୨ }
ଜାଜପୁର } ଶ୍ରୀ ରାମଚନ୍ଦ୍ର ବୈବର୍ତ୍ତ ପାଢ଼ୀହାସ୍ୟ ।
କଟକ }

---

ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ

କୃତ

ଉଦାସୀନଦତ୍ତ ମହୌଷଧ ।

# ଅ ମୃ ତ ଚୂ ର୍ଣ୍ଣ ।

ଏକପ୍ରସ୍ଥ [ ୨୦ ମସାର ] ମୂଲ୍ୟ ଟ ୪ । ଅଣା ୧୪ ପ୍ରସ୍ଥ ଏକାବେଳକେ ନେଲେ ଟ ୨୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ ଟ ୦ । ଗୃହ ଅଣା ଏବଂ ୫ ପ୍ରସ୍ଥ ଔଷଧ ଏକ ବଣ୍ଡିଲରେ ଟ ୦ । ଅଣା ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ୍ୟ, ଅସାଧ୍ୟ, ଓ କଷ୍ଟସାଧ୍ୟ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, ବହୁକାଳର ଶୂଳ, ଶିରଃପିଡ଼ା, ହୃଦରୋଗ, ଶ୍ୱାସକାସ, ଗ୍ରହଣୀ, ଅମ୍ଳପିତ୍ତ, ଅମ୍ଳଶୂଳ, ପୁରାତନ ଜ୍ୱର, ପ୍ଳୀହା, ଯକୃତ, ଅତିସାର, ବାତ, ଅର୍ଶ, ପୁରାତନ ପ୍ରମେହ, ଉପଦଂଶ, ପାରାଘଟିତ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେଗୁଡ଼ିଏ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ଭୌତିକ ରୋଗ, ସ୍ୱପନେ ଭୟ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ସ୍ୱଚ୍ଛନ୍ଦ ବିଧାୟକ ଅଟଇ । ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାକୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିଆ ଭାଷା ଜାଣନ୍ତି ନାହିଁ ।

# ଓଲାଉଠାର ଅମୋଘ

## ଏବଂ

ଅଦ୍ୱିତୀୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକଡ଼ା ଜଣ୯୫ଣରୁ ଅଧିକ ରୋଗୀ ଆରୋଗ୍ୟ ହେଉଅଛନ୍ତି । ଓଲାଉଠାର ୫୦ଟି ବଟିକାର ମୂଲ୍ୟ ବର୍ତ୍ତମାନ ଟ୪ଙ୍କା । ଏଥିରେ ଜ୨୦ଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ୨ । ଏହା ସେବନ କଲେ ଗର୍ଦ୍ଦି ଗର୍ମି ରୋଗ ଅତି ଆଶ୍ଚର୍ଯ୍ୟରୂପେ ଅର୍ଦ୍ଧଘଣ୍ଟାକ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ ନିଶ୍ଚୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମିଶିର ପୋଖାରୀ, ସହର ବନାରସ

---

ସାନୁନୟ ନିବେଦନ ମିଦଂ ।

ମହାଶୟ !

୨ୟ ଥର ଅମୃତଚୂର୍ଣ୍ଣ ଆଣାଇ ଆମ୍ଭର ଜଣେ ଆତ୍ମୀୟକୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁଶ୍ଚିକିତ୍ସ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେଦିନ ଆମ୍ଭର ଆତ୍ମୀୟ ସ୍ୱକଯୋଡ଼ାନିବାସୀ ଶ୍ରୀଯୁକ୍ତ ଗିରୀଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଆଣାଇ ଆଜକୁ ଦ୧୬ନ ହେଲା ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରି ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦେଶରେ ଏତେ ଦିନରେ ପ୍ରଚାରିତ ହେବାରୁ ବୋଧହୁଏ ଅନେକ ଲୋକ ରୋଗଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଆମ୍ଭେମାନେ ଏହାର ଉପକାରିତା କୃତଜ୍ଞତାର ସାଧାରଣ ସମାଜରେ ପ୍ରଚୁର

Digitized by srujanika@gmail.com

Split by PDF Splitter



ଉତ କରିବାକୁ ତ୍ରୁଟୀ କର ନାହୁଁ ବ କରବୁଁ ନାହୁଁ ।

ଶ୍ରୀ ରାମଦାସ ମଣ୍ଡଳ
ଝାନାଦଘୀ ଜିଲା ବାଙ୍କୁଡ଼ା

ଗୁଣାର୍ଣ୍ଣବେଷୁ !

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବିଖ୍ୟାତ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରଦ ଦୋଷ ଜାତ ମ୍ଳାନିଆ, ଶିରଃପୀଡ଼ା, ଘନ୍ନାୟୁ ବସ୍ତୁ ପାନ କଲା ସମୟରେ ନାସିକାବାଟେ କେତେକ ଅଂଶ ବାହାର ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତର ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଳ ଓ ପୁରାତନ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ବିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିଷ୍କୃତି ଲାଭ କରିଅଛୁଁ । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ସେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ କୀର୍ତ୍ତନଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି ତ୍ରୁଟି କରିବୁଁ ନାହିଁ । ବିବେଚନା କରୁଁ ଏହି ମହୌଷଧିର ଗୁଣ ସର୍ବସାଧାରଣରେ ଜ୍ଞାତ ଥିଲେ କେବେହେଁ ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପଡ଼ିଲ ନଥନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନଓଦାହ୍ଲାପୋଷ୍ଟ ଜିଲା ଯଶୋହର

ମହାଶୟ !

ଆପଣଙ୍କ ଡିସ୍ପେନ୍ସରୀରେ କ୍ଷୟ, ଯକ୍ଷ୍ମା ଓ ବହୁକାଳର ପ୍ରମେହ ରୋଗର ଗୋଟିଏ ମହୌଷଧ ଅଛି । ସେହି ଭେଷଜ ସେବନ କରି ଆମ୍ଭର ଶଳାପତ୍ର ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧିର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରଚାରିତ କରିବାକୁ ତ୍ରୁଟି କରିବୁଁ ନାହିଁ । ଏବଂ ଯହିଁରେ ଦିନାଜପୁର ଜିଲ୍ଲାର ପଲ୍ଲୀ ଗ୍ରାମରେ ପ୍ରଚାର ହେବ ସେଥିପାଇଁ ଆମ୍ଭେ ସ୍ଥାନେ ସ୍ଥାନେ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ କାଗଜରେ ଲେଖି ପ୍ରକାଶ କଲୁଁ ।

ଶ୍ରୀ ପ୍ରତାପଚନ୍ଦ୍ର ମୁଖୋପାଧ୍ୟାୟ
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦିନାଜପୁର

ମହାଶୟ !

ସମ୍ପ୍ରତି ଆମ୍ଭ ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ଯେ କ ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ । ଶଏ ଅଠର ଜଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତଦ୍‌ବାଦ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା । କର୍ପାତ ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହାନ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କ ଏହି ଭୟାନକ ଦୁର୍ଦ୍ଦମ୍ୟରୋଗରୁ ନିଷ୍କୃତି ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଅଧିକ କହିପାରୁ ଯେ, ଓଲାଉଠାରୋଗପ୍ରପୀଡିତ ମୁମୂର୍ଷୁ ବ୍ୟକ୍ତିଙ୍କି ମଧ୍ୟ ଅର୍ଥାତ୍ ଶେଷାବସ୍ଥାର ରୋଗିକୁ ସୁଦ୍ଧା ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥିବ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନହେଇ । ଅତ୍ର ନଗରର ମାନ୍ୟବର ଅସିଷ୍ଟାଣ୍ଟ ସାର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟଣା ମନୁଷ୍ୟକୃତ ଔଷଧୀଦ୍ୱାରା କସ୍ମକାଳରେ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଶନର ସାହେବ ଆପଣଙ୍କ ପ୍ରେରିତ [illegible] ବଣ୍ଡିଲ ଔଷଧୀ ଲହୋର୍ ଅମୃତସହର ଓ ଜଳନ୍ଧରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବଲ୍ଲଭ ମୁଖୋପାଧ୍ୟାୟ
ହେଡ଼କ୍ଲାର୍କ ଡେପୁଟୀ କମିଶନର୍ସ ଅଫିସ,
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଭଣୋଇ ଶ୍ରୀଯୁକ୍ତ ବାବୁ ଭୂପାଳଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲେରାପିଲ କ୍ରୟ କରି ଥିଲେ ଆମ୍ଭେ ଆହ୍ଲାଦର ସହିତ ତାହାର ମହତ୍ ରୋଗ ନିବାରଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁ ସଂଖ୍ୟକ ଓଲାଉଠା ରୋଗିଙ୍କର ଏହା ବ୍ୟବହାର କରିବାରେ ଯେଉଁ ଆଶା କରା ଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ୍ ଶୀଘ୍ର ରୋଗର ପ୍ରତୀକାର ହୋଇଅଛି ପଚିଶ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆ ଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରି ଅଛନ୍ତି । ପ୍ରକୃତ ଏଥିର ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦି ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଥାଏ ତେବେ ଉକ୍ତ ଔଷଧୀ ଆପଣଙ୍କର କଲେରାପିଲ ବ୍ୟତିରେକେ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଜଣେ ଜଣେ କରି ଅନୁରୋଧ କରୁଅଛୁଁ ଯେ ଯେମନ୍ତ କ ସେମାନେ ଏହି ଔଷଧୀରୁ କିଛି କିଛି ସଂଗ୍ରହ କରି ରଖନ୍ତୁ । କର୍ପାକ ଓଲାଉଠାର ପ୍ରାଦୁର୍ଭାବ ସମୟରେ ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବର ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ବିଲକ୍ଷଣ ପ୍ରତୀତ ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ ।

ଅପଣ ଇଚ୍ଛା କଲେ ଉପରୋକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ ବ୍ୟତିରେକେ ଅନ୍ୟ କିଛି ନୁହେ ଅର୍ଥାତ୍ ବଢାଇ କରି କହି ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ ।

ଶ୍ରୀ ରାମସତ୍ୟ ମୁଖୋପାଧ୍ୟାୟ
ହେଡକରଣୀ ବେହାର ଇଣ୍ଡିଗୋ ପ୍ଲାଣ୍ଟାରସ
ଏସୋସିଏସନ୍

ନ ୫୪ ମୂର

ଶ୍ରୀମଙ୍ଗଳ ଦେଶ ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୭ ଶ
ସଂ ୪୮ ସଂଖ୍ୟା

ତା ୨ ରିଖ ମାହେ ଡିସେମ୍ବର ସନ ୧୮୮୨ ମସିହା । ମୁ । ଅଗ୍ରହଣ ତା ୧୯ ଦିନ ସନ ୧୨୮୯ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
| --- | --- | --- |
| ବାର୍ଷିକ | ଟ ୫ ୲ | ଟ ୬ ୲ |
| ଡାକମାସୁଲ | ଟ ୦ ।୰ | ଟ ୧ ୲ |

ଗତ ମାସ ତା ୬ ରିଖରେ ପୁରୀ ଜଗନ୍ନାଥଙ୍କ ମନ୍ଦିରରେ ଆତ୍ମଶାସନ ବିଷୟରେ ଗୋଟିଏ ବୃହତ୍ ସଭା ହୋଇଥିଲା । ଅମ୍ଭେମାନେ ତହିଁର କାର୍ଯ୍ୟାବଳୀର ଏକପ୍ରସ୍ଥ ପ୍ରତିଲିପି ଏବଂ ତହିଁ ସଙ୍ଗେ ମହାମାନ୍ୟ ଗବର୍ଣ୍ଣରଜେନେରଲ ଏବଂ ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ନିକଟକୁ ପଠାଯାଇଥିବା ଧନ୍ୟବାଦସୂଚକ ଆବେଦନ-ପତ୍ରର ପ୍ରତିଲିପିମାନ ପ୍ରାପ୍ତ ହୋଇଅଛୁଁ ଏବଂ ତହିଁପାଇଁ ସଭାଠାରେ ଅତ୍ୟନ୍ତ କୃତଜ୍ଞତା ସ୍ୱୀକାର କରୁ-ଅଛୁଁ । ଯେଉଁ ପ୍ରଣାଳୀରେ ପୁରୀସଭା କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ତହିଁର ସବିଶେଷ ଆଗାମୀ ସପ୍ତାହରେ ଜଣାଇବୁଁ ।

———

ଖୋର୍ଦ୍ଧା ଅଞ୍ଚଳରୁ ଏକ ବ୍ୟକ୍ତି ଲେଖିଅଛନ୍ତି କି ଓଡ଼ିଶାର ପୂର୍ବ କମିଶ୍ନର ରେଭେନସା ସାହେବ ଓଡ଼ଗଡ଼ ଅନ୍ତର୍ଗତ ମହିଜା ସିଂଗ-ରମା ଇଲାକା ଲୁସନି ନଦୀରେ ଏକ ବନ୍ଧ ପକାଇବା ସକାଶେ ପ୍ରଜାମାନଙ୍କୁ ଅନେକ ବୁଝାଇ ଥିଲେ ମଧ୍ୟ ପ୍ରଜାମାନେ ଆପତ୍ତି କରିଥିଲେ ସେହି ମହିଜା ଲୁସନୀ ନଦୀରେ ଉଜ୍ଜ୍ୱଳ ନାମକ ଏକ ବନ୍ଧ ପଡ଼ିଲେ ଛଗଡ଼ ଇଲାକା ଜଳ-କଷ୍ଟ ଦୂର ହେବ ପୂର୍ବେ ସେଠାରେ ବନ୍ଧ ଥିଲା ବର୍ତ୍ତମାନ ଯେପରି ବର୍ଷା ହେଉ ନାହିଁ ଏକା ଉଜ୍ଜ୍ୱଳ ବନ୍ଧ ପଡ଼ି ଥିଲେ ଅନାୟାସରେ କ୍ଷେତ ଆବାଦ ହୁଅନ୍ତା । ବର୍ତ୍ତମାନ ହାକିମ-ମାନେ ଯଦି ଉପର ଉକ୍ତ ବିଷୟ ପ୍ରସ୍ତାବ କରନ୍ତି ତେବେ କ୍ରମୁଡି ଗଡ଼ ଇଲାକା ଛଗଡ଼ ପାଣି ମାଡ଼ି କ୍ଷେତ ଆବାଦ ହେବ ଛଗଡ଼ ପ୍ରଜା ପ୍ରତି-ବେଦକ ଆମ୍ଭ ନିକଟରେ ଅନୁରୋଧ କରିବାରୁ ଅମ୍ଭେ ଜଣାଇଲୁଁ ସ୍ଥାନୀୟ ହାକିମମାନଙ୍କୁ ପ୍ରଜାଙ୍କର ଏ ଗୁହାରି ପ୍ରତି ମନୋଯୋଗ କରିବା କାରଣ ଅମ୍ଭେମାନେ ବିଶେଷରୂପେ ଅନୁରୋଧ କରୁଅଛୁଁ ।

———

ମିସର ରାଜ୍ୟରେ ଯୁଦ୍ଧ ଆରମ୍ଭ ହୋଇଅଛି ଗତ ମାସ ତା ୨୭ ରିଖର ସମ୍ବାଦରୁ ଜଣାଯାଏ ଯେ ରାମେସେସ ନଗରଠାରେ ଯେଉଁ ଯୁଦ୍ଧ ହୋଇଥିଲା ତହିଁରେ ଆରବିପାଶାଙ୍କର ଦଶ ହଜାର ସୈନ୍ୟ ଏକତ୍ରିତ ହୋଇଥିଲେ । ଇଂରାଜ ସେନା ଅଶ୍ୱାରୋହୀ ଏବଂ ପଦାତିକ ମିଶି ୧୫୦୦ ଜଣ ଥିଲେ । ସୈନ୍ୟାଧ୍ୟକ୍ଷ ଓଲସେଲୀ ସାହେବଙ୍କ ଆଜ୍ଞାମତେ ସୈନ୍ୟମାନେ ପ୍ରଶଂସ-ନୀୟରୂପେ ଯୁଦ୍ଧ କରି ଶତ୍ରୁପକ୍ଷଙ୍କୁ ହରାଇ ଦେଲେ ଏବଂ ପାଞ୍ଚ ଗୋଟା ତୋପ ଅନେକ ବାରୁଦ ଓ ରସଦ ଏବଂ ଜ ୪୦ ଣ ବନ୍ଦୀ ହସ୍ତଗତ କଲେ । ତହିଁ ଅରଦିନ ପ୍ରାତଃକାଳରେ କାସେସିନଠାରେ ଶତ୍ରୁପକ୍ଷ ଇଂରାଜ ସେନାଙ୍କୁ ଆକ୍ରମଣ କରିଥିଲେ । ଏଦିନର ଯୁଦ୍ଧ ଶତ୍ରୁ ପ୍ରତି ପୂର୍ବଠାରୁ ଅଧିକ କ୍ଷତିକର ହୋଇ ଥିଲା ଓ ତାହାଙ୍କର ଗୋ୧୨ଟା ତୋପ ଇଂରାଜ ହସ୍ତଗତ କଲେ । ଇଂରାଜ ପକ୍ଷରୁ ଜ ୬୦ ଣ ମରି ପଡ଼ି ଅଛନ୍ତି କଥିତ ହୁଅଇ ଆରବିଙ୍କ ସୈନ୍ୟ ମଧ୍ୟରୁ ଅନେକ ହତାଶ ହୋଇ କର୍ମ ଛାଡ଼ି ପଳାଉ ଅଛନ୍ତି ।

———

ଏଠା ଗବର୍ଣ୍ଣମେଣ୍ଟ ଅନୁବାଦକ ଲେସି-ସାହେବଙ୍କ ବିଷୟରେ ଶ୍ରୀଯୁକ୍ତ କମିଶନର ସା-ହେବ ଯେଉଁ ଶେଷ ରିପୋର୍ଟ କରି ଥିଲେ ବଙ୍ଗଳା ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ ନ କରି ପୂର୍ବ ଆଜ୍ଞାକୁ ସ୍ଥିର ରଖିଲେ । ସୁତରାଂ ଲେସି ସାହେବ କର୍ମରୁ ଅପସାରିତ ହେଲେ ଏବଂ ଶୁଣାଯାଏ ଶ୍ରୀଯୁକ୍ତ ମିଲର ସାହେବଙ୍କୁ ଉକ୍ତ ପଦରେ ବାହାଲ କରିବାପାଇଁ କମିଶନର ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରି ଅଛନ୍ତି । ଯେବେ ଏ କଥା ସତ୍ୟ ହୁଅଇ ତେବେ ଅମ୍ଭେମାନେ ଏ ସମ୍ବନ୍ଧରେ ପୂର୍ବେ ଯାହା କଳ୍ପନା କରିଥିଲୁଁ ତାହା ଅସାର ହେଲା ମିଲର ସାହେବଙ୍କ ଯୋଗ୍ୟତା ବିଷୟ ଅମ୍ଭେ-ମାନେ ପୂର୍ବରୁ କହିଅଛୁଁ । ମାତ୍ର ସେ ଏକେ ପାଦ୍ରୀ ଦ୍ୱିତୀୟେ ବୟୋଧିକ ଏବଂ ତୃ-ତୀୟେ ସେ ପଦର ଯୋଗ୍ୟ ବ୍ୟକ୍ତିର ଅଭାବ ଏଠାରେ ନାହିଁ ଏମନ୍ତ ସ୍ଥଳେ କମିଶନର ସାହେବ ତାହାଙ୍କୁ ଏ ପଦରେ ନିଯୁକ୍ତ କରି-ବାର ପ୍ରସ୍ତାବ କଲେ ବଡ଼ ଆଶ୍ଚର୍ଯ୍ୟର ବିଷୟ ଅମ୍ଭେମାନେ ବ୍ୟକ୍ତି ବିଶେଷର ସ୍ୱାର୍ଥ ଅନୁରୋ-ଧରେ ଏ ନିୟୋଗର ପ୍ରତିବାଦୀ ନ ହୋଇ ଦେଶୀୟ ଲୋକଙ୍କର ପ୍ରକୃତ ଭାବ ବ୍ୟକ୍ତ କରିବାକୁ ବାଧ୍ୟ ହୋଇ କହୁଅଛୁଁ କି ଏ

Split by PDF Splitter



ପଦଟି ଦେଶୀୟ ଲୋକଙ୍କ ପ୍ରାପ୍ୟ ଏବଂ ତାହାଙ୍କ ମଧ୍ୟରୁ କାହାରିକୁ ମନୋନୀତ ନ କରି ଗବର୍ଣ୍ଣମେଣ୍ଟଙ୍କ ନିୟମବିରୁଦ୍ଧକାର୍ଯ୍ୟ କରିବା କୌଣସି ମତରେ ଯୁକ୍ତିଯୁକ୍ତ ହୋଇ ନାହିଁ ।

---

ଗତ ବୁଧବାର ଉତ୍କଳସଭାର ଅଧିବେଶନରେ ପୂର୍ବ୨ ଅଧିବେଶନଠାରୁ ଅଳ୍ପଲୋକ ହୋଇଥିଲେହେଁ ସଭାଗୃହଟି ପୂର୍ଣ୍ଣ ହୋଇଥିଲା । ସନ୍ଧ୍ୟା ଘ ୮ ଟା ଠାରେ ସଭା ଆରମ୍ଭ ହୋଇ ଘ ୧୧ ଟା ଉତ୍ତାରୁ ଭାଙ୍ଗିଲା ଇତ୍ୟାଦି ସଭ୍ୟମାନେ ମନୋଯୋଗ ପୂର୍ବକ କାର୍ଯ୍ୟରେ ବ୍ୟସ୍ତ ଥିବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଏ ସଭାରେ ମୋଫସଲ ମିଉନିସିପାଲିଟି ଏବଂ ସ୍ଥାନୀୟ ବୋର୍ଡ ଯେତେ ଭାରି ତର୍କ ବିତର୍କ ଲାଗିଥିଲା ଏବଂ ଅନେକ ସଭ୍ୟ ବକ୍ତୃତାମାନ କରିଥିଲେ ମାତ୍ର କୌଣସି ବିଷୟରେ ସଭାର ମତ ଐକ୍ୟ ହେଲା ନାହିଁ । କେବଳ ଅଧିକାଂଶ ସଭ୍ୟଙ୍କ ମତରେ ମୀମାଂସା ହେଲା । ମୀମାଂସାର ବିଷୟ ପ୍ରଥମ ମୋଫସଲ ମିଉନିସିପାଲିଟି ଅର୍ଥାତ ଏ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ଏବଂ ଯାଜପୁରରେ ଥିବା ମିଉନିସିପାଲିଟିରେ ନିର୍ବାଚନ ବିଧି ପ୍ରଚଳିତ କରିବା ଏଥିରୁ ଅଧିକାଂଶ ସଭ୍ୟଙ୍କ ମତରେ ଧାର୍ଯ୍ୟ ହେଲା ଯେ ସେ ବିଷୟରେ ବର୍ତ୍ତମାନ କିଛି ମତ ଦେବା ଏ ସଭାର ଉଚିତ ନୁହଇ । ଦ୍ୱିତୀୟ ଏ ଜିଲ୍ଲାର ତିନି ସବ୍‌ଡିଭିଜନରେ ସ୍ଥାନୀୟ ବୋର୍ଡ ସ୍ଥାପନ କରିବା । ଏଥିରେ ମଧ୍ୟ ସଭ୍ୟଙ୍କର ଦ୍ୱିମତ ହେଲା ଏବଂ ଅଧିକାଂଶ ସଭ୍ୟଙ୍କ ମତରେ ଧାର୍ଯ୍ୟ ହେଲା କି ସମ୍ପ୍ରତି କେବଳ ସଦର ଡିବିଜନରେ ସ୍ଥାନୀୟ ବୋର୍ଡ ସଂଗଠିତ ହେବାର ଉଚିତ । କେଉଁ ନିୟମ ଓ କାର୍ଯ୍ୟ ପ୍ରଣାଳୀଦ୍ୱାରା ସ୍ଥାନୀୟ ବୋର୍ଡ ସଂଗଠିତ ହେବ ରାତ୍ର ଅଧିକ ହେବାରୁ ସେଦିନ ସ୍ଥିର ହୋଇ ନ ପାରିଲା ଏବଂ ତହିଁପାଇଁ କାଲି ରାତ୍ରରେ ପୁଣି ସଭା ହୋଇ ଥିଲା । ଏ ସଭାର ବିବରଣ ଆଗାମୀ ସପ୍ତାହରେ ଜଣାଇବୁଁ । ସଭାର ପ୍ରଥମାବସ୍ଥାରେ ସଭ୍ୟମାନଙ୍କର ଏପ୍ରକାର ମତଭେଦ ଶୁଣି କେହି୨ ଅସନ୍ତୁଷ୍ଟ ହୋଇ ପାରନ୍ତି କିନ୍ତୁ ଏପ୍ରକାର ମତଭେଦଦ୍ୱାରା କେବଳ ଏ ବିଷୟର ଗୁରୁତ୍ୱ ଅଧିକତର ପ୍ରମାଣ ହେଉ ଅଛି ଏବଂ ସାବଧାନ ପୂର୍ବକ ଅଗ୍ରସର ହେବାର ବିଶେଷ ଆବଶ୍ୟକତା ପ୍ରତ୍ୟକ୍ଷ ହେଉଅଛି ।

---

ଦୁର୍ଭିକ୍ଷ କମିଶନରମାନେ ଦେଶରେ ଦୁର୍ଭିକ୍ଷ ନିବାରଣ ଏବଂ ତହିଁର ପ୍ରତୀକାର ବିଷୟରେ ଅନ୍ୟାନ୍ୟ କଥା ମଧ୍ୟ ଜନ୍ମମୃତ୍ୟୁର ଉତ୍ତମ ହିସାବ ରଖିବାର ଆବଶ୍ୟକତା ଦର୍ଶାଇ ତହିଁର ନିମନ୍ତେ ଗୋଟିଏ ନିୟମ ପ୍ରସ୍ତୁତ କରି ଦେଇ ଥିଲେ । ଏବଂ ସମସ୍ତ ନଗର ଓ ଗ୍ରାମରେ ଜନ୍ମମୃତ୍ୟୁ ରେଜିଷ୍ଟରୀ କରାଇବାକୁ ଲୋକଙ୍କୁ ଆଇନାନୁସାରେ ବାଧ୍ୟ କରିବାର ପ୍ରସ୍ତାବ କରିଥିଲେ । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ସେ ନିୟମ ପ୍ରତି ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ମତ ଗ୍ରହଣ ପୂର୍ବକ ଏହି ସିଦ୍ଧାନ୍ତ କରିଅଛନ୍ତି କି କେବଳ ନଗରମାନଙ୍କରେ ମିଉନିସିପାଲିଟିଦ୍ୱାରା ଯେ ପରି ଜନ୍ମମୃତ୍ୟୁର ତାଲିକା ପ୍ରସ୍ତୁତ ହେଉଅଛି ସେହି ପରି ବର୍ତ୍ତମାନ ହେବା ଉଚିତ ମୋଫସଲ ଗ୍ରାମମାନଙ୍କରେ ଉକ୍ତ ବିଷୟ ରେଜିଷ୍ଟରୀ କରିବାର ସମୟ ଏପର୍ଯ୍ୟନ୍ତ ଉପସ୍ଥିତ ହୋଇ ନାହିଁ । ଲୋକେ ମିଉନିସିପାଲିଟିର ଏହି କାର୍ଯ୍ୟ କେତେ ଦିନ ଦେଖି୨ ଜାଣି ପାରିବେ ଯେ ଏହାଦ୍ୱାରା କୌଣସି ଅନିଷ୍ଟର ଆଶଙ୍କା ନାହିଁ ଏବଂ ଏହି ଜ୍ଞାନ ମୋଫସଲମାନଙ୍କରେ ପ୍ରଚରିତ ହେଲେ ତାଲିକା ସଂଗ୍ରହ କରିବାର ସୁଯୋଗ ହେବ । ଗବର୍ଣ୍ଣମେଣ୍ଟଙ୍କର ଏହି ବିଚାର ସୁନ୍ଦର ହୋଇଅଛି । ଗବର୍ଣ୍ଣମେଣ୍ଟ ଆହୁରି କହିଅଛନ୍ତି କି ମୃତ୍ୟୁର ତାଲିକାଦ୍ୱାରା ଦୁର୍ଭିକ୍ଷ ଜଣା ଯିବାର ସମ୍ଭାବନା ନାହିଁ କାରଣ ମୃତ୍ୟୁ ଦୁର୍ଭିକ୍ଷର ଚରମଫଳ ହେଉଅଛି । ଯେତେବେଳେ ଦୁର୍ଭିକ୍ଷ ଦେଶରେ ଘୋଟି ଯାଇ ନାନାବିଧ ରୋଗ ଜାତ କରିବ ଏବଂ ତହିଁରେ ମୃତ୍ୟୁ ବୃଦ୍ଧି ହେବ ସେତେବେଳେ ଦୁର୍ଭିକ୍ଷ ନିବାରଣ କରିବାର ଉପାୟ ବିଶେଷ ଫଳପ୍ରଦ ହେବ ନାହିଁ । ଜିଲ୍ଲା କଲେକ୍ଟରମାନଙ୍କର କର୍ତ୍ତବ୍ୟ ହେଉଅଛି କି ଏପରି ଦୁଃସମୟ ଉପସ୍ଥିତ ହେବା ପୂର୍ବରୁ ଦୁର୍ଭିକ୍ଷର ଆଗମନ ବାର୍ତ୍ତା ଜାଣି ପାରିବେ ଏବଂ ତହିଁର ପ୍ରତିବିଧାନ କରିବେ । ଜନ୍ମମୃତ୍ୟୁର ତାଲିକା ସ୍ୱାସ୍ଥ୍ୟବିଧାୟକ କର୍ମଚାରୀଙ୍କ ନିକଟକୁ ପ୍ରେରିତ ହେବ ଏବଂ ସେମାନେ କୌଣସି ସ୍ଥାନରେ ମୃତ୍ୟୁସଂଖ୍ୟାର ଅସ୍ୱାଭାବିକ ବୃଦ୍ଧି ଦେଖିଲେ ତାହା ନିବାରଣ ବିଷୟରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ବିହିତ ପରାମର୍ଶ ଦେବେ ।

---

ବାବୁ ଶ୍ୟାମସୁନ୍ଦର ଦତ୍ତ ଇନ୍‌ସ୍ପେକ୍ଟରଙ୍କ ନାମରେ ପୁଣି ଗୋଟିଏ ଫୌଜଦାରି ମକଦ୍ଦମା ଉପସ୍ଥିତ ହୋଇଅଛି । ତହିଁର ବୃତ୍ତାନ୍ତ ଯେପରି ଅନେକ ଲୋକଙ୍କଠାରୁ ଶୁଣିଅଛୁଁ ତାହା ଏହି— ଗତ ରବିବାର ସହରରେ ଏଠା ଶ୍ରୀ ଗୋପାଳଜୀଉଙ୍କ ମଠରେ ଝୁଲଣ ଯାତ୍ରା ହେଉଥିବା ସମୟରେ ଡେପୁଟି ସାହେବ ପୁଲିସ ଇନ୍‌ସ୍ପେକ୍ଟର, କାନ୍ତବାବୁ ଓ ବସ୍ତାନଥି ନାୟବ ପୁଲିସ କନେଷ୍ଟବଲ ଓ ତିନିଜଣ ପଠାଣ କନେଷ୍ଟବଲ ଏମାନଙ୍କ ଶ୍ୟାମବାବୁ ସଙ୍ଗେ ଯେତେ ଯୋତା ସହିତ ମନ୍ଦିର ମଧ୍ୟରେ ପ୍ରବେଶ କଲେ । ଏହି ସମୟରେ ମଠର ଜଣେ ବାବାଜୀ ଓ ଜଣେ ଗୁମାସ୍ତା ସେମାନଙ୍କୁ ବାରଣ କରି କହିଲେ କି ମନ୍ଦିର ଭିତରକୁ ଅହିନ୍ଦୁ ଖ୍ରୀଷ୍ଟିୟାନ ଓ ମୁସଲମାନଙ୍କର ଓ ମଧ୍ୟ ଯୋତା ପିନ୍ଧି ହିନ୍ଦୁମାନଙ୍କର ଯିବାର ନିଷେଧ ମାତ୍ର ସେମାନେ ନ ମାନି ନାଟ ମନ୍ଦିର ଭିତରକୁ ଯାଇ ସେଠାରେ ପଡ଼ିଥିବା ବେଞ୍ଚରେ ବସି ସ୍ୱଚ୍ଛନ୍ଦରେ ବେଳରେ ଫୁଲହାରମାନ ଲମ୍ବାଇ ନାଟ ଦେଖିବାରେ ମତ୍ତ ହେଲେ । ଏଥିରେ ଉପସ୍ଥିତ ହିନ୍ଦୁମାନେ ଅତ୍ୟନ୍ତ ବିରକ୍ତ ଓ ଦୁଃଖିତ ହେଲେ ଓ ଗଣ୍ଡଗୋଳ ଲାଗିଲା । ଅନନ୍ତର କେତେକ ଭଦ୍ର ଓ ପ୍ରଧାନ ବ୍ୟକ୍ତି ପୁନଃ୨ ଆପତ୍ତି କରିବାରୁ ସେମାନେ ଉଠିଗଲେ । ମାତ୍ର ଶ୍ୟାମବାବୁ ଏତିକରେ ଶାନ୍ତ ନ ରହି ବାହାରକୁ ଆସି ପ୍ରଗାଢ଼ ହୋଇ ଏତେ ରାତି ପର୍ଯ୍ୟନ୍ତ ନାଟ କରିବାର ପାସ ତଲବ କଲେ । ପାସ ନ ଥିବାର ଉତ୍ତର ପାଇବାରୁ ନାଚ ବନ୍ଦ କରିବାର ଆଜ୍ଞା ଦେଲେ । ଏଥିରେ କେହି ଭଦ୍ରଲୋକ ପ୍ରତିବାଦ କରି ଗୃହ ମଧ୍ୟରେ ନାଚ କରିବା କାରଣ ପାସ ଆବଶ୍ୟକ ନ ଥିବାର କହି ତାଙ୍କର ଏପରି ଉଦ୍ଧତ ମେଜିଷ୍ଟ୍ରେଟଙ୍କୁ ଜଣାଇବାର ଧମକ ଦେବାରୁ ପୁଲିସଦଳ ନରମ ହୋଇ ବାହାରି ଗଲେ । ଏଥିର ନାଲିସ ବେଞ୍ଚରେ ହୋଇଥିଲା ମାତ୍ର ଉଡ୍ରନ ସାହେବ ବିଲାତ ଗମନ ଥିବାରୁ ମକଦ୍ଦମା ଜଏଣ୍ଟ ମେଜିଷ୍ଟ୍ରେଟଙ୍କୁ ଅର୍ପିତ ହୋଇଅଛି । ଆଗାମୀ ସୋମବାର ଏ ମୋକଦ୍ଦମାର ତାରିଖ ଅଟେ ଚାରିଜଣ ଆସାମୀଙ୍କ ଉପରେ ଦଣ୍ଡବିଧିର ଧା୨୯୫ ଓ ୨୯୭ ଧାରାନୁସାରେ ସମନ ହୋଇଅଛି ।

ମକଦ୍ଦମା ବିଚାରାଧୀନରେ ଥିବାରୁ ଆମ୍ଭେମାନେ ମନ୍ତବ୍ୟ ବ୍ୟକ୍ତ କରି ନ ପାରୁଁ ମାତ୍ର ଅଳ୍ପ ଦିନ ହେଲା ଶ୍ୟାମବାବୁ ଶ୍ରୀ ରଘୁନାଥ ଜିଉଙ୍କ ସଙ୍କୀର୍ତ୍ତନ ଦଳ ଉପରେ ଅତ୍ୟାଚାର କରି ଫୌଜଦାରିରେ ଦଣ୍ଡନୀୟ ହୋଇଥିଲେ ଏବଂ ସେ ଦଣ୍ଡ ଅତ୍ୟନ୍ତ ଅପ୍ରଚୁର ଥିବାର ଆମ୍ଭେମାନେ ସେତେବେଳେ କହିଥିଲୁଁ । ତହିଁର ସାର୍ଥକତା ବର୍ତ୍ତମାନ ପ୍ରତିପନ୍ନ ହେଉଅଛି । ନୋହିଲେ ଏତେଶୀଘ୍ର ପୁଣି ଶ୍ରୀ ଗୋପାଳ ଜୀ-

Digitized by srujanika@gmail.com

Split by PDF Splitter



ଉକ୍ତ ମହରରେ ତାଙ୍କର ଅତ୍ୟାଚାର କଥା କେହି ଶୁଣନ୍ତେ ନାହିଁ । ଯାହା ହେଉ ଏହି ଘଟଣାରେ ନଗରବାସୀ ହିନ୍ଦୁମାନେ ବଡ଼ ଅସନ୍ତୁଷ୍ଟ ଓ ବିରକ୍ତ ହୋଇଅଛନ୍ତି ଓ ଏଥିର ଚର୍ଚ୍ଚା ଓ ଆନ୍ଦୋଳନ ଚତୁର୍ଦ୍ଦିଗରେ ଲାଗିଅଛି । ଆମ୍ଭେମାନେ ଆଶା କରୁଁ କି ମାଜିଷ୍ଟ୍ରେଟ ସାହେବ ଏ ମାମଲାକୁ ଅତି ଯତ୍ନ ଓ ମନୋଯୋଗ ସହିତ ବୁଝିବେ ।

---

### କଟକ ଖାସମହାଲ ବନ୍ଦୋବସ୍ତ ।

ଖାସମହାଲର କେତେକ ପ୍ରଜା ଗୁହାରି କରୁ ଅଛନ୍ତି କି ସେମାନଙ୍କୁ ଯେଉଁ ଖଜଣା ଛାଡ଼ ଦିଆଯାଇ ଅଛି ତାହା ପୁନର୍ବାର ସେମାନଙ୍କଠାରୁ ନେବା କାରଣ ହୁକୁମ ହେଉଅଛି । ଏଥିର ବୃତ୍ତାନ୍ତ ଆମ୍ଭେମାନେ ଅନୁସନ୍ଧାନଦ୍ୱାରା ଏହିପରି ଅବଗତ ହୋଇଅଛୁଁ କି ଗତବର୍ଷ ଯେଉଁ ସମୟରେ ଏକ୍‌ଟିଂ କଲେକ୍ଟର ଶ୍ରୀଯୁକ୍ତ ଗ୍ରାଣ୍ଟ ସାହେବ ଖାସମହାଲର ଖଜଣା ଉସୁଲ କରିବାକୁ ବିଶେଷ ହୁକୁମ କରି ଶତ ୨ ନୋଟିସ ଜାରି କଲେ ସେତେବେଳେ ଖାସମହାଲର ଭାରପ୍ରାପ୍ତ ଡେପୁଟୀ କଲେକ୍ଟର ବାବୁ ସୀତାନାଥ ମୁଖର୍ଯ୍ୟା ପ୍ରଜାଙ୍କର ବିଶେଷ କଷ୍ଟ ଦେଖି ଅବସ୍ଥା ଅନୁସନ୍ଧାନ କରି ପ୍ରାୟ ଟ ୧୨୦୦୯ ଙ୍କା ଛାଡ଼ ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କଲେ । ଏ ରିପୋର୍ଟ ସନ ୧୨୮୮ ସାଲ ଶ୍ରାବଣ ମାସରେ ପ୍ରେରିତ ହେଲା ଏବଂ ସନ ୧୨୮୯ ସାଲ ମାର୍ଗଶିର ଜମା ପୁଷ ମାସରେ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ଆସିଲା । ଏହି ସମୟ ମଧ୍ୟରେ ଛାଡ଼ ପାଇବାର ଉପଯୁକ୍ତ ଅନେକ ପ୍ରଜା ଆପଣା ଘରବାଡ଼ି ନିଲାମରୁ ରକ୍ଷା କରିବା କାରଣ ଗୃହସାମଗ୍ରୀ ବିକ୍ରୟ ବା ବନ୍ଧକଦ୍ୱାରା ସମସ୍ତ ଖଜଣା ଅଦାୟ କରିଥିଲେ ଏବଂ ଭବିଷ୍ୟତରେ ଛାଡ଼ ପାଇବେ ବୋଲି ଆଶା କରି ଥିଲେ । ଯେତେବେଳେ ଛାଡ଼ ମଞ୍ଜୁରି ଆସିଲା ସେତେବେଳେ ଯେଉଁ ପ୍ରଜାଏ ସନ ୧୨୮୮ ସାଲର ଖଜଣା ଦେଇ ନ ଥିଲେ ସେମାନଙ୍କୁ ଛାଡ଼ ଦିଆ ଗଲା ଆଉ ଯେଉଁମାନେ ଉକ୍ତ ଖଜଣା ଅଦାୟ କରି ଥିଲେ ସେମାନଙ୍କୁ ସନ ୧୨୮୯ ସାଲର ଖଜଣାରେ ଉକ୍ତ ଛାଡ଼ ମଜୁରି ଦେବାର ଆଜ୍ଞା ହେଲା ଏବଂ ତଦନୁସାରେ ତହସିଲଦାର କର୍ମକାରକ ହେଲେ । ଆମ୍ଭେମାନେ ଦୁଇଗୋଟି ଜଣ ପ୍ରଜାଙ୍କ ପାଟ୍ଟା ଦେଖି ଅଛୁଁ ଏବଂ ତହିଁରେ ଛାଡ଼ର ବିଷୟ ସ୍ପଷ୍ଟ ଲେଖା ଅଛି । ଏଥିକୁ ଖାସମହାଲର ବର୍ତ୍ତମାନ ଭାରପ୍ରାପ୍ତ ଡେପୁଟୀ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ରାୟ ଆଦେଶ ଦେଇ ଅଛନ୍ତି କି ସନ ୧୨୮୮ ସାଲର ଛାଡ଼ ସନ ୧୨୮୯ ସାଲର ଖଜଣାରେ ମଜୁରି ଦିଆ ଯିବ ନାହିଁ । ଏଥିପାଇଁ ସନ ୧୨୮୯ ସାଲର ଖଜଣା ଭରଣାରେ ଯାହାଙ୍କୁ ଛାଡ଼ ଦିଆ ଯାଇ ଅଛି ତାହାଙ୍କଠାରୁ ସେ ଟଙ୍କା ଡେପୁଟୀ ବାବୁ ପୁନର୍ବାର ଅଦାୟ କରିବା ଲାଗି ଆଜ୍ଞା ଦେଇ ଅଛନ୍ତି । ଶୁଣାଯାଏ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ନିକଟରେ ଏଥିର ଆପତ୍ତି କେହି ୨ କରିଥିଲେ ମାତ୍ର ସେ ସ୍ୱୟଂ ଏଥିର ବିଚାର ନ କରି ଡେପୁଟୀ ବାବୁଙ୍କ ନିକଟକୁ ପଠାଇ ଦେଲେ ଏଥିରେ ପ୍ରଜାମାନଙ୍କର ଶୁଭଫଳର ଆଶା ଏକାବେଳକେ ଲୋପ ହୋଇଅଛି । ଫଳତଃ କଟକ ଖାସମହାଲ ପ୍ରଜାଙ୍କର ଦୁଃଖ ସହଜରେ ଯିବାର ନୁହଇ ସେମାନଙ୍କ ଭାଗ୍ୟକୁ ଯେତେ ହାକିମ ଆସୁଅଛନ୍ତି ସେମାନଙ୍କର ବିବେଚନା ଏତେ ସୂକ୍ଷ୍ମ ହୋଇ ଯାଉ ଅଛି କି ତହିଁର ଅସ୍ତିତ୍ୱ ବାରି ହେଉ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ନ୍ୟାୟ ବିଚାରକୁ ସେମାନେ ଏମନ୍ତ ମାର୍ଗରେ ଘେନି ଯାଉ ଅଛନ୍ତି ଯେ ତହିଁରେ ପ୍ରଜାଙ୍କର ଦୁଃଖ ଦୂର ହେବାର ଲେଶକ ଥାଉ ଅକାରଣ ବୃଦ୍ଧି ହେଉଅଛି । ଜଣେ ହାକିମ ବିଚାର ପୂର୍ବକ କେତେ ପ୍ରଜାଙ୍କୁ ଛାଡ଼ ପାଇବାର ଯୋଗ୍ୟ ସ୍ଥିର କଲେ ଓ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କଲେ । ଏ ସ୍ଥଳେ ସେ ଛାଡ଼ ବାବଦ ଟଙ୍କା ଅଦାୟ କରି ଅଛି ବୋଲି କି ତହିଁରୁ ବଞ୍ଚିତ ହେବ ? କେହି ୨ ଜମିଦାର ଏପରି କରୁଥିବେ ଓ କେତେ ଲୋଭ ଗ୍ରସ୍ତ ଜମିଦାରର ଏପରି ସ୍ୱଭାବ ଅଛି କି ହାତରେ ଟଙ୍କା ପଡିଲେ ତାହା ଫେରି ଦେବାକୁ ମୁଖ ପାନ୍ତି ନାହିଁ କିନ୍ତୁ ସରକାର ଘରେ ଏପରି ହେବ ଆମ୍ଭେମାନେ କେବେ ଭାବି ନାହୁଁ । ସରକାର ଏକ ପକ୍ଷରେ ଯେମନ୍ତ ଆପଣା ପାଉଣା କଉଡ଼ାକ ଛାଡନ୍ତି ନାହିଁ ଅନ୍ୟ ପକ୍ଷରେ ତେମନ୍ତ ପାଉଣାର ଅତିରିକ୍ତ କଉଡାଏ ଗ୍ରହଣ କରନ୍ତି ନାହିଁ । ଏହି ହେତୁରୁ ସରକାରଙ୍କ ଠାରେ ଲୋକଙ୍କର ଅସୀମ ବିଶ୍ୱାସ ରହି ଅଛି । ସେ ବିଶ୍ୱାସ ଅତ୍ୟନ୍ତ ମୂଲ୍ୟବାନ୍ ଓ ଯଦ୍ଦ୍ୱାରା ତାହା ବିଚଳିତ ହୋଇ ପାରେ ସେ ବିଚାର କଦାଚ ଭଲ ନୁହଇ । ଯେବେ ଛାଡ଼ ମଞ୍ଜୁର ହେଲା ଏବଂ ପାଉଣାରେ ତାହା ମଜୁରି ଦିଆ ଗଲା ତେବେ କେଉଁ ନ୍ୟାୟରେ ତାହା ପୁନର୍ବାର କରାଯିବ ଆମ୍ଭେମାନେ ବୁଝି ପାରୁ ନାହୁଁ । ଯଦ୍ୟପି କୌଣସି କର୍ମଚାରୀଙ୍କ ଦୋଷରୁ ଭୁଲରେ ଛାଡ ଦିଆ ଯାଇ ଥାଏ ତଥାପି ଆମ୍ଭେମାନେ କହୁଁ କି ପ୍ରଜାଙ୍କ ତହିଁପାଇଁ କିଛି ନ କହି ପରେ ୨ ତାହା ସଜାଡ଼ ନେବା ଉଚିତ ଏକେତ କଠିଣ ବନ୍ଦୋବସ୍ତ ହେତୁ ପ୍ରଜାମାନଙ୍କର ଦୁଃଖ ଓ ଅସନ୍ତୋଷର ସୀମା ନାହିଁ ପୁଣି ଛାଡ ଫେରାଇ ନେବାଦ୍ୱାରା ତାହାକୁ ବୃଦ୍ଧି କରିବା ଅତ୍ୟନ୍ତ ଅନ୍ୟାୟ । ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଁ କି ସ୍ୱୟଂ କଲେକ୍ଟର ସାହେବ ଏ ବିଷୟର ବିଚାର କରି ଗବର୍ଣ୍ଣମେଣ୍ଟଙ୍କ ସୁନାମର ମର୍ଯ୍ୟାଦା ରକ୍ଷା କରନ୍ତୁ ।

—*—

### ପ୍ରାପ୍ତ ।

ଗତ ରବିବାର ପ୍ରିଣ୍ଟିଂ କମ୍ପାନୀଙ୍କ ହୋମହଲରେ ଶିକ୍ଷାବିଧାୟିନୀ ସଭାର ତୃତୀୟ ବର୍ଷର ଷାଣ୍ମାସିକ ଅଧିବେଶନ ହୋଇଥିଲା, ସଭା ମଧ୍ୟରେ ନାନା ସ୍କୁଲର ଅନେକ ଗୁଡଏ ଛାତ୍ର ଉପସ୍ଥିତ ଥିଲେ ସାଧାରଣତଃ ବାଳକମାନଙ୍କର ସଭାକୁ ବଡ ୨ ଲୋକେ ଅବଜ୍ଞା କରନ୍ତି ମାତ୍ର ସୁଖର ବିଷୟ ଏ ସଭାରେ ଦୁଇଜଣ ଉଚ୍ଚ ଶ୍ରେଣୀର ଶିକ୍ଷକ ଉପସ୍ଥିତ ଥିଲେ । ନିୟମିତ ସମୟର କିଞ୍ଚିତ ପରେ ସଭାର କାର୍ଯ୍ୟ ଆରମ୍ଭ ହେଲା, ସଭ୍ୟମାନଙ୍କ ବକ୍ତୃତାରେ ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ ବିଶେଷତଃ ବାବୁ ଲଳିତମୋହନ ଚକ୍ରବର୍ତ୍ତୀ ମନୋହର ବକ୍ତୃତା କରିଥିଲେ । ଏ ଦେଶୀୟ ମହିଳାମାନଙ୍କର ଦୁରବସ୍ଥାର ବିଷୟ ସୁଲଳିତ ଓ ତେଜସ୍ୱିନୀ ଭାଷାରେ ପ୍ରକାଶ କରି ଶ୍ରୋତୃବର୍ଗଙ୍କୁ ଆପ୍ୟାୟିତ କରିଥିଲେ, ଅତି ଅଳ୍ପବୟସରେ ତାଙ୍କର ଏରୂପ ବକ୍ତୃତା ଶକ୍ତି ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇଅଛୁଁ । ସେ ଦିନ ଘାନବାବୁଙ୍କ ସଭାରେ ମୃଗାଙ୍କବାବୁଙ୍କର ବକ୍ତୃତା ଶୁଣି ଅମ୍ଭମାନଙ୍କର ଯେରୂପ ଆନନ୍ଦଲାଭ ହୋଇଥିଲା ଆଜି ସେହିପରି ହୋଇଅଛି, ପ୍ରକୃତରେ ବକ୍ତୃତା ଶୁଣି ନାରୀଜାତିର ଉନ୍ନତି ବିଷୟରେ ଅମ୍ଭମାନଙ୍କର ସହାନୁଭୂତି ଅଧିକ ବଢ଼ିଅଛି । କଟକରେ ବାଳକମାନଙ୍କର ଅନେକ ସଭା ଦେଖାଯାଇଥିଲା ମାତ୍ର ଶିକ୍ଷା ବିଧାୟିନୀ ତନ୍ମଧ୍ୟରେ ପ୍ରକୃତ ଫଳ ଦେଖାଇଅଛି । ଗତ ଛମାସ ମଧ୍ୟରେ ସଭାରେ କେତେ ପ୍ରବନ୍ଧ ପାଠ ହୋଇଥିଲା ଓ କେତେ ବକ୍ତୃତା ହୋଇଥିଲା ବା କି କି କାର୍ଯ୍ୟ ହୋଇଥିଲା ତାହାସବୁ ଏ ସଭାରେ ଜଣାଇଥିଲେ

Digitized by srujanika@gmail.com

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ଉଦାର ଚରିତେଷୁ ।

ମହାଶୟ !

ମୁସଲମାନମାନଙ୍କ ମଧ୍ୟରେ ଏପରି ଗୋଟିଏ ବ୍ୟବସ୍ଥା ଅଛି ଯେ ବିବାହର ଛମାସ ଉତ୍ତରୁ କିମ୍ବା ସ୍ୱାମୀର ମୃତ୍ୟୁ ଅବା ସ୍ତ୍ରୀ ବର୍ଜ୍ଜନ ଦିନଠାରୁ ଦୁଇବର୍ଷ ମଧ୍ୟରେ ସନ୍ତାନ ଜନ୍ମ ହେଲେ ସେ ସନ୍ତାନ ସ୍ୱାମୀର ଔରସଜାତ ବୋଲି ନିଶ୍ଚୟ ସ୍ୱୀକୃତ ହେବ । ବର୍ତ୍ତମାନ ମୁସଲମାନଙ୍କ ମଧ୍ୟରେ ଏହା ପ୍ରଚଳିତଅଛି କି ନା କହି ନ ପାରୁଁ ମାତ୍ର ତାଙ୍କର ବ୍ୟବସ୍ଥା ବିଧାନରେ ଏହିପରି ଲିଖିତ ଅଛି । ଯଦି ଅମ୍ଭେମାନେ ବିବାହ ପୂର୍ବରୁ ( ଇଂରାଜଙ୍କପରି ) ସେହି ପୁରୁଷ ଓ ସ୍ତ୍ରୀ ଦୁହିଙ୍କର ପ୍ରେମାଳାପ (Courtship)ର ସହଯୋଗୀ ଏକତ୍ରାବସ୍ଥାନ ମନେ କରି ନେଉଁ ତେବେ ବିବାହର ଛମାସ ନିମ୍ନରୁ ଔରସଜାତ ସନ୍ତାନର ଜନ୍ମ ହେବା ସମ୍ଭବ ମତ ଅନୁମାନ କରାଯାଇ ପାରିବ ମାତ୍ର ସେପରି ପ୍ରେମାଳାପର ପ୍ରଥା ମୁସଲମାନମାନଙ୍କ ମଧ୍ୟରେ ପ୍ରଚଳିତ ଅଛି କି ନା ତାହା ଦ୍ୱିତୀୟ ସନ୍ଦେହର ସ୍ଥଳ । ଅପରପକ୍ଷରେ ସ୍ତ୍ରୀକୁ ଛାଡ଼ ପତ୍ରଦେବା ଅବା ସ୍ୱାମୀର ମୃତ୍ୟୁ ଦିନଠାରୁ ଦୁଇବର୍ଷ ମଧ୍ୟରେ ଔରସଜାତ ସନ୍ତାନ ଜନ୍ମ ହେବାର କଳ୍ପନା ସୁଦ୍ଧା କରାଯାଇ ପାରୁ ନାହିଁ । ଯତଃ ଇତର ସ୍ତ୍ରୀଲୋକମାନଙ୍କର ଦଶମାସ ଦଶଦିନ ଗର୍ଭଧାରଣର କାଳ—ପଠାଣମାନଙ୍କ ଘରେ କି ସ୍ତ୍ରୀଲୋକମାନେ କେବେ କେବେ ବର୍ଷେ ଦେଢ଼ବର୍ଷ କାଳ ଗର୍ଭ ଧାରଣ କରି ରହି ଥାନ୍ତି ? ଅନ୍ୟଥା ବ୍ୟବସ୍ଥାକାରିଙ୍କର ଅଭିପ୍ରାୟ କି ଥିଲା ? ଆପଣଙ୍କର ଅନେକ ପାଠକଙ୍କ ମଧ୍ୟରୁ ଉପରୋକ୍ତ ବିଷୟ କେହି ସବିଶେଷ ବୁଝାଇ ମୀମାଂସା କରି ଦେଲେ ଅମ୍ଭେ ତାଙ୍କଠାରେ ନିତାନ୍ତ ବାଧିତ ହେବୁଁ ।

କଟକ } ଆପଣଙ୍କର ବଶମ୍ବଦ
୨୨।୮।୮୬ } କେହି ତତ୍ତ୍ୱାନୁସନ୍ଧାୟୀ ।

---

ମହାଶୟ !

ପ୍ରାୟ ଦ ୧୫ ନ ହେବ ଯଶୋରନଗର ଆଉଟପୋଷ୍ଟ ଏଲାକା ମହାନଦୀ ତଟସ୍ଥ ମୌଜେ ରଲୋଚନଗ୍ରାମ ଓଗରରେ କୁମ୍ଭୀରର ପ୍ରାଦୁର୍ଭାବ ହୋଇଅଛି । ପ୍ରଥମେ ନଦୀ ଉତ୍ତରପାରି ଦୟପୁର ମୌଜାର ଏକଜଣ ଗୁଡଅ ଓ ତତ୍‌ପରେ ଦକ୍ଷିଣ ପାରରେ ତଳ ଶିରଳେ ମୌଜାର ଜଗନ୍ନାଥଚକ୍ରବର୍ତ୍ତୀ ନାମକ ଏକ ଜଣ ବ୍ରାହ୍ମଣକୁ ଏକଦିନ ମଧ୍ୟରେ ଧରି ପାଣି ମଧ୍ୟରେ ବୁଡ଼ାଇ କେଉଁ ଆଡ଼କୁ ଘେନିଗଲା କିଛି ଠିକ ପାଆଗଲା ନାହିଁ ବ୍ରାହ୍ମଣଟିକୁ ନେଲାବେଳେ ସେ ହାତଠାରୁ ଡାକିଲା ମାତ୍ର କେହି ସାହସ କରି ନ ଯିବାରୁ ଅବଶେଷରେ ବୁଡ଼ାଇନେଲା ଆହୁରି ଏକଜଣ ଗଉଡ଼ ଆମ୍ବଶିଅ ଉପରେ ବସି ଗୋଡ଼ ଧୋଉଥିବା ସମୟରେ ତାହାର ଡାହାଣ ଗୋଡ଼କୁ ଧଇଲା ଗଉଡ଼ ସେ ଆମ୍ବଶିଅକୁ ଯାପି ଧରିବାରୁ କୁମ୍ଭୀର କେବଳ ତାହାର ଡାହାଣ ଗୋଡ଼ ଛିଣ୍ଡାଇ ନେଇଗଲା ମାତ୍ର ଗଉଡ଼ ଦୁଇଘଣ୍ଟା ପରେ ମରିଗଲା । ପୁନଶ୍ଚ ତା ୨୩ ରିଖ ସକାଳେ ଦାମସାହୁ ନାମକ ଗୁଡ଼ିଆର ଭାର୍ଯ୍ୟା ସକାଳୁ ନଦୀରେ ପାଣି ସାରୁଥିବା ସମୟରେ ତାକୁ ଧରି ଘେନିଗଲା ତାହାର ଆତ୍ମୀୟ ବ୍ୟକ୍ତିମାନେ ଗୃହଆଡ଼େ ତଲାସକରି ପାଇଲେ ନାହିଁ ପ୍ରାୟ ଆଠଘଣ୍ଟା ସମୟରେ ଦୁଇମାଇଲ ତଫାତ୍‌ରେ ଦେଖାଗଲା ଯେ ବୃଦ୍ଧଲିଙ୍ଗ ମହାଦେବଙ୍କ ନିକଟରେ ସେହି ସ୍ତ୍ରୀଲୋକକୁ ପିଠିରେ ପକାଇ ନେଇଯାଇଅଛି ପରେ ତା ୨୪ ରିଖ ସକାଳେ ଆଉ ଏକଜଣ ମାସ୍ତାନ ବ୍ରାହ୍ମଣକୁ ମଧ୍ୟ ମାରିଅଛି ଗାଈ ବାଛୁର ମେଣ୍ଢା ଓ କୁକୁର ଏହା ସଙ୍ଖ୍ୟାକରିବା କଠିନ । ତାହାର ଲଗ ପାଆଯାଉ ନାହିଁ ଦୁଇପାରି ଜଳ ଉପର ପ୍ରାୟ ପାଞ୍ଚକୋଶ ଘେରି ଲଗାଇ ଭୟରେ କେହି ପାଣି ଛୁଇଁବା ଦୂରେ ଥାଉ ନଦୀ କୂଳକୁ ସୁଦ୍ଧା କେହି ଯାଉନାହାନ୍ତି ଅନ୍ୟୂନ ପଚିଶଖଣ୍ଡି ଗ୍ରାମର ଲୋକମାନେ ଗୃହ, ଜନ ଚକିତଅଛନ୍ତି ଅତଏବ କର୍ତ୍ତୃପକ୍ଷମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଉକ୍ତ କୁମ୍ଭୀରର ନଷ୍ଟ ଓ ଦୁଃଖୀ ପ୍ରଜାଙ୍କ ନିରାପଦପକ୍ଷେ ଉଚିତ ଉପାୟ ଅବଲମ୍ବନ କରି ସର୍ବସାଧାରଣଙ୍କର ପ୍ରଶଂସାର ଭାଜନ ହେଉନ୍ତୁ ।

କଟକ } ବଶମ୍ବଦ
୨୭।୮।୮୬ } ଶ୍ରୀ କ୍ଷେତ୍ରମୋହନ ସ୍ୱାଇଁ

---

ମହାଶୟ !

ଗତ ସୋମବାର ସହରରେ ପ୍ରିଣ୍ଟିଂକୋମ୍ପାନୀଙ୍କ ସୌଧୋପରି ଆତ୍ମଶାସନପ୍ରଣାଳୀ ନିର୍ବାଚନ ନିମିତ୍ତ ଯେଉଁ ସଭା ସମାହୂତ ହୋଇ ଥିଲା, ତାହା ଅତ୍ୟନ୍ତ ମନୋରଞ୍ଜକ ଓ ଅଦ୍ଭୁତ୍ୟ ସମସ୍ତ କୃତବିଦ୍ୟ ବ୍ୟକ୍ତିଙ୍କର ଏକତ୍ରାବସ୍ଥିତି ସନ୍ଦର୍ଶନ ପରମସୁଖପ୍ରଦ ହୋଇଥିଲା; ଅହୋ-ପଣ୍ଡିତ-ମଣ୍ଡଳୀ-ମଣ୍ଡିତ-ସ୍ଥଳ-ବକ୍ଷମଧ୍ୟକଂ କମସ୍ତି ଗୁଣଗ୍ରାହକାନାଂ ଚିତ୍ତବୃତ୍ତିମାନନ୍ଦୟିତୁଂ ? ହା, ଅଧୁନିକ ସମ୍ପ୍ରଦାୟରେ ପ୍ରୋତ୍ସାହପରାୟଣ ପଣ୍ଡିତମାନଙ୍କ ସଙ୍ଖ୍ୟା ନ୍ୟୂନ ହେଲେହେଁ ପୂର୍ବକାଳରେ ଅସ୍ମଦ୍ଦେଶୀୟ ପଣ୍ଡିତପ୍ରବରମାନେ ତର୍କ ମୀମାଂସା ଦର୍ଶନ ବେଦାନ୍ତାଦି ସମସ୍ତ ବିଦ୍ୟାରେ ଯଥାସାଧ୍ୟ ବ୍ୟୁତ୍ପତ୍ତି ଲାଭ କରି ସଭା ମଧ୍ୟରେ ଆପଣା୨ର ଗୁଣଗାରିମା ପ୍ରକାଶ ପୂର୍ବକ ବିଚାରର ବହୁ ପରସ୍ପର ତର୍କବିତର୍କ କରିବାଦ୍ୱାରା ରାଜା ପ୍ରଭୃତି ଗ୍ରାହକ ସାଧାରଣର ମନୋମୋଦକ ହୋଇଥିଲେ; ସମସ୍ତେ ବୁଝିଲେ ବା ନ ବୁଝିଲେ, ସେମାନଙ୍କ ସୁଲଳିତ-ମଧୁର-ପ୍ରୟୋଗ-ଜନିତ ବାଗ୍‌ଜାଲରେ ଧୃତ ହୋଇ ପ୍ରାୟ ଆତ୍ମବିସ୍ମୃତ ହୋଇ ଯାନ୍ତି, 'ଫଳ ମଧ୍ୟରେ ପଣ୍ଡିତମାନଙ୍କର ଭୂରି ପ୍ରତିଷ୍ଠା'; ହାୟ, ସେ କାଳ ଗଲା । ବର୍ତ୍ତମାନ ଏ ଦେଶ ଇଂଲଣ୍ଡୀୟ ରାଜାଧିରାଜେଶ୍ୱରୀଙ୍କ ଶାସନାଧୀନ ହେବାରୁ ପୂର୍ବାନନୁଭୂତ ନୂତନ୨ ପରିପାଟୀ ଓ ବିଦ୍ୟା ଓ ଅନୁଷ୍ଠାନାଦି ସମ୍ପାଦିତ ହେବାଦ୍ୱାରା ଭୂୟପରିମାଣରେ ପୂର୍ବାପେକ୍ଷା ସାଧାରଣଙ୍କର ସୁଖ ସ୍ୱଚ୍ଛନ୍ଦତା ସମ୍ପାଦିତ ହୋଇଅଛି । ଯଦିଚ ଏ କଥା ନୂଆ ନୋହେ, ତଥାପି ଏହି ଉତ୍କଳସଭାର ଅନୁଷ୍ଠାନିକ କାର୍ଯ୍ୟକଲାପ ସନ୍ଦର୍ଶନଦ୍ୱାରା ଅମ୍ଭର ହୃଦ୍‌ବୃତ୍ତି ଏମନ୍ତ ଉଦ୍ଭାସିତ ଓ ଆକର୍ଷିତ ହୋଇଥିଲା ଯେ ପୁନରାନ୍ଦୋଳନ ବିନା ନୀରବ ହୋଇ ନ ପାରିଲୁଁ; ଅମ୍ଭେ କିଏ ? ଅମ୍ଭପରି ଅଳ୍ପଜ୍ଞଙ୍କ କେଉଁ ସଭାଗତ ବ୍ୟକ୍ତିଙ୍କ ମନ ସେପରି ନୋହି ଥିବ ? ଯେଉଁଠାରେ କଟକର ମୁକ୍ତାଳଙ୍କାର ତୁଲ୍ୟ ଡେପୁଟୀ କଲେକ୍ଟର ଓ ଉକୀଲ, ପ୍ରଫେସର, ଧନୀ, ମାନୀ, ମହାଜନ ଓ ବିଚକ୍ଷଣ ବକ୍ତା ପ୍ରଭୃତି ସକଳ ସମ୍ପ୍ରଦାୟର ଲୋକ ଉତ୍କଳୀୟ ସର୍ବସାଧାରଣର ହିତସାଧନ ନିମିତ୍ତ ଏକାନ୍ତ ବ୍ରତୀ ହୋଇ ମନୋଗତ ଯୁକ୍ତିଯୁକ୍ତ ଭାବ ବ୍ୟକ୍ତ କରିବାକୁ ଉତ୍ସାହ ସହକାରେ ରୁଣ୍ଡ ହୋଇଅଛନ୍ତି, ପୁଣି ଯେଉଁଠାରେ ସାରାସାରବିଚାରଚତୁରମାନଙ୍କଦ୍ୱାରା ମଧୁର-ଧୀରଗମ୍ଭୀରସ୍ୱରସ୍ଫୁଟିତପ୍ରସ୍ତାବାବଳୀ ଅନୁମୋଦିତ ଓ ସମର୍ଥିତ ହୋଇ ସମୟ୨ରେ ହାସ୍ୟ ଓ କରତାଳୀରୂପ ଉପହାରରେ ପ୍ରତିଧ୍ୱନିତ, ଏପରି

Split by PDF Splitter

Digitized by srujanika@gmail.com

Split by PDF Splitter



ସ୍କୁଲ ଓ କାର୍ଯ୍ୟକୁ ଦୟାମୟ ଗବର୍ନମେଣ୍ଟଙ୍କର ୮୨ ସାଲରେ ଦତ୍ତ ଦୟାର ଫଳ ବୋଲି ଧରୁ ଅଛୁଁ ।

ମହାଶୟ ! ଆମ୍ଭେ ସେ ସମୟରେ ସେହି ସଭରେ ଅଦ୍ୟପ୍ରାନ୍ତ ଥିଲୁଁ, ମାତ୍ର ସାହସର ନ୍ୟୁନତା ବା ଅନଧିକାର ବଶତଃ ଆପଣାର ମାନସିକ ଭାବ ପ୍ରକାଶିତ କରି ପାରି ନାହୁଁ; ବର୍ତ୍ତମାନ ଆପଣଙ୍କ ସମ୍ପାଦକୀୟ ସ୍ତମ୍ଭାଶ୍ରୟ ଭିନ୍ନ ଅନ୍ୟୋପାୟ ନ ଦେଖି ଅତ୍ରଶାସନ ପ୍ରଣାଳୀରେ ଲୋକ ନିର୍ବାଚନ କରିବା ନିମିତ୍ତ କେତୋଟି ଅତି ସଂକ୍ଷିପ୍ତ ମତ ପ୍ରକାଶ ନ କରି ତୁନି ରହି ପାରିଲୁଁ ନାହିଁ ।

୧ ।— ଲୋକନିର୍ବାଚନ ସମ୍ବନ୍ଧେ ।

ମହାଶୟ ! ଆପଣଙ୍କ ଦୟା ଓ ନ୍ୟାୟଗତ ମତ ଅନୁମୋଦନ ପୂର୍ବକ ଜଣାଉ ଅଛୁଁ, ଯେ ସହରବାସୀ ସମସ୍ତ ଟେକ୍ସଦାତା ଲୋକନିର୍ବାଚନ ସମ୍ବନ୍ଧେ ଆପଣା୨ ମତ ଦେଉନ୍ତୁ ମଧ୍ୟ ଉକ୍ତ ମହଦନୁଷ୍ଠାନ ଦୃଷ୍ଟିରେ ପ୍ରାୟ ପାଞ୍ଚସହସ୍ର ଲୋକଙ୍କଠାରୁ ମତ ନେବାର ତାଦୃଶ ଆୟାସ-ସାଧ୍ୟ ବା ଅନିଷ୍ଟକର ନୋହେ। ଯଦି ସହରଟିକୁ ଛ ବା ଆଠଭାଗ କରି ଗୋଟିଏ ଦିନ ନିରୂପଣ ପୂର୍ବକ ପ୍ରତ୍ୟେକ ଭାଗରେ ଦୁଇ୨ ବା ପାଞ୍ଚ୨ ଜଣ କମିଟି ସ୍ୱରୂପେ ନିଯୁକ୍ତ ହେବାହାରା ସମସ୍ତଙ୍କ ମତାନୁଯାୟୀ ବ୍ୟକ୍ତି ସଂଗ୍ରହ କରି, ସେମାନଙ୍କ ମନୋନୀତମାନଙ୍କ ନାମରେ ଗୁପ୍ତ-ଭାବ ସହକାରେ ଲୋକନିର୍ବାଚନ କାର୍ଯ୍ୟ ସମାଧା କରାଯିବ, ତେବେ କମିଶନରଙ୍କ ହିତକାରିତା ଓ ନ୍ୟାୟ ବ୍ୟକ୍ତ ହେବ । ଉତ୍କଳସଭା ମନେ କଲେ ତାହା ଅନାୟାସେ ସାଧି ପାରନ୍ତି । ବିଶେଷାବିଶେଷ ବା ଦେଶୀ ବିଦେଶୀ ପ୍ରତି ଦୃଷ୍ଟି ନ କରି ସର୍ବସାଧାରଣଙ୍କ ମତାନୁସାରେ ସଭା ଓ ସଭାପତି ବିଶେଷତଃ ସଭ୍ୟମାନଙ୍କର ସଂଗଠନ କଲେ କି ଗୌରବ ହାନି ବା ବିପ-ତ୍ତିର ହେବାର ସମ୍ଭାବନା ? ନା ବରଂ ମଙ୍ଗଳ; ଅତଏବ ସଭ୍ୟବୃନ୍ଦ ଏତଜ୍ଜନସମାଜରେ ନିର୍ବା-ଚିତରୂପେ ସୁପରିଚିତ ହେବା ନିତାନ୍ତ ଯୁକ୍ତି ସଙ୍ଗତ, ଓ ସେହିମାନଙ୍କ ଉପରେ ଉତ୍କଳର ଭାର ରହିବା ଫଳପ୍ରଦ ଅଟେ, ମଧ୍ୟ ଇହାର ଦୁଃଖୀ ସୁଖୀ ସମସ୍ତଙ୍କର ଆନନ୍ଦ ଓ ଉତ୍ସାହ ଜାତ ହେବାର ଅଧିକ ସମ୍ଭବ । ପୁଣି ଯେଉଁ କ୍ଷୁଦ୍ରବଳ ହାତେ ବାଟରେ ନାଗରେ ବଢାଇ ବୁଲୁଅଛନ୍ତି ସେମାନଙ୍କ ଦର୍ପୋଦରହିଁ ଶୀତଳ ହେବାର ସମ୍ଭାବନା । ମହାଶୟ ! ଏବିଷୟରେ ଏତିକି ।

ବ୍ୟକ୍ତି ନିର୍ଣ୍ଣୟ ।

(କ) ଯାହାଙ୍କର ସ୍ୱଭାବ ଭଲ; ଫଳତଃ ନିରହଙ୍କାରୀ, ସ୍ୱାର୍ଥତ୍ୟାଗୀ, ଅପକ୍ଷପାତୀ, ଧର୍ମମତି, ପରହିତକାରୀ, ପରିଶ୍ରମୀ, ବିଜ୍ଞ ଓ ଦୟାଶୀଳ, ସମଦର୍ଶୀ, ଧୀର, ଇତ୍ୟାଦି ।

(ଖ) ଯାହାଙ୍କର ଅବସ୍ଥା ଉତ୍ତମ; ଧନ, ମାନ ଓ ଅଳ୍ପତାରୂପ ରତ୍ନତ୍ରୟ ଯାହାଙ୍କ ଅଙ୍ଗସ୍ୱରୂପରେ ପରିଚିତ ହୋଇଥିବ । ଏପରି ବ୍ୟକ୍ତି ଯେବେ ଅବସର ପ୍ରାପ୍ତ ଥିବେ, ତେବେ ଅତ୍ୟନ୍ତ ଭଲ ।

(ଗ) ଯାହାଙ୍କର ଯୋଗ୍ୟତା ଥିବ; ସକଳ କାର୍ଯ୍ୟ ସାଧନୋପାୟର ପ୍ରଥମ ସୋପାନ ଯୋ-ଗ୍ୟତା । ଯେ ରାଜନୀତିଜ୍ଞ ଓ ବହୁଦର୍ଶୀ, ବକ୍ତା ଓ ଲେଖକ, ଚତୁର ଓ ପ୍ରତ୍ୟୁତ୍ପନ୍ନମତି, ସେହି ମାତ୍ର ସଭ୍ୟଗଣ୍ୟ ।

(ଘ) ଯାହାଙ୍କର ଦେଶାନୁରାଗ ଓ ଦେଶା-ନୁଭୂତି ଥିବ; ଏ ଦୁଇ ସଭ୍ୟଶ୍ରେଣୀର ବିଶେଷ ଗୁଣ ଅଟେ ।

ଜଗତରେ ଏପରି ଅନେକ ଲୋକ ଅଛନ୍ତି, ସେମାନେ ମର୍ଯ୍ୟାଦା ଓ ଆସନ ପାଇବା ନିମିତ୍ତ ଅଗ୍ରସର ଓ ସୁକ୍ତଶୀବ, କିନ୍ତୁ ବଖତବେଳେ କ୍ଷୁର ହରେ । କେତେ ପ୍ରଥମେ ଉଷ୍ଣ, ଶେଷରେ ଶୀତଳ; କେତେ କହନ୍ତି ଭଲ, କରନ୍ତି ମନ୍ଦ; ଏହା ଅଜଣା କଥା ନୁହେ । ଯଦି କୋଲିବେ ଯେ ବଙ୍ଗୀୟ ଲୋକେ ସଭ୍ୟରୂପେ ବାଛିତ ହୋଇ ପାରିବେ କି ନା ? ହାଁ ଯେଉଁ କୃତବିଦ୍ୟ ଓ ବହୁଦର୍ଶୀ ବଙ୍ଗୀୟମାନେ ଏ ଦେଶରେ ବସତି କରି ଉତ୍କଳୀୟମାନଙ୍କ ସହାନୁଭୂତି ପ୍ରକାଶ ପୂର୍ବକ ବିଲକ୍ଷଣ ପ୍ରଣୟ ଦେଖାଇ ଆନ୍ତି, ସେମାନେ କଦାଚ ତ୍ୟାଜ୍ୟ ନୁହନ୍ତି କେବଳ ନବାଗତ ଗଣ । ଆଉ ବକ୍ତବ୍ୟ ଏହି ଯେ ଗୋଟିଏ ଉତ୍ତର ସଭା ଓ ଗୋଟିଏ ସହସଭା ସ୍ଥାପିତ ହେଉ, ଏ ସଭା ମହାସଭାର ବଶବର୍ତ୍ତିନୀ ହୋଇ ହୁକୁମ ତାମିଲ କରୁ ।

ପ୍ରିୟ ପାଠକଗଣ ! ଯେମନ୍ତ ସର୍ବଦଳୀୟ ପରି-ଚିତ ସଜ୍ଜନମାନେ ସଂଗଠିତ ହୋଇ ଶାନ୍ତି ଓ ଏକତା ସହିତ ୮୨ସାଲ ଆରମ୍ଭରେ କାର୍ଯ୍ୟ-ପ୍ରଣାଳୀ ପ୍ରଚଳନ କରନ୍ତି, ଏହା ଫଳଦାତା ଜଗ-ଦୀଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସମସ୍ତଙ୍କର ଏକାନ୍ତ କର୍ତ୍ତବ୍ୟ ଅଳମତି ବିସ୍ତରେଣ ।

୨୩।୮।୮୨ ଆପଣଙ୍କର ବଶମ୍ବଦ ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ସୁଧାବନ୍ଦର ଘୋଷ ବିଦରେ | .. | ଟ ୧୲ |
| ଶ୍ରୀ ଶ୍ରୀ ରଜା ବଲ୍ଲଭ ଅଠଗଡ଼ | ବର୍ଷସ୍ଥା | ଟ ୧୮୲ |
| ଶ୍ରୀ ଶ୍ରୀ ରଜା ହରଙ୍ଗିହରପୁର | ବର୍ଷସ୍ଥା | ଟ ୮୲ |
| „ ଦଶପଲ୍ଲା | „ | ଟ ୮୲ |
| ବାବୁ ଜଗମୋହନ ଦାସ କଲିକତା | „ | ଟ ୪୲ |
| „ ଗୋପାଳ ପଣ୍ଡା ଅନୁଗୁଳ | „ | ଟ ୨॥୶ |

# ବିଜ୍ଞାପନ ।

## ଓଡ଼ିଆ ନାଟକ ।

## କାଥୁ କା ବେ ଗୀ

ବା

ପ ତ୍ନୀ ବ ଶ ।

☞ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ୧ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ଟ ୦୧୬ ।

Notice is hereby given that the large Pucca House with Out-buildings, situated at Tulsipur and west of the Kanika Rajah's residence, will be sold by Public Auction to the highest bidder.

Auction to take place at the House at 8 o'clock on Monday morning next the 4th. instant.

Cuttack Sept. 1st. 1882. W. MILLER.

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଚଳିତ ମାସ ତା ୪ ରିଖ ସୋମବାର ସକାଳ ଆଠ ଘଣ୍ଟା ବେଳେ, କନିକା ରଜାଙ୍କ ବସାଘରର ପଶ୍ଚି-ମ ତୁଳସୀପୁରରେ, ମୃତ ସେମପାଥ ସାହେବଙ୍କ ଏକ ପକ୍କା ଘର ନିଲାମରେ ସବୁ ଯାହା ଉପସ୍ଥିତ ଲୋକମାନଙ୍କ ସବୁଠାରୁ ଅଧିକ ମୂଲ୍ୟ ଡାକିଥିବା ବ୍ୟକ୍ତିଙ୍କୁ ବିକ୍ରୟ କରାଯିବ ।

କଟକ ୧ ତାରିଖ ସେପ୍ଟେମ୍ବର ୧୮୮୨ W. Miller.

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବିବେଚିତ । କଲିକତାର ପ୍ରଧାନ ପ୍ରଧାନ ଇଂରେଜୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୫ଆଉନ୍ସକୁ ଟଙ୍କା । ୮ ଆଉନ୍ସକୁ ଟ ୧୧ ଙ୍କା । ୧୬ ଆଉନ୍ସକୁ ଟ ୨୦ ମୂଲ୍ୟ ହେବ ।

ଅତ୍ର କଟକରେ ଯାକୁଜାତକ ରାତ ଅଷ୍ଟର୍ଯ୍ୟ ମଲମ ପ୍ରସ୍ତୁତ ଅଛି ଏକ୍ ମୋଡ଼କର ମୂଲ୍ୟ ଟ ୦ ୲୶ ଏହା ସୁଫଳଦାୟୀ ବଡ଼ ଔଷଧ ଅଟେ ।

୧୭।୮।୮୨ ଶ୍ରୀ ଉଗ୍ରଚରଣ ଦାସ ଦେଉଳପଡ଼ା ।

Digitized by srujanika@gmail.com

Split by PDF Splitter



ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ କି କଟକ ଜିଲାର ଅନ୍ତର୍ଗତ ନଂ ୧୧୧୨ ନମ୍ବର ତଉଜି ବୃତ୍ତି । ପ୍ର । କୋଦଣ୍ଡା । ମୌ । ବୃତ୍ତିର ସଦରଜମା ଟ ୪୭୨।୷୧ ଅଟେ ଓ ଅଂଶ ସରିକଦାରଙ୍କର ବାଦେ ଥାଇ ଆମ୍ଭର ଦଖଲି । କା । ମଧ୍ୟରୁ । ଜା । ଟ ୦ । ୬ ସଦର ଜମା ଟ ୧୧୫୪/୧। ୬ ଖାଲ ଉଚିତ ମୂଲ୍ୟରେ ବିକ୍ରୀ କରିବୁଁ ବର୍ତ୍ତମାନ ଆମ୍ଭେ ଋଣଗ୍ରସ୍ତ ଥିବାରୁ ଗ୍ରାହକମାନଙ୍କେ ରେଜେଷ୍ଟ୍ରି ଅଫିସ ଅବଗତ କରି ନେବାର ଇଚ୍ଛା ହେଲେ ସହର କଟକ କାଜିବଜାର ଶ୍ରୀ ଗଙ୍ଗାଗୋବିନ୍ଦ ମିତ୍ରଙ୍କ ନିକଟରେ ଅଥବା ଅସନ୍ତା ସେପ୍ଟେମ୍ବର ମାସ ତା ୧୫ ରଖେ ମାହାଜନୀ ଦେଣାରେ ଦେଓ୍ୱାନୀ ଅଦାଲତରେ ଉପର ଉକ୍ତ ଶୁଦ୍ଧପଣ ନିଲାମ ହେବ । ଇତି ।

ଶ୍ରୀ ଗଙ୍ଗାଗୋବିନ୍ଦ ମିତ୍ର ।

---

NOTICE.

A Superintendent of Public Works on a salary of Rs. 150 per mensem is required for the Tributary mehals of Dhenkanal. Applications will be received up to the 20th. proximo, None need apply who has not passed at least the departmental examination for the grade of Overseers and has not had some years' practical experience.

Office of Supdt.
Triby. mehals
Cuttack.
29-8-82.

N. K. Das.
*Assistant Supdt.*
*Tributary mehals.*

---

**ORIENTAL**

**GOVERNMENT SECURITY LIFE ASSURANCE COMPANY "LIMITED"**

*BOMBAY*.

For prospectus, yearly reports of meetings, the fast progress of the Co. and for all other information, please pply to

J. Winterscale,
*Agent in Orissa*
No.1 Cantonments.

ଓରିଅଣ୍ଟାଲ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଅସୁରାନ୍ସ କମ୍ପାନି ଲାମିଟ ବମା କରିବାର କମ୍ପାନି ମୋକାମ ବମ୍ବେଇ ।

ଏ କମ୍ପାନୀର ଅନୁଷ୍ଠାନପତ୍ର ବାର୍ଷିକ ବିଜ୍ଞାପନୀ ଏବଂ ବାର୍ଷିକ ସମୃଦ୍ଧିର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ନିମ୍ନସ୍ୱାକ୍ଷରକାରିଙ୍କଠାରେ ଅବେଦନ କଲେ ପ୍ରାପ୍ତ ହେବ ।

ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ
କଟକ ନଂ ୧ ନମ୍ବର କାଣ୍ଟନମେଣ୍ଟ ବଜାର ।

---

ଶଶାଙ୍କକିରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମୀ ପରିଣାମଶୂଳ ଆରୋଗ୍ୟ ହୁଅଇ । ମା ୭ ଖାକୁ ଟ ୧୲ ଙ୍କା

କ୍ଷୁଦ୍ରାକର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନିଶ୍ଚୟ ଭଲ ହୁଅଇ । ମା ୭ ଖାକୁ ଟ ୧୲ ଙ୍କା ।

ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଜ୍ୱର ଭଲ ହୁଅଇ । ୧୫ ମାତ୍ରାକୁ ଟ ୧୲ ଙ୍କା ।

ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଅଇ । ୫ ମାତ୍ରାକୁ ଟ ୧ ଙ୍କା

କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଅଉ ଦଶ ବର୍ଷରୁ ନ୍ୟୂନ ପୁଂସ୍ତ୍ୱହୀନ ରୋଗ ଭଲ ହୁଅଇ । ୪ ମାତ୍ରାକୁ ଟ ୧୲ ଙ୍କା ।

ଏ ସବୁ ଅଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଅମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୨
କାଜିବଜାର
କଟକ
} ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଟ୍ଟନାୟକ ।

---

ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
କୃତ
ଉଦାସୀନଦତ୍ତ ମହୌଷଧ ।

# ଅମୃତଚୂର୍ଣ୍ଣ ।

ଏକପ୍ରସ୍ଥ [ ୨୦ ମାତ୍ରାର ] ମୂଲ୍ୟ ଟ ୪ । ଅଣା ୧୪ ପ୍ରସ୍ଥ ଏକାବେଳକେ ନେଲେ ଟ୫୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ ଟ ୦ । ଚାରିଅଣା ଏବଂ ୫ ପ୍ରସ୍ଥ ଔଷଧ ଏକ ବଣ୍ଡିଲରେ ଟ ୦ । ଅଣା ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ୍ୟ, ଅସାଧ୍ୟ, ଓ କଷ୍ଟସାଧ୍ୟ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, ବହୁକାଳର ଶୂଳ, ଶିରଃପିଡ଼ା, ହୃଦରୋଗ, ଶ୍ୱାସକାସ, ହୃଲ୍ଲାସ, ଅମ୍ଳପିତ୍ତ, ଅମ୍ଳଶୂଳ, ପୁରାତନ ଜ୍ୱର, ପ୍ଲୀହା, ଯକୃତ, ଅତିସାର, ବାତ, ଅର୍ଶ, ପୁରାତନ ପ୍ରମେହ, ଉପଦଂଶ, ପାରଦଘଟିତ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେଗୁଡ଼ିଏ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ଭୌତିକ ରୋଗ, ସ୍ୱପନରେ ଭୟ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ସ୍ୱଚ୍ଛନ୍ଦ ବିଧାୟକ ଅଟଇ । ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାକୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିୟା ଭାଷା ଜାଣନ୍ତି ନାହିଁ ।

# ଓଲାଉଠାର ଅମୋଘ

ଏବଂ

ଅଦ୍ୱିତୀୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକରା ୯୫ଜଣରୁ ଅଧିକ ରୋଗୀ ଆରୋଗ୍ୟ ହେଉଅଛନ୍ତି । ଓଲାଉଠାର ୫୦ଟି ବଟିକାର ମୂଲ୍ୟ ବର୍ତ୍ତମାନ ଟ୪ଙ୍କା । ଏଥିରେ ୨୦ଜଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ୨ । ଏହା ସେବନ କଲେ ସର୍ଦ୍ଦି ଗର୍ମି ରୋଗ ଅତି ଆଶ୍ଚର୍ଯ୍ୟରୂପେ ଅଧଘଣ୍ଟାକ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ ନିଶ୍ଚୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମିଶିର ପୋଖରା, ସହର ବନାରସ

---

ସାନୁନୟ ନିବେଦନ ମିଦଂ ।

ମହାଶୟ !

୨ୟ ଥର ଅମୃତଚୂର୍ଣ୍ଣ ଅଣାଇ ଆମ୍ଭର ଜଣେ ଆତ୍ମୀୟଙ୍କୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁଶ୍ଚିକିତ୍ସ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେଦିନ ଆମ୍ଭର ଆତ୍ମୀୟ ସୁକଯୋଡ଼ା ନିବାସୀ ଶ୍ରୀଯୁକ୍ତ ଗିରିଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଅଣାଇ ଆଜକୁ ଦି୧୨ନ ହେଲା ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରି ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦ୍ଦେଶରେ ଏତେ ଦିନରେ ପ୍ରଚାରିତ ହେବାରୁ ବୋଧହୁଏ ଅନେକ ଲୋକ ଚିରଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଆମ୍ଭେମାନେ ଏହାର ଉପକାରିତା କଲିକତାର ସାଧାରଣ ସମାଜରେ ପ୍ରଚା-

Digitized by srujanika@gmail.com

Split by PDF Splitter



ଗତ କରିବାକୁ ତ୍ରୁଟୀ କରି ନାହୁଁ ବା କରିବୁଁ ନାହିଁ ।

ଶ୍ରୀ ରାମଦାସ ମଣ୍ଡଳ
ଟାନାଦର୍ଶୀ ଜିଲ୍ଲା ବାଙ୍କୁଡ଼ା

ଗୁଣାନ୍ୱିତେଷୁ !

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବିଖ୍ୟାତ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରଦ ଦୋଷ ଜାତ ଗଳୀଘା, ଶିରଃପୀଡ଼ା, ପାନୀୟ ବସ୍ତୁ ପାନ କଲା ସମୟରେ ନାସିକାବାଟେ କେତେକ ଅଂଶ ନିଃସୃତ ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତତ୍ୱ ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଳ ଓ ପୁରାତନ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ୱିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିଷ୍କୃତି ଲାଭ କରିଅଛୁଁ । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ତେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ କୀର୍ତ୍ତନଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି କ୍ଷାନ୍ତ କରିବୁଁ ନାହିଁ । ବିବେଚନା କରୁଁ ଏହି ମହୌଷଧୀର ଗୁଣ ସର୍ବସାଧାରଣରେ ଜ୍ଞାତ ଥିଲେ କେବେହେଁ ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପତିତ ହୁଅନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନଓହାଟ୍ଟାପୋଷ୍ଟ ଜେଲା ଯଶୋହର

ମହାଶୟ !

ଆପଣଙ୍କ ଡପେନ୍ସରେ କ୍ଷୟ, ଯକ୍ଷ୍ମା ଓ ବହୁକାଳର ପ୍ରମେହ ରୋଗର ଗୋଟିଏ ମହୌଷଧ ଅଛି । ସେହି ଭୈଷଜ ସେବନ କରି ଆମ୍ଭର ଶ୍ରଦ୍ଧାସ୍ପଦ ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧୀର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରଚାରିତ କରିବାକୁ କ୍ଷାନ୍ତ କରିବୁଁ ନାହିଁ । ଏବଂ ଯହିଁରେ ଦିନାଜପୁର ଜିଲ୍ଲାର ପଲ୍ଲୀ ଗ୍ରାମରେ ପ୍ରଚାର ହେବ ସେଥିପାଇଁ ଆମ୍ଭେ ସ୍ଥାନେ୨ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ କାଗଜରେ ଲେଖି ପ୍ରକାଶ କଲୁଁ ।

ଶ୍ରୀ ପ୍ରଭାତଚନ୍ଦ୍ର ମୁଖୋପାଧ୍ୟାୟ,
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦିନାଜପୁର

ମହାଶୟ !

ସମ୍ପ୍ରତି ଆମ୍ବଲା ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ଯେ ତ ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ । ଶଏ ଅଠଚାଳିଶଜଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତଦ୍‌ବାଦ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା କଦାଚ ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହତ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କ ଏହି ଭୟାନକ ଦୁର୍ଦ୍ଦମ୍ୟରୋଗରୁ ନିଷ୍କୃତି ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଅକୁଣ୍ଠ କହିପାରୁ ଯେ, ଓଲାଉଠାରୋଗପ୍ରପୀଡ଼ିତ ମୁମୂର୍ଷୁ ବ୍ୟକ୍ତିଙ୍କି ମଧ୍ୟ ଅର୍ଥାତ୍ ଶେଷାବସ୍ଥାର ରୋଗିକୁ ସୁଦ୍ଧା ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥିବ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନୁହଇ । ଅତ୍ରନଗରର ମାନ୍ୟବର ଅସିଷ୍ଟାଣ୍ଟ ସାର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟନା ମନୁଷ୍ୟକୃତ ଔଷଧୀଦ୍ୱାରା କପ୍ରକାରରେ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଶନର ସାହେବ ଆପଣଙ୍କ ପ୍ରେରିତ * ବର୍ଣ୍ଣିତ ଔଷଧୀ ଲାହୋର ଅମୃତସହର ଓ ଜଲନ୍ଧରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବଲ୍ଲଭ ମୁଖୋପାଧ୍ୟାୟ
ହେଡ଼କ୍ଲାର୍କ ଡେପୁଟୀ କମିଶନର୍ସ ଅଫିସ,
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଭଟୌଲ ଶ୍ରୀଯୁକ୍ତ ବାବୁ ଉଶାକଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲେରାପିଲ୍ କ୍ରୟ କରି ଥିଲେ ଆମ୍ଭେ ଆହ୍ଲାଦର ସହିତ ତାହାର ମହତ୍ ରୋଗ ନିବାରଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁ ସଂଖ୍ୟକ ଓଲାଉଠା ରୋଗିଙ୍କର ଏହା ବ୍ୟବହାର କରିବାରେ ଯେଉଁ ଆଶା କରା ଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ୍ ଶୀଘ୍ର ରୋଗର ପ୍ରତିକାର ହୋଇଅଛି ସୃଳଶ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆ ଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରି ଅଛନ୍ତି । ପ୍ରକୃତ ଏଥିର ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦି ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଥାଏ ତେବେ ଉକ୍ତ ଔଷଧୀ ଆପଣଙ୍କର କଲେରାପିଲ ବ୍ୟତିରେକେ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଜଣ ୨ କରି ଅନୁରୋଧ କରୁଅଛୁଁ ଯେ ସେମାନେ ଏହି ଔଷଧୀରୁ କିଛି ୨ ସଂଗ୍ରହ କରି ରଖନ୍ତୁ । କଦାଚ ଓଲାଉଠାର ପ୍ରାଦୁର୍ଭାବ ସମୟରେ ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବର ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ବିଲକ୍ଷଣ ପ୍ରତୀତ ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ ।

ଆପଣ ଇଚ୍ଛା କଲେ ଉପରଉକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ ବ୍ୟତିରେକେ ଅନ୍ୟ କିଛି ନୁହେ ଅର୍ଥାତ୍ ବଢାଇ କରି କହି ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ ।

ଶ୍ରୀ ରାମସତ୍ୟ ମୁଖୋପାଧ୍ୟାୟ
ହେଡକିରାଣୀ ବେହାର ଇଣ୍ଡିଗୋ ପ୍ଲାଣ୍ଟାରସ
ଏସୋସିଏସନ୍

ନ ୫୪ ମର

☞ ମୂଳପତ୍ର ଦେଖ !

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୭ ଶ
ସଂ ୩୬ ସଂଖ୍ୟା

ତା ୯ ଦିନ ମାହେ ସିପ୍ଟମ୍ବର ସନ ୧୮୮୨ ମସିହା । ମୁ । ଭାଦ୍ରବ ୨୭ ଜ ସନ ୧୨୮୯ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
| --- | --- | --- |
| ବାର୍ଷିକ | ଟ ୫ ୯ | ଟ ୬ ୯ |
| ଡାକମାସୁଲ | ଟ ୦ ୫ | ଟ ୧ ୯ |


ହାଇକୋର୍ଟର ଜଜ ନୋରସ ସାହେବ ଅଲ୍ପଦିନ ହେଲେ ଖଣ୍ଡିଏ ବେନାମୀପତ୍ର ପାଇ ଅତ୍ୟନ୍ତ ବିରକ୍ତ ହୋଇ କହିଲେ ଯେ ଶତକରା ୯୦ ଶ ବେନାମୀ ପତ୍ର ମନାଭିପ୍ରାୟୀ ଲୋକଙ୍କ କର୍ତ୍ତୃକ ଲେଖିତ ହୋଇଥାଏ ଏବଂ ଉକ୍ତ ଲିଖିତ ଲୋକମାନଙ୍କର ଅକାରଣ ବିଶେଷ କ୍ଷତି କରିବାର ଇଚ୍ଛା ଅନୁଭୂତ ହୁଏ । ଯଦି କୌଣସି ଲୋକଙ୍କୁ ଏକ ମୋକଦ୍ଦମାର କିଛି ବିଶେଷ ବିଷୟ ଜଣା ଥାଏ ତେବେ ବେନାମୀ ପତ୍ର ନ ଲେଖି ସେ ବିଷୟ ସାହସ ପୂର୍ବକ ତାହାର ଜଣାଇବାର ଉଚିତ । ଏଭଳି ପତ୍ରମାନଙ୍କରୁ ଲେଖକର ନିତାନ୍ତ କାପୁରୁଷତ୍ୱ ପ୍ରକାଶ ହୁଏ ।— ଅମ୍ଭେମାନେ ଆଶା କରୁଁ ସର୍ବସାଧାରଣ ଏଥିର ପ୍ରକୃତ ମର୍ମ ଗ୍ରହଣ କରି ଏହି ନୀତି ଅବଲମ୍ବନ କରିବାକୁ ଚେଷ୍ଟା କରିବେ ।

---

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି ଯେ ଓଡ଼ିଶାରେ ବୁଦ୍ଧିଜୀବୀ ଓଡ଼ିଆଙ୍କ ପ୍ରତି କର୍ତ୍ତୃପକ୍ଷୀୟ ଲୋକମାନେ ସହାନୁଭୂତି ପ୍ରକାଶ କରୁଥିବା ସ୍ଥଳେ ଆତ୍ମପକ୍ଷୀୟ ସାହେବ ଏବଂ ମାଷ୍ଟ୍ରୀ ସାହେବଙ୍କୁ ସ୍ଥାନୀୟ କର୍ମ ଦେଇ ସନ୍ତୁଷ୍ଟ କରିବାର ରୀତି ଅତ୍ୟନ୍ତ ପ୍ରବଳ ଥିବାର ଜ୍ଞାତସାରରେ ଆସିଅଛି । ଅଳ୍ପଦିନ ହେଲେ ଓଡ଼ିଆ ଅନୁବାଦକର କାର୍ଯ୍ୟ ଖାଲି ହେବାରୁ ଅନେକ ଦେଶୀୟ ଶିକ୍ଷିତ ଯୋଗ୍ୟଲୋକ ତହିଁ ନିମନ୍ତେ ପ୍ରାର୍ଥୀ ହୋଇଥିଲେହେଁ ସେ କାର୍ଯ୍ୟ ଶେଷକୁ ଜଣେ ସାହେବଙ୍କୁ ପ୍ରଦତ୍ତ ହେଲା । ବର୍ତ୍ତମାନ ମୟୂରଭଞ୍ଜରେ ଜଣେ ମେନେଜର ନିଯୁକ୍ତ ହେବାର ଅଛି ଏବଂ ତାହା ବନ୍ଦୋବସ୍ତ କରିବା କମିଶନର ସାହେବଙ୍କ ଇଚ୍ଛାଧୀନ । ଏ କାର୍ଯ୍ୟ ପ୍ରତି ଅନେକେ ଲୋଲୁପ ଅଛନ୍ତି । ମାତ୍ର ଅପକ୍ଷପାତିତାରୂପ ପ୍ରଧାନଗୁଣ କମିଶନର ସ୍ମିଥସାହେବଙ୍କ ଥିବାସ୍ଥଳେ ଏ କାର୍ଯ୍ୟ ଜଣେ ଇଂରାଜଙ୍କୁ ଦିଆଯିବାର ସ୍ଥାନୀୟ ଲୋକଙ୍କର ବିଶ୍ୱାସ ଜନ୍ମିଅଛି । ଗବର୍ଣ୍ଣମେଣ୍ଟଙ୍କର ଏ ସବୁ ବିଷୟ ପ୍ରତି ଦୃଷ୍ଟି ରଖିବା ନିତାନ୍ତ କର୍ତ୍ତବ୍ୟ ।—ଏ ଅତି ସାରବାକ୍ୟ । ଅନୁବାଦକର କାର୍ଯ୍ୟ ସମ୍ବନ୍ଧରେ ଆମ୍ଭମାନଙ୍କର ଯାହା ବୋଲିବାର ଥିଲା ବୋଲିଅଛୁଁ ମାତ୍ର ମୟୂରଭଞ୍ଜ ମେନେଜରୀ କର୍ମ ଯେତେବେଳଯାଏ କାହାରିକୁ ଦିଆଯିବାର ସ୍ଥିର ହୋଇ ନାହିଁ ସେତେବେଳଯାଏ ଅମ୍ଭେମାନେ କିଛି କହି ନ ପାରୁଁ ତେବେହେଁ ଏ କାର୍ଯ୍ୟରେ ଯେ ଜଣେ ଦେଶୀୟ ବହୁଦର୍ଶୀ ଲୋକଙ୍କୁ ନିଯୁକ୍ତ କରିବାର ନିତାନ୍ତ କର୍ତ୍ତବ୍ୟ ତାହା ଅମ୍ଭେମାନେ ସର୍ବଦା ସ୍ୱୀକାର କରିବୁଁ । କର୍ମଗୁଣି ବିୟୋଗ ବିଷୟରେ କମିଶନର ସାହେବଙ୍କର ସ୍ୱବର୍ଣ୍ଣରେ ଅନେକ ତ୍ରୁଟି ଦେଖାଯାଉଅଛି ବଡ଼ ଦୁଃଖର ବିଷୟ ।

---

ମିଶରର ଯୁଦ୍ଧ ସମ୍ପର୍କରେ ଅମ୍ଭେମାନେ ଗତ ସପ୍ତାହରେ ଇଂରାଜଙ୍କର ଜୟ ଘୋଷଣା କରିଥିଲୁଁ । ମାତ୍ର ତହିଁ ଉତ୍ତାରୁ ଯେଉଁ ସମ୍ବାଦ ତାର ଡାକଯୋଗେ ଆସିଲା ତହିଁରୁ ଜଣାଗଲା କି ଇଂରାଜଙ୍କର ଉକ୍ତ ଜୟ ଲାଭ ପ୍ରକୃତ ନ ଥାଇ ବରଂ ତହିଁର ବିପରୀତ ଘଟଣା ହୋଇଥିଲା । ଯୁଦ୍ଧର ଆରମ୍ଭରେ ଇଂରାଜମାନେ ଶତ୍ରୁର ଯେତେଟି ତୋପ ହସ୍ତଗତ କରି ଥିଲେ ତାହା ରକ୍ଷା କରି ପାରିଲେ ନାହିଁ । ଅନ୍ଧକାରରେ ସେ ତୋପମାନ ହଜିଗଲା । ଇଂରାଜଙ୍କ ଅଶ୍ୱାରୋହିମାନେ ଅତ୍ୟନ୍ତ ଶ୍ରାନ୍ତ ହୋଇ ଯୁଦ୍ଧ କରିବାକୁ ଅକ୍ଷମ ହେଲେ ଏବଂ ପଦାତିକଙ୍କର ଗୁଳି ବାରୁଦ ଶେଷ ହୋଇ ଗଲା । ଯେଉଁ ଇଂରାଜ ସେନା ଯୁଦ୍ଧକ୍ଷେତ୍ରରେ ହତ ହୋଇ ଥିଲେ ସେମାନଙ୍କ ଅଙ୍ଗମାନ ଛେଦନ ହୋଇ ଥିବାର ଦେଖାଗଲା । ଅତଏବ ପାଠକମାନେ ଦେଖିବେ ଯେ ଆରବୀଙ୍କ ସେନା ନିତାନ୍ତ ଅକର୍ମଣ୍ୟ ନୁହନ୍ତି । ସେମାନେ ଯୁଦ୍ଧ କରିବାକୁ ବିଲକ୍ଷଣ ପଟୁ । ଇଂରାଜ ସେନାପତି ସେମାନଙ୍କର ଯଥାର୍ଥ ବଳ କଳନା କରି ନ ପାରି ଆପଣା ଟେକ ପ୍ରତି ଅଧିକ ବିଶ୍ୱାସ କରିଥିଲେ ତେଣୁ ଏପରି ଦୁର୍ଦ୍ଦଶାକୁ ଲଭିଲେ । ଏ ସମ୍ବାଦରେ ଇଂଲଣ୍ଡବାସିମାନେ ଯତ୍ପରୋନାସ୍ତି ବିଗାନ୍ୱିତ ହୋଇଅଛନ୍ତି ଏବଂ ମନ୍ତ୍ରୀବର ଗ୍ଲାଡଷ୍ଟୋନ ସାହେବ ଏ ଯୁଦ୍ଧ ଶୀଘ୍ର ନିଷ୍ପତ୍ତି ପାଇବାର ଯାହା ଆଶା କରିଥିଲେ ତାହା ପୂର୍ଣ୍ଣ ହେବ ନାହିଁ ବୋଲି ଏତେବେଳେ ଜଣା ଯାଉଅଛି । ଏଥିଉତ୍ତାରୁ ଆଉ କିଛି ସମ୍ବାଦ ଯୁଦ୍ଧସ୍ଥଳରୁ ଆସି ନାହିଁ ଏବଂ ନ ଆସିବାର କାରଣ ମଧ୍ୟ ଜଣା ଯାଇ ନାହିଁ ଇଂରାଜ ସେନା ଯେ ପ୍ରକାର

Digitized by srujanika@gmail.com

ଅପମାନ ପାଇଅଛନ୍ତି ସେମାନେ ଯେ ଏତେକାଳ ସ୍ଥିର ନ କରି ବସି ରହିଅଛନ୍ତି ଅନୁମାନ ହେଉ ନାହିଁ ବୋଧ ହୁଅଇ ଘୋର ଯୁଦ୍ଧର ସମ୍ବାଦ ଏଥି ମଧ୍ୟରେ ଆସିବ ।

---

ଏ ସପ୍ତାହରେ ଗୋପାଳଜିଉମଠର ମୋକଦ୍ଦମା ହେତୁ ଏ ନଗରରେ ବଡ଼ ଗହଳ ପଡ଼ିଯାଇଅଛି । ଗତ ମଙ୍ଗଳବାର ଶ୍ରୀଯୁକ୍ତ ଜଏଣ୍ଟ-ମାଜିଷ୍ଟ୍ରେଟଙ୍କ ନିକଟରେ ମୋକଦ୍ଦମା ବିଚାର ଆରମ୍ଭ ହେଲା । ପୁଲିସ କର୍ମଚାରୀମାନେ ଅକାରଣ ହିନ୍ଦୁଧର୍ମର ଅପମାନ କରିଅଛନ୍ତି ଏହି ବିଶ୍ୱାସରେ ନଗରବାସିଙ୍କର ଅତିଶୟ ମନଃପୀଡ଼ା ହୋଇଅଛି ଖଜଦରବାରରେ ଏ କାର୍ଯ୍ୟର କିରୂପ ବିଚାର ହେବ ତାହା ଦେଖିବାପାଇଁ ବହୁତ ଲୋକ କଚେରୀକୁ ଯାଇଥିଲେ ମୋକଦ୍ଦମା ଦରପେଶବେଳେ ମିସଲରେ ଏମନ୍ତ ଭିଡ଼ ହେଲା ଯେ ପୁଲିସ ପହରା ବସିବାର ଆବଶ୍ୟକ ହୋଇଥିଲା । ପ୍ରଥମ ଦିନ ମୁଦେଇ ଓ ଜ ୩ ଣ ଗୁହାଙ୍କ ଯୋବାନବନ୍ଦୀ ହେଲା ୨ ୟ ଦିନ ଆଉ ଦୁଇଜଣ ଗୁହାଙ୍କ ଯୋବାନବନ୍ଦୀ ହୋଇ ମୁଦେଇ ଉପରେ ଜେରସବାଲ ହେଲା । ତୃତୀୟ ଦିନ ଅବଶିଷ୍ଟ ଗୁହାଙ୍କ ଉପରେ ଜେରସବାଲ ହୋଇ ଆସାମିଙ୍କର ଜବାବ ନିଆଗଲା । ଏହିଦିନ ବିଚାରପତି ଜଣେ ଆସାମୀ ବାବୁ କାନ୍ତିଚନ୍ଦ୍ର ରାୟଙ୍କୁ ଖଲାସ ଦେଇ ମୋକଦ୍ଦମା ମୁଲତବି ରଖିଲେ । ଚତୁର୍ଥ ଦିନ ଅର୍ଥାତ୍ ଗତକାଲ ବିଚାରପତି ସମସ୍ତ ଆସାମିଙ୍କୁ କାର୍ଯ୍ୟବିଧି ଆଇନର ଧା ୨୧୫ ସ ଅନୁସାରେ ଖଲାସ ଦେଲେ । ନିଷ୍ପତ୍ତି ଉପରେ ଆମ୍ଭମାନଙ୍କ ମନ୍ତବ୍ୟ ଏପକ୍ଷେ ବ୍ୟକ୍ତ କରିବୁ । ସମ୍ପ୍ରତି ଏତିକି କହିବା ଯଥେଷ୍ଟ ଯେ ଏହି ହୃଲମନ୍ଥ ବଜ୍ରପ୍ରାୟ ହିନ୍ଦୁ ସମାଜ ଉପରେ ପଡ଼ି ଅଛି ।

ଏ ମୋକଦ୍ଦମା ଘଟଣାର ଦୁଇ ଏକ ଦିନ ହିସାବୁ ଇଂଲିସମାନ ନାମକ ସମ୍ବାଦପତ୍ରରେ ଏ ବିଷୟର ସମ୍ବାଦ ପ୍ରକାଶ ହୋଇଥିଲା । ଶ୍ରୀଯୁକ୍ତ କମିଶନର ସାହେବ ତାହା ଦେଖି ଏହାର ସବିଶେଷ ବୃତ୍ତାନ୍ତ ଜାଣିବା କାରଣ ମାଜିଷ୍ଟ୍ରେଟଙ୍କୁ ପତ୍ର ଲେଖିଲେ । ମାଜିଷ୍ଟ୍ରେଟ ପଣି ସାହେବ ବିଚାରର ଫଳ ପ୍ରତି ଅପେକ୍ଷା ନ କରି କମିଶନର ସାହେବଙ୍କୁ ଲେଖିଲେ କି ଇଂଲିସମାନରେ ଯେଉଁ ସମ୍ବାଦ ପ୍ରକାଶିତ ହୋଇଅଛି ତାହା ଅମୂଳକ କେବଳ ଶ୍ୟାମସୁନ୍ଦର ବାବୁ ଇନ୍‌ସ୍ପେକ୍ଟରଙ୍କର ଅନେକ ଶତ୍ରୁ ଥିବାରୁ ଏପରି ସଂବାଦ ବାହାରି ଅଛି । ପଣି ସାହେବଙ୍କର ଏପ୍ରକାର ଆଗଭୁଗ ରିପୋର୍ଟର କଥା ଶୁଣି ଲୋକମାନଙ୍କର କିରୂପ ମନଃପୀଡ଼ା ହୋଇ ଅଛି ଆମ୍ଭେମାନେ ବର୍ଣ୍ଣନା କରିବାକୁ ଅକ୍ଷମ । ଯେତେବେଳେ ଜିଲ୍ଲାର ମାଜିଷ୍ଟ୍ରେଟ ଏପ୍ରକାର ମତ ବ୍ୟକ୍ତ କଲେ ଏବଂ ଯେଉଁ ହାକିମ ମୋକଦ୍ଦମାର ବିଚାର କରୁଥିଲେ ସେହି ହାକିମ ସେ ରିପୋର୍ଟ ଦସ୍ତଖତ କରି ପଠାଇଲେ ତେତେବେଳେ ଲୋକେ ମୋକଦ୍ଦମାର ଶେଷ ଫଳ ଅନାୟାସରେ ଅନୁମାନ କରି ପାରିଲେ ଏବଂ ସମସ୍ତେ ଏକବାକ୍ୟ ହୋଇ କହିଲେ କି ଆଉ ହିନ୍ଦୁଧର୍ମ ରକ୍ଷା ପାଇବାର ଉପାୟ ନାହିଁ । ଏତେକାଳ ପଣି ସାହେବଙ୍କ କାର୍ଯ୍ୟକଳାପ ଦେଖି ଲୋକେ ତାହାଙ୍କୁ ଜଣେ ନିସ୍ତେଜ ଓ କ୍ଷୀଣ ବିଶ୍ୱାସୀ ହାକିମ ମନେ କରି ଥିଲେ କିନ୍ତୁ ତାହାଙ୍କଦ୍ୱାରା ବିଚାର ଅଦାଲତର ଏପରି ଅବମାନନା ହେବ କିମ୍ବା ଜନସାଧାରଣଙ୍କ ହୃଦୟରେ ସେ ଏ ପ୍ରକାର ଅନ୍ତରିକ ଆଘାତ ପ୍ରଦାନ କରିବେ କେହି ଆଶା କରି ନ ଥିଲେ । ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଏପରି କାର୍ଯ୍ୟ ଦେଖି ହିନ୍ଦୁମାନେ ହତାଶ ହୋଇ ଅଛନ୍ତି । ଶ୍ରୀଯୁକ୍ତ କମିଶ୍ନର ସାହେବ ଏ ରିପୋର୍ଟକୁ କି ରୂପ ଘେନବେ ଏତିକି ଜାଣିବାକୁ ଅବଶେଷ ରହିଅଛି ।

---

## ଦେଶୀୟ ବ୍ୟବସାୟର ଉନ୍ନତି

ବଡ଼ ଆନନ୍ଦର ବିଷୟ ଯେ ଭାରତବର୍ଷର ବ୍ୟବସାୟ ବାଣିଜ୍ୟ ବୃଦ୍ଧି ସଙ୍କଳ୍ପରେ ମହାମାନ୍ୟ ଲର୍ଡ ରିପନ ଏବଂ ଧନ ସଚିବ ମେଜର ବେରିଙ୍ଗଙ୍କର ସାଧୁ ଚେଷ୍ଟାମାନ ଅଳ୍ପ ପରିମାଣରେ ହେଉ ପଛକେ ସଫଳ ହେବାର ଆରମ୍ଭ ହୋଇଅଛି ଏବଂ କେହି୨ ଦେଶୀୟଲୋକ ସେହି ଫଳ ଲାଭ କରିବାକୁ ଅଗ୍ରସର ହୋଇ ଅଛନ୍ତି । ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ କି ଜଣେ ମାନ୍ଦ୍ରାଜବାସି ଉତ୍ତମ ଇଂରାଜୀ ଲେଖିବାର ସିହାଇ ପ୍ରସ୍ତୁତ କରିଥିବାରୁ ସରକାରୀ କଚେରି-ମାନଙ୍କରେ ଖର୍ଚ୍ଚ ନିମିତ୍ତ ପ୍ରୟୋଜନ ଥିବା ସିହାଇ ତାହାଠାରୁ କ୍ରୟ କରିବାର ଆଜ୍ଞା ହୋଇଅଛି । ସମ୍ପ୍ରତି ଇଣ୍ଡିଆ ଗେଜେଟରେ ପ୍ରକାଶିତ ହୋଇ ଅଛି ଯେ ମାନ୍ଦ୍ରାଜର ଆଉ ଏକବ୍ୟକ୍ତି କି ତାହାଙ୍କର ନାମ ଅମୃତଲାଲ ରାୟ ଅଟଇ ସାଧାରଣ ଗୃହକାର୍ଯ୍ୟର ଉପଯୋଗୀ ଉତ୍ତମ ସିହାଇ ସୁଲଭ ମୂଲ୍ୟରେ ବିକ୍ରୟ କରୁ ଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି କି ସରକାରୀ ଖୟାଖାନାରେ ଖର୍ଚ୍ଚ ହେଉଥିବା ସିହାଇ ଏହାଙ୍କଠାରୁ କ୍ରୟ ହେବ । ନାମରୁ ଏ ବ୍ୟକ୍ତି ଜଣେ ବଙ୍ଗଦେଶୀୟ ହୋଇ ଜଣା ଯାଏ । ବୋଧ ହୁଅଇ ମାନ୍ଦ୍ରାଜରେ ବ୍ୟବସାୟ କରୁଥିବାରୁ ତଦ୍ଦେଶବାସି ବୋଲି ପରିଚିତ ହୋଇ ଅଛନ୍ତି । ଏପରି ବର୍ତ୍ତମାନରେ ପ୍ରେମଚାନ୍ଦ କର୍ମକାର ନାମରେ ଏକ ବ୍ୟକ୍ତି ଏକ ପଇରୀୟା ଓ ଦୁଇ ପଇରୀୟା କଲମ କାଟିବାର ଛୁରୀ ଓ ଚେଲିବାର ଛୁରୀ ଏବଂ କଇଁଚିମାନ ପ୍ରସ୍ତୁତ କରୁ ଅଛନ୍ତି । କଲିକତାର ସ୍ପ୍ରେଣ୍ଟ ଷ୍ଟେସନର ଏହାଙ୍କର ଦ୍ରବ୍ୟମାନ ପରୀକ୍ଷା କରି ଦେଖି ଅଛନ୍ତି ଯେ ଏହି ଅସ୍ତ୍ରମାନ ବିଲାତି ଦ୍ରବ୍ୟର ତୁଲ୍ୟ ନ ହେଲେ ହେଁ ଉତ୍ତମ ଓ କାର୍ଯ୍ୟକାରୀ ଅଟଇ ଏବଂ ଏଥିର ମୂଲ୍ୟ ବିଲାତରୁ ଆସିବା ଅସ୍ତ୍ରଠାରୁ ଅନେକ ଶସ୍ତା ପ୍ରାୟ ଅର୍ଦ୍ଧେ ହେବ । ସ୍ପ୍ରେଣ୍ଟ ସାହେବ ଆପାତତଃ ପରୀକ୍ଷାସ୍ୱରୂପ ଏକ୨ ଅସ୍ତ୍ରକୁ ଦ ୧୨ ଡଜନ ଲେଖାଏ ଫରମାସ ଦେଇ ଅଛନ୍ତି । ଏହା ସେ ଯୋଗାଇ ପାରିଲେ ତାହାଙ୍କଠାରୁ ଅଧିକ ପରିମାଣରେ ଦ୍ରବ୍ୟ ନିଆ ଯିବ । ପ୍ରେମଚାନ୍ଦ କର୍ମକାର ଯେଉଁ ବ୍ୟବସାୟ ଆରମ୍ଭ କରି ଅଛନ୍ତି ଯେବେ ଉପଯୁକ୍ତ ପରିମାଣରେ ଦ୍ରବ୍ୟ ଯୋଗାଇ ପାରିବେ ତେବେ ତାହାଙ୍କର ବିଲକ୍ଷଣ ଲାଭ ହେବ ଓ ଦେଶମଧ୍ୟରେ ଗୋଟିଏ ପ୍ରଧାନ ବ୍ୟବସାୟ ବିସ୍ତର ଉନ୍ନତି କରିବ । ଏଥିରୁ ଦେଖା ଯାଏ ଯେ ଉପଯୁକ୍ତ ଉତ୍ସାହ ପାଇଲେ ଏ ଦେଶୀୟ ଲୋକମାନେ ଅନେକ ପ୍ରୟୋଜନୀୟ ଦ୍ରବ୍ୟ ଯୋଗାଇ ପାରିବେ ଏବଂ ନାନା ବ୍ୟବସାୟରେ କ୍ରମଶଃ ଲିପ୍ତ ହେବେ । ଫଳତଃ ଏ ଦେଶରେ କାରିଗର ଊଣା ନାହାନ୍ତି କେବଳ ଇଂରାଜ ବ୍ୟବସାୟିଙ୍କ ପରିଏମାନଙ୍କର ବହୁତ ଟଙ୍କା ବ୍ୟୟ କରି ବଡ଼୨ କାରଖାନା ଫିଟାଇ କରି ଯନ୍ତ୍ରାଦି ଯୋଗେ ଅଧିକ ପରିମାଣରେ ଦ୍ରବ୍ୟ ଉତ୍ପନ୍ନ କରିବାର ଚେଷ୍ଟା ଅବଶ୍ୟକ । ଏହି ଅଭାବ ଦେଶୀୟ କାରିଗରଙ୍କଠାରେ ଅଧିକ ଦେଖା ଯାଏ ଏବଂ ସେହି ହେତୁ ସେମାନଙ୍କର ବ୍ୟବସାୟର ବିସ୍ତର ଉନ୍ନତି ହୋଇ ପାରୁ ନାହିଁ । ଆମ୍ଭେମାନେ ଅନେକ ସମୟରେ ଅନୁଭବଦ୍ୱାରା ଦେଖି ଅଛୁଁ ଯେ ଭଲ କାରିଗରଙ୍କଠାରୁ ଦ୍ରବ୍ୟ ପାଇବା ଅତି କଷ୍ଟକର ବିଷୟ ମାତ୍ର ବିଲାତରେ ଏହାର ସମ୍ପୂର୍ଣ୍ଣ ବିପରୀତ ଅଟଇ । ସେଠା କାରିଗରମାନେ ଏତେ ଦ୍ରବ୍ୟ ପ୍ରସ୍ତୁତ କରୁ ଅଛନ୍ତି ଯେ ଦେଶ ବିଦେଶର ଲୋକେ ସୁଦ୍ଧା କ୍ରୟକରି ଶେଷକରି ପାରୁ ନାହାନ୍ତି ।

Split by PDF Splitter
Digitized by srujanika@gmail.com

Split by PDF Splitter



ଛାତ୍ରବୃତ୍ତିର ନୂତନ ନିୟମ ।

ଛାତ୍ରବୃତ୍ତି ସମ୍ପର୍କରେ ନୂତନ ସଂଶୋଧିତ ନିୟମାବଳୀ ପ୍ରସ୍ତୁତ ହୋଇ କଲିକତାଗେଜେଟରେ ପ୍ରଚାରିତ ହୋଇଅଛି । ତହିଁର ସଂକ୍ଷେପ ବିବରଣ ଆମ୍ଭେମାନେ ନିମ୍ନେ ପ୍ରକାଶ କରୁଅଛୁଁ ।

ପ୍ରାଇମେରି ଛାତ୍ରବୃତ୍ତି ।—ଏହି ବୃତ୍ତିର ମୂଲ୍ୟ ମାସକୁ ଟ୨୲ଙ୍କା । ଏଥିର ପରୀକ୍ଷା ସକାଶେ କିଛି ଫିସ ନାହିଁ ମାତ୍ର ଏକ ପାଠଶାଳାର ଏକଜଣରୁ ଅଧିକ ଛାତ୍ର ଏହା ପାଇବ ନାହିଁ ଏବଂ ଯାହାର ବୟସ ବ ୧୧ ର୍ଷରୁ ଅଧିକ ସେ ଏଥିର ଅଧିକାରୀ ହେବ ନାହିଁ । ଯେଉଁ ବ୍ୟକ୍ତି ଏ ବୃତ୍ତି ପାଇବ ସେ କୌଣସି ଗବର୍ଣ୍ଣମେଣ୍ଟ ବା ସାହାଯ୍ୟକୃତ ସ୍କୁଲରେ ପଢ଼ି ପାରିବ । ପରୀକ୍ଷାର ବିଷୟ-ହସ୍ତାକ୍ଷର, ହସ୍ତାକ୍ଷର ପାଠ, ବୋଧୋଦୟ, ପାଟୀଗଣିତ ପ୍ରଥମ ଚାରିନିୟମ, ମାନସାଙ୍କ, ବଜାର ଓ ଜମିଦାରୀ ହିସାବ ଏବଂ ସ୍ୱାସ୍ଥ୍ୟରକ୍ଷା ।

ଉଚ୍ଚ ପ୍ରାଇମେରୀ ଅଥବା ନିମ୍ନ ଛାତ୍ରବୃତ୍ତି । ଏହି ବୃତ୍ତିର ମୂଲ୍ୟ ଟ ୩୲ଙ୍କା । ଏକ ସ୍କୁଲରୁ ଏକ ଜଣରୁ ଅଧିକ ଏବଂ ବ ୧୩ ର୍ଷରୁ ଅଧିକ ବୟସର କେହି ବାଳକ ଏହା ପାଇବ ନାହିଁ । ସରକିଲ୍ ଇନ୍ସପେକ୍ଟରମାନେ ଏଥିର ପରୀକ୍ଷା କରିବେ ଏବଂ ପରୀକ୍ଷାର ଫିସ ଅଠଅଣା ଦେବାକୁ ହେବ । ବୃତ୍ତିଭୋଗୀ ବାଳକ ଉପର ଲିଖିତ ମତେ କୌଣସି ବିଦ୍ୟାଳୟରେ ପଢ଼ି ପାରିବ । କେବଳ ଦେଶୀୟ ଭାଷାରେ ପରୀକ୍ଷା ଦେବାକୁ ହେବ ଏବଂ ଉତ୍ତୀର୍ଣ୍ଣ ଛାତ୍ରମାନେ ତିନ ଶ୍ରେଣୀରେ ବିଭକ୍ତ ହେବେ ।

ମାଇନର ଛାତ୍ରବୃତ୍ତି ।—ସମସ୍ତ ବଙ୍ଗପ୍ରଦେଶ ସକାଶେ ଗୋ ୧୫୨ ଟି ବୃତ୍ତି ଦିଆ ଯାଇଅଛି । ଏଥିରେ ପ୍ରଥମ ଶ୍ରେଣୀର ବୃତ୍ତି ଗୋ ୧୦ ଟା ମୂଲ୍ୟ ଟ ୨୦୲ଙ୍କା ଲେଖାଏ, ଦ୍ୱିତୀୟ ଶ୍ରେଣୀର ୪୭ ଗୋଟା ମୂଲ୍ୟ ଟ ୧୫୲ଙ୍କା ଲେଖାଏ ଏବଂ ତୃତୀୟ ଶ୍ରେଣୀର ୯୫ ଗୋଟା ମୂଲ୍ୟ ଟ ୧୦୲ଙ୍କା ଲେଖାଏ । ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଯେଉଁମାନେ ପ୍ରଧାନ ହେବେ ସେହିମାନଙ୍କୁ ପ୍ରଥମ ଗୋ ୧୦ ଟି ଦିଆଯିବ । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ବୃତ୍ତିମାନ ବିଭାଗୀୟ କମିଶନରଙ୍କ ଏଲାକା ମଧ୍ୟରେ ବାଣ୍ଟି ଦିଆ ଯାଇଅଛି ଏବଂ ତଦନୁସାରେ ଓଡ଼ିଶାର ଭାଗରେ ୪ଗୋଟା ଦ୍ୱିତୀୟ ଶ୍ରେଣୀ ଏବଂ ୨ ଗୋଟା ତୃତୀୟ ଶ୍ରେଣୀର ବୃତ୍ତି ପଡ଼ିଅଛି । ପରୀକ୍ଷାର୍ଥୀ ଯେଉଁ ସ୍କୁଲରୁ ପରୀକ୍ଷା ଦେବା ସକାଶ ପ୍ରେରିତ ହେବ ଅନ୍ତତଃ ୯ ମାସ ସେହି ସ୍କୁଲରେ ସେ ପଢ଼ି ନ ଥିଲେ ଏ ବୃତ୍ତି ପାଇବାର ଅଧିକାରୀ ହେବ ନାହିଁ । ଏମାନେ ଯେଉଁ କଲେଜରେ ପଢ଼ିବେ ସେଠାର ନିର୍ଦ୍ଦିଷ୍ଟ ବେତନ ଦେବେ ମାତ୍ର କୌଣସିଠାରେ ଟ ୧୦୲ଙ୍କାରୁ ଅଧିକ ଦେବେ ନାହିଁ । କୌଣସି ଦେଶୀୟ ଭାଷା ବିଶୁଦ୍ଧରୂପେ ଲେଖି ପଢ଼ି ନ ପାରିଲେ କେହି ଏ ବୃତ୍ତି ପାଇବ ନାହିଁ ।

ସିନିୟର ଛାତ୍ରବୃତ୍ତି ।—ଏ ବୃତ୍ତି ଗୋ ୪୯ ଟା ଖଞ୍ଜା ହୋଇଅଛି । ପ୍ରଥମ ଶ୍ରେଣୀର ଗୋ ୧୦ ଟା ମୂଲ୍ୟ ଟ ୨୫୲ଙ୍କା ଲେଖାଏ ଏବଂ ୨ୟ ଶ୍ରେଣୀର ଗୋ ୩୯ ଟା ମୂଲ୍ୟ ଟ ୨୦୲ଙ୍କା ଲେଖାଏ । ପ୍ରଥମ ଶ୍ରେଣୀର ବୃତ୍ତି ଗୋ ୧୦ ଟା ବିଶ୍ୱବିଦ୍ୟାଳୟର ଅନ୍ତର୍ଗତ କଲେଜ ସମୂହର ସର୍ବପ୍ରଧାନ ୧୦ ଜଣ ଛାତ୍ର ପାଇବେ । ୨ୟ ଶ୍ରେଣୀର ବୃତ୍ତି ଗୁଡ଼ିକ କଲିକତା ନଗର ଏବଂ କେତେ ଗୁଡ଼ିଏ ଜିଲ୍ଲା ଓ ବିଭାଗରେ ବାଣ୍ଟି ଦିଆ ଯାଇଅଛି ତହିଁ ମଧ୍ୟରେ ଓଡ଼ିଶାର ଭାଗ ଗୋ ୨ ଟି ଅଟଇ ।

ସ୍ତ୍ରୀମାନଙ୍କ ନିମିତ୍ତ ତିନଶ୍ରେଣୀର ତିନଗୋଟି ଯୁନିୟର ବୃତ୍ତି ଅଲଗା ଖଞ୍ଜା ହୋଇଅଛି । ସେମାନେ କୌଣସି ସ୍କୁଲରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଲେ ତାହା ପାଇବେ ଏବଂ ଡିରେକ୍ଟରଙ୍କ ଅନୁମୋଦନ କ୍ରମେ ଯେକୌଣସି କଲେଜରେ ପଢ଼ି ପାରିବେ । ଏମାନଙ୍କ ସକାଶେ ତିନଶ୍ରେଣୀର ଦ୍ୱୟୋକ୍ତ ସିନିୟର ବୃତ୍ତି ମଧ୍ୟ ଖଞ୍ଜା ହୋଇଅଛି । ଫାଷ୍ଟ୍ଆର୍ଟସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଶ୍ୱବିଦ୍ୟାଳୟର ଅନ୍ତର୍ଗତ କୌଣସି କଲେଜରେ ପଢ଼ିଲେ ଏ ବୃତ୍ତି ପାଇବେ ।

---

## ଉତ୍କଳସଭା ।

ଗତ ମାସ ତା ୧ ରିଖରେ ଏ ସଭାର ଅଧିବେଶନରେ ସ୍ଥାନୀୟ ବୋର୍ଡ ସ୍ଥାପନ ବିଷୟରେ ଏହି ନିୟମମାନ ସ୍ଥିର ହୋଇଅଛି କି ସଦର ସବ୍‌ଡିଭିଜନରେ ଯେଉଁ ବୋର୍ଡ ଗଠିତ ହେବ ତହିଁର ସଭ୍ୟ ଉକ୍ତ ସବ୍‌ଡିଭିଜନ ଅନ୍ତର୍ଗତ ଥାନା ସକଳରୁ ନିର୍ବାଚିତ ହେବେ । କୌଣସି ଏକ ଥାନାରୁ ପାଞ୍ଚ ଜଣରୁ ଅଧିକ ମେମ୍ବର ମନୋନୀତ ହେବେ ନାହିଁ । ଏମାନଙ୍କ ସଙ୍ଗେ ସିଭିଲ ସର୍ଜନ ବାରିକମାଷ୍ଟରସାହେବ, ଏବଂ ସ୍କୁଲ ସମୂହର ଡେପୁଟି ଇନସ୍ପେକ୍ଟରମାନେ ମେମ୍ବର ହେବେ । ମେମ୍ବରମାନେ ଆପଣା ଚେଅରମାନ ମନୋନୀତ କରିବେ । ମେମ୍ବର ମନୋନୀତ କରିବା ଏବଂ ମେମ୍ବର ହେବା ବ୍ୟକ୍ତିଙ୍କ ଯୋଗ୍ୟତା ଉଭୟ ସମ୍ପତ୍ତି ଏବଂ ମାନସିକ ଗୁଣସୂତ୍ରେ ସ୍ଥିର ହେବ । ଅର୍ଥାତ ଯେଉଁମାନେ ବାର୍ଷିକ ଟ ୧୲ଙ୍କା ରୋଡସେସ୍ ଦିଅନ୍ତି କିମ୍ବା ଅନ୍ୟ ଉପାୟରେ ଟ ୧୦୦୲ଙ୍କା ଆୟ କରନ୍ତି ସେମାନେ ମେମ୍ବର ମନୋନୀତ କରିପାରିବେ ଆଉ ଯେଉଁମାନେ ବାର୍ଷିକ ଟ ୫ ଙ୍କା ରୋଡସେସ୍ ଦିଅନ୍ତି କିମ୍ବା କୌଣସି ଉପାୟରେ ଟ ୫୦୦୲ ଆୟ କରନ୍ତି ସେମାନେ ମେମ୍ବର ହେବାକାରଣ ପ୍ରାର୍ଥୀ ହୋଇପାରିବେ । ଏହା ଛଡ଼ା ସାର୍ଟିଫିକେଟ ପାଇଥିବା ନେଟିଭ ଡାକ୍ତର ଉକିଲ ଏବଂ ବିଶ୍ୱବିଦ୍ୟାଳୟର ଉପାଧିଧାରୀ ଅର୍ଥାତ ଯେଉଁମାନେ ସ୍ଥାନୀୟ ବୋର୍ଡର ସୀମା ମଧ୍ୟରେ ବାସ କରୁଥିବେ ସେମାନେ ଉଭୟ ମେମ୍ବର ମନୋନୀତ କରିପାରିବେ ଏବଂ ମେମ୍ବର ହେବାର ଯୋଗ୍ୟ ହେବେ । ମେମ୍ବରମାନଙ୍କ ସଭାରେ ଉପସ୍ଥିତ ହେବା କାରଣ ଗସ୍ତ ଖର୍ଚ୍ଚା ଦିଆଯିବ ଏବଂ ସ୍ଥାନୀୟ ବୋର୍ଡଙ୍କୁ କୌଣସି ନୂତନ ଟାକ୍ସ ଆଦାୟ କରିବାର କ୍ଷମତା ଦିଆଯିବ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟରୁ ଜଣାଯାଏ ଯେ ନିର୍ବାଚନ ପ୍ରଣାଳୀରେ ସ୍ଥାନୀୟ ବୋର୍ଡ ସ୍ଥାପନ ସକାଶେ ଲୋକଙ୍କ ପକ୍ଷରୁ ଆବେଦନପତ୍ର ହେବାର ଆବଶ୍ୟକ ମାତ୍ର ତାହା ଅତ୍ୟନ୍ତ କଷ୍ଟକର ଏବଂ ଅସୁବିଧା ହେତୁରୁ ସଭା କଲେକ୍ଟରସାହେବଙ୍କ ଯୋଗେ ଗବର୍ଣ୍ଣମେଣ୍ଟରେ ଏହି ପ୍ରାର୍ଥନା କରିଅଛନ୍ତି କି ସେପରି ଦରଖାସ୍ତ ବିନା ସ୍ଥାନୀୟ ବୋର୍ଡର ମେମ୍ବର ଏବଂ ଚେଆରମାନ ନିର୍ବାଚନର ଅଧିକାର ଏଠା ଲୋକଙ୍କୁ ଦିଆଯିବ ।

ଉପର ଲିଖିତ ନିୟମମାନ ସଭା ଏକମତ ହୋଇ ସ୍ଥିର କରିଅଛନ୍ତି କେବଳ ଶିକ୍ଷିତ ଲୋକଙ୍କୁ ନିର୍ବାଚନର ଅଧିକାର ଦେବା ପ୍ରସଙ୍ଗରେ ବିସ୍ତର ତର୍କ ବିତର୍କ ହୋଇଥିଲା ତହିଁର କାରଣ ଏହିକି ଶିକ୍ଷିତ ଲୋକ କିଏ ତାହା ସ୍ଥିର କରିବା ବଡ଼ କଠିନ କଥା ଏବଂ ପକ୍ଷାନ୍ତରେ ଏମନ୍ତ ଶିକ୍ଷିତ ଲୋକ ଦେଖିବାରେ ଆସଇ ନାହିଁ କି ଯାହାର ଆୟ ବାର୍ଷିକ ଟ ୧୦୦୲ଙ୍କା ସୁଦ୍ଧା ନୁହଇ । ଯେରୂପ ଆୟ ନିର୍ଦ୍ଦିଷ୍ଟ ହୋଇଅଛି ତହିଁରେ ଶିକ୍ଷିତଲୋକ ଛାଡ଼ିଯାଇ ନାହାନ୍ତି ତେବେ ତାହାଙ୍କୁ ବିଶେଷ କରି ଯୋଗ୍ୟ ବୋଲିବାର ପ୍ରୟୋଜନ କି ? ଏହି ହେତୁରୁ ଜଣେ ସଭ୍ୟ ଏକାବେଳକେ ଶିକ୍ଷିତ ଲୋକଙ୍କର ଉଲ୍ଲେଖ ନ କରିବାର ପ୍ରସ୍ତାବ କରିଥିଲେ ମାତ୍ର ଦୁଇ ଚାରି ଜଣ ଛଡ଼ା ଆଉ କେହି ତହିଁରେ ସମ୍ମତ ହେଲେ ନାହିଁ । ସୁତରାଂ ଗୁଣି ଲୋକମାନେ

Digitized by srujanika@gmail.com

ଯୋଗ୍ୟ ବୋଲି ସ୍ଥିର ହେଲେ । ମାତ୍ର ସଭା କେବଳ ନେଟିବ ଡାକ୍ତର ଉକିଲ ଏବଂ ବିଶ୍ୱବିଦ୍ୟାଳୟର ଉପାଧିଧାରୀଙ୍କୁ ଗୁଣୀ ମଧ୍ୟରେ ଆଣିଅଛନ୍ତି । ଏଥିରେ ପଣ୍ଡିତ ମୁକ୍ତାର ଅବଧାନ ଏବଂ ଅନ୍ୟାନ୍ୟ ଗୁଣିଲୋକଙ୍କର ହୃଦୟରେ ବେଦନା ଜାତ ହେବାର ସମ୍ଭାବନା । ଏଥି ପାଇଁ ଅମ୍ଭେମାନେ ଏ ପ୍ରସ୍ତାବକୁ ଅନୁମୋଦନ କରୁନାହୁଁ । ଯେଉଁମାନେ ଗୁଣିଲୋକ ଥିବାର ମତ ଦେଲେ ସେମାନେ କେବଳ ଗୁଣର ଟେକ ରଖିବାକୁ ବ୍ୟସ୍ତ ହେଲେ । ସେପରି ନିୟମ କରିବାର ଦୋଷ ଗୁଣ କିଛି ଅନୁଭବ କରି ପାରିଲେ ନାହିଁ । ବିଦ୍ୟାଶୂନ୍ୟ ଚାତୁର୍ଯ୍ୟ ଏବଂ ଅର୍ଥଶୂନ୍ୟ ପଣ୍ଡିତ ଅମ୍ଭମାନଙ୍କ ବିବେଚନାରେ ଏକ ଶ୍ରେଣୀୟ ଲୋକ ଅଟନ୍ତି । ବୈଷୟିକ ବ୍ୟାପାରରେ ବରଂ ଉପାଧିହୀନ ପଣ୍ଡିତଠାରୁ ବିଦ୍ୟାଶୂନ୍ୟ ଚାତୁର୍ଯ୍ୟ ଭଲ ତଥାତ ସାଧାରଣ ହିତାହିତ ବ୍ୟବସ୍ଥାରେ ଏମାନଙ୍କ ମତ ଗ୍ରହଣ କରିବା ଭେଡେ ଆଦରର ବିଷୟ ନୁହଇ । ପରନ୍ତୁ କୌଣସି ସମାଜରେ ଏମାନଙ୍କର ସଂଖ୍ୟା ଅଧିକ ହୋଇ ନ ପାରେ । ସୁତରାଂ ଏମାନଙ୍କୁ ଛାଡିଦେଲେ କିଛି କ୍ଷତି ନାହିଁ । ଅମ୍ଭେମାନେ ପୁରୀ ସଙ୍ଗେ ତୁଳନା କରି କହୁଅଛୁଁ ଯେ ସ୍ଥାନୀୟ ବୋର୍ଡ ବିଷୟରେ କଟକର ପ୍ରସ୍ତାବ ଭଲ ହୋଇ ନାହିଁ । ସ୍ଥାନୀୟ ବୋର୍ଡ ସ୍ଥାପନ ବିଧି ଅତ୍ୟନ୍ତ ଜଟିଳ ବ୍ୟାପାର ଅଟଇ ଏବଂ ଏହାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଉତ୍ତମରୂପରେ ପରୀକ୍ଷାକରି ଗୋଟିଏ ସୁନ୍ଦରମୂର୍ତ୍ତି ଗଢ଼ିବା ପାଇଁ ବିଶେଷ ବୁଦ୍ଧି ଓ ଅନୁଭବର ପ୍ରୟୋଜନ । ବୋଧ ହୁଅଇ କଟକ ସଭାର କାର୍ଯ୍ୟ କିଛି ତରତର ହୋଇଅଛି ।

## ପୁରୀର ଅନୁଶାସନ ସଭା ।

ଗତ ମାସ ତା ୭ ରିଖରେ ପୁରୀରେ ଯେଉଁ ସଭା ହୋଇଥିଲା ଓ ଯହିଁର ଉଲ୍ଲେଖ ଅମ୍ଭେମାନେ ଗତ ସପ୍ତାହରେ କରିଥିଲୁଁ ଦକ୍ଷିଣ ପାର୍ଶ୍ୱ ମଠର ମହନ୍ତ ରଘୁନନ୍ଦନରାମାନୁଜଦାସ ସେ ସଭାର ସଭାପତି ହୋଇଥିଲେ ଏବଂ ପ୍ରାୟ ଏକ ସହସ୍ର ଲୋକ ସେଠାରେ ଉପସ୍ଥିତ ଥିଲେ କେତେକ ତର୍କବିତର୍କ ହେବାରୁ ସଭା ଏକମତ ହୋଇ ଏହିପରି ସିଦ୍ଧାନ୍ତ କରିଅଛନ୍ତି କି ମିଉନିସିପଲ ଏବଂ ସ୍ଥାନୀୟ ବୋର୍ଡ ବିଷୟରେ ନିର୍ବାଚନ ପ୍ରଣାଳୀ ପ୍ରଚଳିତ ହେବ । ସକଳର ସଭ୍ୟ ଏବଂ ସେମାନଙ୍କ ସଭାପତିମାନେ ନିର୍ବାଚନଦ୍ୱାରା ମନୋନୀତ ହେବେ ।

ସ୍ଥାନୀୟ ବୋର୍ଡ ବିଷୟରେ ସଭା ଏହିପରି ସ୍ଥିର କରିଅଛନ୍ତି କି ଖୋରଧା, ପିପିଲି, ଗୋପ ଓ ପୁରୀ ଏହି ଚାରି ସ୍ଥାନରେ ସ୍ଥାନୀୟ ବୋର୍ଡ ବସିବ । ପୁରୀରେ ଯେଉଁ ବୋର୍ଡ ବସିବ ତହିଁର ସଭ୍ୟମାନେ ନିର୍ବାଚିତ ହେବେ ଏବଂ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନର ବୋର୍ଡରୁ ଜଣେ ଲେଖାଏ କ୍ଷମତାପ୍ରାପ୍ତ ଲୋକ ଆସି ଉକ୍ତ ସଭାରେ ବସିବେ ପୁରୀର ବୋର୍ଡଟି ଏହିପରି ସଦର ବୋର୍ଡ ହେବ ଯେ ଅନ୍ୟ ସମସ୍ତ ବୋର୍ଡଙ୍କ ଉପରେ ଏହି ବୋର୍ଡର କର୍ତ୍ତୃତ୍ୱ ରହିବ । ଯେଉଁମାନେ ପଣ୍ଡିତ ଉକିଲ ମୁକ୍ତାର ବିଶ୍ୱବିଦ୍ୟାଳୟର ଉପାଧିଧାରୀ ଏବଂ ଯେଉଁମାନେ ମାଇନର ବା ଦେଶୀୟ ଛାତ୍ରବୃତ୍ତି ପରୀକ୍ଷା ଦେଇଅଛନ୍ତି ଏବଂ ଯେଉଁମାନେ ବାର୍ଷିକ ଟ ୫ ଙ୍କା ରୋଡ଼ସେସ ବା ଟ ୧୦ ଙ୍କା ଲାଇସେନ୍ସ ଟାକ୍ସ କିମ୍ବା ଯାହାଙ୍କର ବାର୍ଷିକ ଆୟ ଟ ୨୦୦ ଙ୍କା ସେହିମାନେ ଏକା ମେମ୍ବର ନିର୍ବାଚନ କରିପାରିବେ । ଆଉ ଯେଉଁମାନେ ପଣ୍ଡିତ ଉକିଲ ବା ମୁକ୍ତାର ଓ ବିଶ୍ୱବିଦ୍ୟାଳୟର ପରୀକ୍ଷୋତ୍ତୀର୍ଣ୍ଣ ଅଟନ୍ତି ଏବଂ ବାର୍ଷିକ ଟ ୧୦ଙ୍କା ରୋଡସେସ ଟ ୨୦ ଙ୍କା ଲାଇସେନ୍ସ ଟାକସ ଦିଅନ୍ତି ଅଥବା ଟ ୪୦୦ ଙ୍କା ବାର୍ଷିକ ଆୟ କରନ୍ତି ସେହିମାନେ ମେମ୍ବର ହୋଇ ପାରିବେ ।

ମିଉନିସିପଲ ବୋର୍ଡ ବିଷୟରେ ଏହି ସ୍ଥିର ହୋଇଅଛି କି ପୁରୀ ନଗରରେ ଉକ୍ତ ବୋର୍ଡ ସ୍ଥାପିତ ହେବ ଏବଂ ଏହି କାର୍ଯ୍ୟ ସକାଶେ ପୁରୀ ନଗର ଭା ୭ ଗରେ ବିଭକ୍ତ ହେବ । ପ୍ରତ୍ୟେକ ଭାଗରୁ ଦୁଇଜଣ ଲେଖାଏ ମେମ୍ବର ନିଯୋଗ ହେବେ । ଏପରି ମିଉନିସିପଲ କମିଶ୍ନରଙ୍କ ସଂଖ୍ୟା ଜ ୧୪ ଣ ହେବ । ଟାକ୍ସଦାତାଙ୍କ ମଧ୍ୟରୁ ଯେଉଁମାନେ ପଣ୍ଡିତ ଉକିଲ ମୁକ୍ତାର ବିଶ୍ୱବିଦ୍ୟାଳୟର ଅଥବା ମାଇନର ଓ ଛାତ୍ରବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ଅଥବା ଯେଉଁମାନେ ବାର୍ଷିକ ୨ ଟଙ୍କାର ଅନ୍ୟୂନ ଟାକ୍ସ ଦିଅନ୍ତି ସେମାନେ ମେମ୍ବର ମନୋନୀତ କରି ପାରିବେ ଏବଂ ଏହି ପ୍ରକାର ବ୍ୟକ୍ତିଙ୍କ ମଧ୍ୟରୁ ଯେଉଁମାନେ ବାର୍ଷିକ ୭ ଟଙ୍କାର ଅନ୍ୟୂନ ଟାକ୍ସ ଦିଅନ୍ତି ଅଥବା ଯାହାଙ୍କର ବାର୍ଷିକ ଆୟ ୭୦୦ ଟଙ୍କା ସେମାନେ ମେମ୍ବର ହେବାକୁ ଯୋଗ୍ୟ ହେବେ । ମିଉନିସିପଲ ଏବଂ ସ୍ଥାନୀୟ ବୋର୍ଡର କାର୍ଯ୍ୟ ଉପରେ କର୍ତ୍ତୃତ୍ୱ କରିବା କାରଣ କଲିକତାରେ ଯେଉଁ କେନ୍ଦ୍ରସ୍ଥଳୀୟ କମିଟି ନିଯୁକ୍ତ ହେବାକୁ ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କରିଅଛନ୍ତି ଏ ସଭା ତହିଁ ସପକ୍ଷରେ ମତ ଦେଇଅଛନ୍ତି ମିଉନିସିପଲ ଏବଂ ସ୍ଥାନୀୟ ବୋର୍ଡର ଆୟ ବିଷୟରେ ସଭାର ମତ ଏହି କି ରୋଡ଼ସେସ, ଲାଇସେନ୍ସ ଟାକ୍ସ, ଘାଟ ଓ କାଞ୍ଜିହାଉସ ଟଙ୍କା, ବଜାର ଟାକ୍ସରୁ ଯେତେ ମିଉନିସିପଲ କାର୍ଯ୍ୟରେ ଖର୍ଚ୍ଚ ହୁଅଇ, ଜଗନ୍ନାଥ ସଡ଼କ ଟଙ୍କା ଓ ପ୍ରଦେଶୀୟ କରର ଯେଉଁ ଅଂଶ ଗବର୍ଣ୍ଣମେଣ୍ଟ ଦେଇପାରନ୍ତି ସେ ସମସ୍ତ ମିଳି ଏହି ବୋର୍ଡମାନଙ୍କର ପାଣ୍ଠି ହେବ । କାରଣ ବୋର୍ଡର କାର୍ଯ୍ୟ ଉପକାରଜନକ ହେବା ସକାଶେ ପ୍ରଚୁର ଅର୍ଥର ପ୍ରୟୋଜନ ।

ପରିଶେଷରେ ସଭା ସ୍ଥିର କରିଅଛନ୍ତି କି ସ୍ଥାନୀୟ ଅନୁଶାସନପ୍ରଣାଳୀ ମୋଫସଲବାସିଙ୍କୁ ବୁଝାଇ ଦେବା କାରଣ କେତେଜଣ ପ୍ରତିନିଧି ପଠାଇବେ ।

ଉପରଲିଖିତ ବିବରଣରୁ ପାଠକମାନେ ଦେଖିବେ ଯେ ପୁରୀ ସଭା ବିନା ଆଡମ୍ବରରେ ଅଳ୍ପ ସମୟ ମଧ୍ୟରେ ଆତ୍ମଶାସନ ସମ୍ପର୍କୀୟ ପ୍ରୟୋଜନୀୟ ସମସ୍ତ ବିଷୟରେ ମତାମତ ପ୍ରକାଶ କରିଅଛନ୍ତି ଏବଂ କେବଳ ଏତିକି ନୁହେ ଅତିଶୟ ସାହସପୂର୍ବକ ବିସ୍ତୃତ ନିର୍ବାଚନ ନିୟମ ଏକାବେଳକେ ଜିଲ୍ଲାର ଚତୁର୍ଦ୍ଦିଗରେ ବିସ୍ତାର କରି ଦେଇଅଛନ୍ତି । କଟକ ଓ ବାଲେଶ୍ୱର ଜିଲ୍ଲାର ମିଉନିସିପାଲିଟିରେ ନିର୍ବାଚନପ୍ରଣାଳୀ ପ୍ରଚଳିତ କରିବା କାରଣ ଆଇନାନୁସାରେ ଦରଖାସ୍ତ କରିବାର ପ୍ରସ୍ତାବ ହୋଇଅଛି ମାତ୍ର ପୁରୀବାସିମାନେ ସେ କଣ୍ଟକର କାର୍ଯ୍ୟପଥକୁ ଯାଇ ନାହାନ୍ତି ସେମାନେ ବିନା ଦରଖାସ୍ତରେ ସର୍ବତ୍ର ନିର୍ବାଚନ ବିଧି ଚଳାଇବା କାରଣ ଇଚ୍ଛା ପ୍ରକାଶ କରିଅଛନ୍ତି । ଗବର୍ଣ୍ଣମେଣ୍ଟ ଏଥିରେ ସମ୍ମତ ହେବେ କି ନାହିଁ ଅମ୍ଭେମାନେ କହି ନ ପାରୁଁ କିନ୍ତୁ ଆପାତତଃ ପୁରୀର ସାହସକୁ ଧନ୍ୟ ବୋଲିବାକୁ ହେବ । କିନ୍ତୁ ଗୋଟିଏ କଥାରେ ଅମ୍ଭମାନଙ୍କର ସନ୍ଦେହ ହେଉଅଛି ନିର୍ବାଚନକାରୀଙ୍କର ଯୋଗ୍ୟତା ବିଷୟରେ ଯେଉଁ ନିୟମମାନ ସ୍ଥିର ହୋଇଅଛି ତଦ୍ୱାରା ସେମାନଙ୍କର ସଂଖ୍ୟା ଅତ୍ୟନ୍ତ ସୀମାବଦ୍ଧ ହୋଇଅଛି । ଏତେ ଅଳ୍ପ ଲୋକଙ୍କର ନିର୍ବାଚିତ ବ୍ୟକ୍ତିମାନେ ପ୍ରକୃତରେ ପ୍ରତିନିଧି ବୋଲି ବାଚ୍ୟ ହୋଇପାରିବେ ଅମ୍ଭମାନଙ୍କ ମନକୁ ଆସୁ ନାହିଁ ଏଥିରେ କାର୍ଯ୍ୟର ବିସ୍ତର ସୁବିଧା ଅଛି କିନ୍ତୁ ଅନେକ ଲୋକଙ୍କ ମନରେ ଦୁଃଖ ହୋଇ ପାରେ ଯେ ସେମାନେ ଦୁଣା ଟେକ୍ସ ଦେଉଅଛନ୍ତି ବୋଲି ତାହାଙ୍କର ମତ କେହି ଲୋଡଲେ ନାହିଁ ଅଥଚ ଏହିପ୍ରକାର ଟାକ୍ସଦାତାଙ୍କ ସଂଖ୍ୟା ଅତ୍ୟନ୍ତ ଅଧିକ ସନ୍ଦେହ ନାହିଁ ।

ଏହି ଉତ୍କଳଦୀପିକା ପତ୍ର କଟକ ... କଟକ ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

ଉତ୍କଳଦୀପିକା ତା ୯ ରିଖ ମାହେ ସିପ୍ଟମ୍ବର ସନ ୧୮୮୨ ମସିହା ।

## ଆଖୁଗୃଷ ।

ଏ ଦେଶର ଗୁଡ଼ ଓ ଚିନି କାରବାର ବିଷୟରେ ଅମ୍ଭେମାନେ ଏଥି ପୂର୍ବେ ଏକ ଦୀର୍ଘ ପ୍ରବନ୍ଧ ଲେଖିଥିଲୁଁ । ଆଖୁଗୃଷ କେମନ୍ତ ଲାଭକର କାର୍ଯ୍ୟ ତାହା ପାଠକମାନେ ତହିଁରୁ ଅବଗତ ହୋଇଥିବେ । ମରିଚୀ ଦ୍ୱୀପରେ ଆଖୁଗୃଷର ପ୍ରଣାଳୀ ଅତି ଉତ୍କୃଷ୍ଟ ଅଟଇ ଏବଂ ବର୍ତ୍ତମାନ ସାହାବାଦ ଜିଲାରେ ସେହି ପ୍ରଣାଳୀରେ କାର୍ଯ୍ୟ ହୋଇ ତଦ୍ୱାରା ଆଖୁଫସଲ ବିସ୍ତର ଲାଭଜନକ ହୋଇଅଛି । ଉକ୍ତ ପ୍ରଣାଳୀର କେତେକ ନିୟମ ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରେ ସେଠା କଲେକ୍ଟରଙ୍କ ଅନୁରୋଧରେ ପ୍ରକାଶିତ ହୋଇଥିବାରୁ ପାଠକମାନଙ୍କ ଜାଣିବା କାରଣ ଅଦ୍ୟକାର ପତ୍ରିକାରେ ଉଦ୍ଧୃତ କଲୁଁ । ଭରସା କରୁଁ ଜମିଦାର ଓ କୃଷକମାନେ ପରୀକ୍ଷାଦ୍ୱାରା ଏହାର ଉପକାରିତା ପ୍ରତ୍ୟକ୍ଷ କରିବାକୁ ମନ ବଳାଇବେ ।

"ଆଖୁଗୃଷ ନିମନ୍ତେ ଅଧିକ ପରିଶ୍ରମ, କିଛି ମୂଳଧନ ଓ ସର୍ବଦା ଜଳର ଆବଶ୍ୟକ । ଯେଉଁ ଜମିରେ ଆଖୁ ଉତ୍ପନ୍ନ ହୁଏ ସେଥିରେ ଦୁଇଗୁଣ ଲାଭ ଅର୍ଥାତ ଦୁଇଫସଲର ଲାଭ ମିଳେ । ଏହି ଗୃଷର ନିୟମମାନ ସଂକ୍ଷେପରେ ନିମ୍ନରେ ଲେଖାଗଲା;—

[୧] କୋଡ଼ି ଓ ଲଙ୍ଗଳରେ ମୃତ୍ତିକାକୁ ସାଫ କରି ଗୃରି୨ ଫୁଟ ଛଡାରେ ହିଡ଼ ଦେଇ ସେହି ହିଡ଼ ମଧ୍ୟରେ ଧାଡ଼ି୨ କରି ଗର୍ତ୍ତ ଖୋଳିବାକୁ ହେବ, ପ୍ରତ୍ୟେକ ଗର୍ତ୍ତ ଲମ୍ବାରେ ଇ ୧୫ ଶ ଗଭୀର ଓ ଓସାରରେ ୯ କମ୍ବା ୧୦ ଇଞ୍ଚ ହେବା ଆବଶ୍ୟକ, ଯେପରି ସମଚତୁଷ୍କୋଣ ଲମ୍ବାକାର ଅର୍ଥାତ ସିଧା କରିବାକୁ ହେବ ।

[୨] ପ୍ରତ୍ୟେକ ଗର୍ତ୍ତରେ ଖ ୩ ଶ୍ରେଣୀ ଲେଖାଏଁ ଆଖୁର ଗଣ୍ଠି ପୋତି ଦୁଇ ଇଞ୍ଚ ପରିମାଣରେ ଉତ୍ତମ ତୟାର କରିଥିବା ମାଟି ସହିତ ସାର ଅର୍ଥାତ୍‍ ଗୋବର ଖତ କମ୍ବା ପିଡ଼ିଆ ମିଶାଇ ଆଖୁ ମୂଳରେ ଦେବାକୁ ହେବ, ଯେପରି ଗଛ କ୍ରମେ୨ ବଢ଼ୁଥିବ ସେହିପରି ଉକ୍ତ ସାରଯୁକ୍ତ ମାଟି ଗର୍ତ୍ତରେ ଦେଇ ଗର୍ତ୍ତକୁ ପୋତିବାକୁ ହେବ ତାହାଦ୍ୱାରା ହିଡ଼ ମଧ୍ୟସ୍ଥିତ ଜମି ଗଭୀର ହୋଇ ପାରିବ । ଘାସ ଓ ଶୁଖିଲା ପତ୍ର ଯତ୍ନ ପୂର୍ବକ ଅଲଗା କରି ଦେବାକୁ ହେବ ଅଥବା ସେହି ଶୁଖିଲା ପତ୍ରମାନଙ୍କୁ ଦୁଇ ବା ତିନି ଆଖୁଗଛ ଏକସଙ୍ଗ କରି ଜଡ଼ାଇ ବାନ୍ଧି ଦେଲେ ଗଛ ସିଧା ହୋଇ ବଢ଼ିବ ଏବଂ କ୍ଷେତ୍ର ମଧ୍ୟରେ ପବନ ଓ ସୂର୍ଯ୍ୟର କିରଣ ପ୍ରବେଶ ହେଲେ ଆଖୁଗଛ ଅତିଶୟ ସତେଜ ହେବ !

ଆଖୁଗଛ ମୂଳର ଚାରିପାଖ ମାଟି ପରିଷ୍କାର ଏବଂ କୋହଳ କରିବାର ଆବଶ୍ୟକ, ପ୍ରଚଳିତ ଦେଶୀୟ ପ୍ରଥାନୁସାରେ ପ୍ରତ୍ୟେକ ଏକମାଣ ଜମିରେ ୧୨୦୦୦ ହଜାର ଗଛ ଲଗାଯାଏ; କିନ୍ତୁ ମୋରିସସ ଦ୍ୱୀପର ପ୍ରଥାନୁସାରେ ସେହି ଏକମାଣ ଜମିରେ ୧୨୫୦୦ ଗଛ ଲଗାଯାଇ ପାରେ । ଏହାଦ୍ୱାରା କିଛି ନୁକସାନ ହୁଏ ନାହିଁ ଅର୍ଥାତ ଆଖୁଗୃଷର ଉତ୍କୃଷ୍ଟପ୍ରଣାଳୀ ସାଧିତ ହୁଏ ।

[୩] ପ୍ରଚଳିତ ପୁରାତନ ପ୍ରଥା ଯହିଁରେ ଯାହାର ଅଭାବ ଦୃଷ୍ଟି ହେଉଅଛି ତାହା ପରିତ୍ୟାଗ କରି ଯଦ୍ୟପି ଆଖୁଗୃଷ ନିମନ୍ତେ ବର୍ତ୍ତମାନ ପ୍ରଣାଳୀ ଅବଲମ୍ବନ କରାଯାଏ ତାହା ହେଲେ ଆଖୁଗୃଷ ଭଲ ହୋଇ ବହୁପରିମାଣରେ ଲାଭ ହେବ; ଏହି ଦେଶର ଲୋକମାନେ ଆଖୁଗୃଷ କରିବାରେ ସମ୍ପୂର୍ଣ୍ଣ ଅମନୋଯୋଗୀ ଅଟନ୍ତି । ଅନ୍ୟାନ୍ୟ ଫସଲ ଅପେକ୍ଷା ଆଖୁ ପର୍ଯ୍ୟାପ୍ତ ପରିମାଣେ ହୋଇପାରେ, ଯେଉଁମାନେ ପ୍ରତିବର୍ଷରେ ଦେଢ଼ମାଣରୁ ନଅମାଣ ପର୍ଯ୍ୟନ୍ତ ଜମିରେ ଆଖୁଫସଲ କରି ପାରିବେ ସେମାନଙ୍କର ବିଶେଷ ଲାଭ ହୋଇ ପାରେ । ଆଖୁ ଉତ୍ପନ୍ନ ହେଲାବାଦ ଯେବେ ଅପଣା ଘରପାଖରେ କିମ୍ବା ଜମି ନିକଟରେ ଆଖୁ ପେଡି ଗୁଡ଼ ତୟାରି କରାଯାଏ ତାହା ହେଲେ ଗୃଷିର ବିଶେଷ ଲାଭ ହୋଇ ପାରିବ ।

———

# ସାପ୍ତାହିକ ସମ୍ବାଦ ।

ଚଳିତ ବର୍ଷର ମାଇନର ଓ ଭର୍ଣ୍ଣାକୁଲର ଛାତ୍ରବୃତ୍ତି ପରୀକ୍ଷା ଆଗାମୀ ମାସ ତା ୨ ରିଖ ଠାରୁ ତା ୫ ରିଖ ପର୍ଯ୍ୟନ୍ତ ଏବଂ ପ୍ରାଇମେରି ପରୀକ୍ଷା ତା ୭ ରିଖଠାରୁ ତା ୧୦ ରିଖ ପର୍ଯ୍ୟନ୍ତ ହେବାର ଧାର୍ଯ୍ୟ ହୋଇଅଛି ।

ବାଲେଶ୍ୱରର ମୁନସଫ ବାବୁ ହରିନାଥ ଘୋଷ ଆଗାମୀ ମାସ ଆରମ୍ଭରୁ ଦୁଇ ମାସର ଛୁଟୀ ନେବେ । ଏଠାର ଦ୍ୱିତୀୟ ମୁନସଫ ବାବୁ କାଳୀକୃଷ୍ଣ ଚୌଧୁରୀ ସେଠାର ଏକଟିଂ ମୁନସଫ ନିଯୁକ୍ତ ହୋଇଅଛନ୍ତି ।

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଏଠାର ଜଣେ ମୁନସଫ ବାବୁ ନୀଳମାଧବ ସାମନ୍ତ ତିନି ମାସର ଛୁଟୀ ନେଇ ଅପଣା ଘରକୁ ଯାଇଥିଲେ ଅଳ୍ପ ଦିନର ଜ୍ୱର ରୋଗରେ ତାହାଙ୍କର ମୃତ୍ୟୁ ହୋଇଅଛି ।

ଆଜକୁ ପ୍ରାୟ ତ ୭।୮ ନ ହେବ ପୁରୀ ଜିଲ୍ଲାର ପିପିଲି ଥାନା ଇଲାକା କୋଠଦେଶ । ପ୍ର । ସରକଣା ନାମକ ଗ୍ରାମରେ ରାମ ସାନ୍ତରା ନାମକ ଜଣେ ଗ୍ରାମ୍ୟଧର ଗୃହସ୍ଥର ବ ୭ ର୍ଷ ବୟସ୍କ ଗୋଟିଏ ପୁତ୍ରକୁ କେହି ପ୍ରାଣରେ ହତ୍ୟା କରି ସେ ଗ୍ରାମ ନିକଟସ୍ଥ ଏକ ପୁଷ୍କରିଣୀରେ ତାହା କଟିଦେଶରେ ଏକଖଣ୍ଡ ପ୍ରସ୍ତର ବାନ୍ଧି ନିକ୍ଷେପ କରି ଦେଇଥିଲା । ବହୁବିଧ ଅନୁସନ୍ଧାନ ଉତ୍ତାରୁ ଅବଶେଷରେ ଉକ୍ତ ପୁଷ୍କରିଣୀରୁ ଜାଲଦ୍ୱାରା ଉତ୍କ୍ଷେପିତ ଅବସ୍ଥାରେ ଶବ ପ୍ରାପ୍ତ ହୋଇଅଛି । ପୁଲିସ ଅନୁସନ୍ଧାନ କରୁଅଛନ୍ତି ପରେ ଯାହା ହେବ ଜଣାଇବୁଁ । ପୁ, ପ,

ଅଗଷ୍ଟ ମାସ ତା ୩୧ ରିଖରେ କଲିକତା ରାମଗୋପାଳ ଆଗ୍ରୱାଲଙ୍କର ଗୋଟିଏ ଅଠବର୍ଷର ପିଲା କୋଠା ଉପରେ ଗୁଡି ଉଡ଼ାଉଥିବା ସମୟରେ ଛାତ ଧାରକୁ ଆସି ଗୋଡ଼ ଖସି ଯିବାରୁ ତଳେ ପଡିଗଲା । ପିଲାଟି ବର୍ତ୍ତମାନ ଅନିଶ୍ଚିତ ଅବସ୍ଥାରେ ହସପାତାଳରେ ଅଛି ।

ହିନ୍ଦୁପେଟ୍ରିଅଟରେ ପାଠ କଲୁଁ ଯେ ପଞ୍ଜାବଠାରୁ ମିସ୍ ବୋଷ ସାଧାରଣ ଶିକ୍ଷା ଏବଂ ମିସ୍ ବ, କେ, ବୋଷ ଡାକ୍ତରୀ ଶିକ୍ଷା କରିବା ନିମନ୍ତେ ବିଲାତରେ ପହୁଞ୍ଚିଅଛନ୍ତି । ଏ ଦେଶରୁ ସ୍ତ୍ରୀମାନେ ବିଲାତକୁ ପଢ଼ିବାକୁ ଯାଉଥିବାର ଶୁଣି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ମାତ୍ର ଦୁଃଖର ବିଷୟ ଯେ ଓଡ଼ିଶାରୁ ଅବଧି ମଧ୍ୟ ମଧୁସୂଦନ ବାବୁଙ୍କ ଛଡ଼ା ଅନ୍ୟ କେହି ପୁରୁଷ ପଢ଼ିବା ନିମନ୍ତେ ବିଲାତକୁ ଯାଇ ନାହାନ୍ତି !

ବମ୍ବାଇର ଜଣେ ଶିକ୍ଷାବିଭାଗର କର୍ମଗୃରୀ ସ୍କୁଲ ଛୁଟୀ ସମୟରେ ଅନ୍ୟ ସ୍ଥାନରେ କର୍ମ କରିବାକୁ ଇଚ୍ଛିତ ଗବର୍ଣ୍ଣମେଣ୍ଟ ଶିକ୍ଷାବିଭାଗର ଛୁଟୀ ତିନିମାସରୁ ଦୁଇମାସ କରିବା ନିମନ୍ତେ ମନସ୍ଥ କରିଅଛନ୍ତି । ଏଥିରୁ ହିନ୍ଦୁପେଟ୍ରିଅଟ କହନ୍ତି ଯେ ଶୀତାବକାଶଟା କାଟି ଦେଲେ ଅତ୍ୟନ୍ତ ଭଲ ହେବ କାରଣ ପଢ଼ିବା ପକ୍ଷେ ସେ ସମୟ ଅତ୍ୟନ୍ତ ଉପଯୋଗୀ ।— ଅମ୍ଭମାନଙ୍କର ମଧ୍ୟ ଏହି ମତ ।

ହିନ୍ଦୁପେଟ୍ରିଅଟ ଲେଖନ୍ତି ଯେ ଗତ ଲୋକସଂଖ୍ୟାରୁ ଭାରତବର୍ଷରେ ୨୧୦୦୦୦୦୦ ବିଧବା ସ୍ତ୍ରୀଲୋକ ଥିବାର ସ୍ଥିର ହୋଇଅଛି । ଏମାନଙ୍କ ମଧ୍ୟରୁ ବିଧବା ବାଳିକା କେତେ ଜାଣିବାକୁ ଇଚ୍ଛା ରହିଲା ।—ପ୍ରକୃତରେ ହିନ୍ଦୁମାନେ ବିଧବାଙ୍କ ପକ୍ଷରେ ବଡ଼ କଠିନ ।

ମିଶର ଯୁଦ୍ଧ ସମ୍ବନ୍ଧରେ ନିମ୍ନଲିଖିତ ସ୍ଥାନମାନଙ୍କର ଦୂରତା ଜାଣିବା ଆବଶ୍ୟକ ହୋଇ ପାରିବା ବୋଧରେ ଅମ୍ଭେମାନେ ଟେଲିଗ୍ରାଫରୁ ଉଦ୍ଧୃତ କରିଦେଲୁଁ—ଯଥା: ସୁଏଜଠାରୁ ଗ୍ରେଟବିଟରଲେକ ୧୧½ ମାଇଲ; ଗ୍ରେଟବିଟରଲେକଠାରୁ ସିରାପିୟମ ୬୩ ମାଇଲ; ସିରାପିୟମଠାରୁ ଇସମାଇଲିଆ ୭ ମାଇଲ; ଏବଂ ସୁଏଜଠାରୁ ଇସମାଇଲିଆ ୫୧ ମାଇଲ; ଇସମାଇଲିଆଠାରୁ କନ୍ତରା ୨୧ ମାଇଲ ଏବଂ କନ୍ତରାଠାରୁ ପୋର୍ଟସଇଦ ୨୮ ମାଇଲ ।

ସମ୍ବାଦ ଯେ ନାଇନେଟ ନାମକ ଜଣେ ସୁଇଜରଲଣ୍ଡ ଦେଶୀୟ ଲୋକ ଅରବୀ ପାଶାର ପ୍ରଧାନ ପରାମର୍ଶଦାତା ଅଟନ୍ତି । ଏ ବ୍ୟକ୍ତି ପୂର୍ବେ ଫରାସିସ ଦଳଭୁକ୍ତ ଥିଲେ ।

ମହାରାଣୀ ସ୍ୱର୍ଣ୍ଣମୟୀଙ୍କର ଦାନଶୀଳତା ଅତୁଳନୀୟ ଅଟେ । ବର୍ତ୍ତମାନ ମୁଙ୍ଗେରଠାରେ ଆର୍ଯ୍ୟଧର୍ମସଂସ୍ଥାପନୀ ସଭାର ଉନ୍ନତି ସାଧନ ନିମନ୍ତେ ୫ ୨୦୦୦ ଟଙ୍କା ଦାନ ଦେଇଅଛନ୍ତି । ପାଠକମାନେ ଦେଖିବେ ଯେ ମହାରାଣୀଙ୍କର ଦାନ ସମସ୍ତ ସତ୍କାର୍ଯ୍ୟ ପ୍ରତି ଏବଂ ସଦୁପ୍ରାୟର ଅଟେ ।

ଟେଲିଗ୍ରାଫ ଲେଖିଅଛନ୍ତି ଯେ ଫାଦର୍ଯ୍ୟାକାଡିସ କେତେକ ଜଣ ଲୋକ ବ୍ଲାକପୁଲ ନିକଟରେ ଗୋଟିଏ ମତ-

Split by PDF Splitter

Digitized by srujanika@gmail.com

Split by PDF Splitter



ଯଶୋଦା ଚମ୍ପୂ (ପ୍ରକୃତ ନାମ ଯଶୋଦାନନ୍ଦନ ଚମ୍ପୂ) ବର୍ତ୍ତମାନ ଶ୍ଳୋକ, ଗଦ୍ୟ ଓ ଚଉପଦୀ ଏକତ୍ରରେ ଛପା ହୋଇଅଛି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ଅଲମଗଞ୍ଜ ବଜାର ବାବୁ ଗଉରୀରଥୀ ସାଠିଆଙ୍କ ପୁସ୍ତକାଳୟରେ ଏବଂ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ମୂଲ୍ୟ ପ୍ରତିଖଣ୍ଡ ଟ ୦ ।

୬।୫।୮୨ } ବଶମ୍ବଦ
କାଜିବଜାର }
କଟକ } ଶ୍ରୀ ଅଭୟ ନାୟକ

| | | | | |
|---|---|---|---|---|
| ବୃତ୍ତପାଠ | ... | ... | ... | ଟ ୦/ |
| ପାଟୀଗଣିତ | ... | ... | ... | ଟ ୦/ |
| କାବ୍ୟାବଳୀ | ... | ... | ... | ଟ ୦/ |
| ସଙ୍ଗୀତସୁଧାନିଧି | ... | ... | ... | ଟ ୦। |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

NOTICE.

A Superintendent of Public Works on a salary of Rs. 150 per mensem is required for the Tributary mehals of Dhenkanal. Applications will be received up to the 20th. proximo. None need apply who has not passed at least the departmental examination for the grade of Overseers and has not had some years' practical experience.

Office of Supdt. }
Triby mehals }
Cuttack. }
29-8-82. }

N. K. Das.
*Assistant Supdt.*
*Tributary mehals.*


**ORIENTAL**
**GOVERNMENT SECURITY LIFE ASSURANCE COMPANY "LIMITED"**
*BOMBAY*

For prospectus, yearly reports of meetings, the fast progress of the Co. and for all other information, please pply to

J. Winterscale,
*Agent in Orissa*
No. 1 Cantonments.

ଓରିଏଣ୍ଟାଲ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଆସୁରେନ୍ସ କମ୍ପାନୀ ନାମକ ଜୀବନ ବୀମା କରିବାର କମ୍ପାନୀ ମୋକାମ ବମ୍ବେଇ ।

ଏ କମ୍ପାନୀର ଅନୁଷ୍ଠାନପତ୍ର ବାର୍ଷିକ ବୈଠକର ଏବଂ ବାର୍ଷିକ ସମୃଦ୍ଧିର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ନିମ୍ନସ୍ୱାକ୍ଷରକାରୀଙ୍କଠାରେ ଆବେଦନ କଲେ ପ୍ରାପ୍ତ ହେବ ।

ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ
କଟକ ନଂ ୧ ନୂଆ କାଣ୍ଟନମେଣ୍ଟ ବଜାର ।


ଶଶାଙ୍କକିରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମୀ ପରିଣାମଶୂଳ ଆରୋଗ୍ୟ ହୁଅଇ । ମା ୭ ଖାକୁ ଟ ୧୯ ଙ୍କା

ବୃନ୍ଦାବନ ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନିଶ୍ଚୟ ଭଲ ହୁଅଇ । ମା ୭ ଖାକୁ ଟ ୧୯ ଙ୍କା ।

ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଆଠ ପ୍ରକାର ଶୂଳ ଭଲ ହୁଅଇ । ୧୬ ମାତ୍ରାକୁ ଟ ୧୯ ଙ୍କା ।

ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଷ୍ଟିକର ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଅଇ । ୫ ମାତ୍ରାକୁ ଟ ୧ ଙ୍କା

କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଆଉ ଦଶ ବର୍ଷରୁ ନ୍ୟୂନ ପୁଂସ-ବ୍ୟାଧିକ ରୋଗ ଭଲ ହୁଅଇ । ୪ ମାତ୍ରାକୁ ଟ ୧୯ ଙ୍କା ।

ଏ ସବୁ ଆଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୨ }
କାଜିବଜାର } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଟ୍ଟନାୟକ ।
କଟକ }

ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
କୃତ
ଉଦାସୀନଦତ୍ତ ମହୌଷଧ ।

# ଅମୃତଚୂର୍ଣ୍ଣ ।

ଏକପ୍ରସ୍ଥ [ ୨୦ ମସାର ] ମୂଲ୍ୟ ଟ ୪ । ଅଣା ୧୪ ପ୍ରସ୍ଥ ଏକାବେଳକେ ନେଲେ ଟ ୫୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ ଟ ୦ । ଗୃହଅଣା ଏବଂ ୫ ପ୍ରସ୍ଥ ଔଷଧ ଏକ ବଣ୍ଡିଲରେ ଟ ୦ । ଅଣା ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ୍ୟ, ଅସାଧ୍ୟ, ଓ କଷ୍ଟସାଧ୍ୟ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, ବହୁକାଳର ଶୂଳ, ଶିରଃପିଡ଼ା, ହୃଦରୋଗ, ଶ୍ୱାସକାସ, ହୁଲମ୍ପ, ଅମ୍ଳପିତ୍ତ, ଅମ୍ଳଶୂଳ, ପୁରାତନ ଜ୍ୱର, ପ୍ଲୀହା, ଯକୃତ, ଅତିସାର, ବାତ, ଅର୍ଶ, ପୁରାତନ ପ୍ରମେହ, ଉପଦଂଶ, ପାରଦଦୂଷିତ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେଗୁଡ଼ିଏ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ଭୌତିକ ରୋଗ, ସ୍ୱପନରେ ଭୟ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ଅଦ୍ଭୁତ କ୍ରିୟାଯୁକ୍ତ ଅଟଇ । ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାକୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିଆ ଭାଷା ଜାଣନ୍ତି ନାହିଁ ।

# ଓଲାଉଠାର ଅମୋଘ
# ଏବଂ

ଅଦ୍ୱିତୀୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକରା ନବେଜଣରୁ ଅଧିକ ରୋଗୀ ଆରୋଗ୍ୟ ହେଉଅଛନ୍ତି । ଓଲାଉଠାର ୫୦ଟି ବଟିକାର ମୂଲ୍ୟ ବର୍ତ୍ତମାନ ଟ ୪ଙ୍କା । ଏଥିରେ ଜ୨୦ଜଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ ୨।। । ଏହା ସେବନ କଲେ ଶର୍ଦ୍ଦି ଗର୍ମି ରୋଗ ଅତି ଆଶ୍ଚର୍ଯ୍ୟରୂପେ ଅର୍ଦ୍ଧଘଣ୍ଟାକ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ ନିଶ୍ଚୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମିଶିର ପୋଖରା, ସହର ବନାରସ

ସାନୁନୟ ନିବେଦନ ମିଦଂ ।

ମହାଶୟ !

୨ୟ ଥର ଅମୃତଚୂର୍ଣ୍ଣ ଅଣାଇ ଆମ୍ଭର ଜଣେ ଆତ୍ମୀୟଙ୍କୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁଶ୍ଚିକିତ୍ସ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେଦିନ ଆମ୍ଭର ଆତ୍ମୀୟ ସୁକଯୋଡ଼ାନିବାସୀ ଶ୍ରୀଯୁକ୍ତ ଗିରୀଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଅଣାଇ ଅଳ୍ପ ଦିନ ହେଲା ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରୁ ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦେଶରେ ଏତେ ଦିନରେ ପ୍ରଚାରିତ ହେବାରୁ ବୋଧହୁଏ ଅନେକ ଲୋକ ଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଆମ୍ଭେମାନେ ଏହାର ଉପକାରିତା କଲିକତାର ସାଧାରଣ ସମାଜରେ ପ୍ରଚ-

Digitized by srujanika@gmail.com

ଉଚିତ କରିବାକୁ ତ୍ରୁଟୀ କରି ନାହୁଁ କି କରିବୁଁ ନାହିଁ ।

ଶ୍ରୀ ରାମଦାସ ମଣ୍ଡଳ
ଟାନାଦଘୀ ଜିଲ୍ ବାଙ୍କୁଡ଼ା

ଗୁଣାର୍ଣ୍ଣବେଷୁ ।

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବିଖ୍ୟାତ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରଦ ଦୋଷ ଜାତ ଗଳୀଘା, ଶିରଃପୀଡ଼ା, ପଚନୀୟ ବସ୍ତୁ ପାନ କଲା ସମୟରେ ନାସିକାବାଟେ କେତେକ ଅଂଶ ନିଃସୃତ ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତର ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଳ ଓ ପୁରାତନ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ବିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିଷ୍କୃତି ଲାଭ କରିଅଛୁଁ । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ତେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ କୀର୍ତ୍ତନଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି ତ୍ରୁଟି କରିବୁଁ ନାହିଁ । ବିବେଚନା କରୁଁ ଏହି ମହୌଷଧୀର ଗୁଣ ସର୍ବସାଧାରଣରେ ଜ୍ଞାତ ଥିଲେ କେବେହେଁ ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପତିତ ହୁଅନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନଓଦାହାଟପୋଷ୍ଟ ଜେଲା ଯଶୋହର

ମହାଶୟ !

ଆପଣଙ୍କ ଉପଦେଶରେ କ୍ଷୟ, ଯକ୍ଷ୍ମା ଓ ବହୁକାଳର ପ୍ରମେହ ରୋଗର ଗୋଟିଏ ମହୌଷଧ ଅଛି । ସେହି ଔଷଧ ସେବନ କରି ଆମ୍ଭର ଶ୍ରଦ୍ଧାସ୍ପଦ ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧୀର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରଚାରିତ କରିବାକୁ ତ୍ରୁଟି କରିବୁଁ ନାହିଁ । ଏବଂ ଯହିଁରେ ଦିନାଜପୁର ଜିଲାର ପଲ୍ଲୀ ଗ୍ରାମରେ ପ୍ରଚାର ହେବ ସେଥିପାଇଁ ଆମ୍ଭେ ସ୍ଥାନେ ସ୍ଥାନେ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ କାଗଜରେ ଲେଖି ପ୍ରକାଶ କଲୁଁ ।

ଶ୍ରୀ ପ୍ରତାପଚନ୍ଦ୍ର ମୁଖୋପାଧ୍ୟାୟ
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦିନାଜପୁର

ମହାଶୟ !

ସମ୍ପ୍ରତି ଅମ୍ବାଲା ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ଯେ କି ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ । ଶଏ ଅଠଚାଳିଶଜଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତଦ୍‌ବାଦ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା କର୍ଫାତ ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହତ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କୁ ଏହି ଭୟାନକ ଦୁର୍ଦ୍ଦମ୍ୟରୋଗରୁ ନିଷ୍କୃତ ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଆହୁରି କହିପାରୁ ଯେ, ଓଲାଉଠାରୋଗପ୍ରପୀଡିତ ମୁମୂର୍ଷୁ ବ୍ୟକ୍ତିକି ମଧ୍ୟ ଅର୍ଥାତ୍ ଶେଷାବସ୍ଥାର ରୋଗିକୁ ସୁଦ୍ଧା ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥିବ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନୁହଇ । ଅତ୍ରନଗରର ମାନ୍ୟବର ଅସିଷ୍ଟାଣ୍ଟ ସାର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟନା ମନୁଷ୍ୟକୃତ ଔଷଧୀଦ୍ୱାରା କି ପ୍ରକାରରେ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଶନର ସାହେବ ଆପଣଙ୍କ ପ୍ରେରିତ * ବିଣ୍ଡିଲ ଔଷଧୀ ଲାହୋର ଅମୃତସହର ଓ ଜଲନ୍ଧରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବଲ୍ଲଭ ମୁଖୋପାଧ୍ୟାୟ
ହେଡ଼କ୍ଲାର୍କ ଡେପୁଟୀ କମିଶନର୍ସ ଅଫିସ,
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଉଣୋଇ ଗ୍ରାମସ୍ଥ ବାବୁ ଈଶାନଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲେରାପିଲ କ୍ରୟ କରି ଥିଲେ ଆମ୍ଭେ ଆହ୍ଲାଦର ସହିତ ତାହାର ମହତ ରୋଗ ନିବାରଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁ ସଂଖ୍ୟକ ଓଲାଉଠା ରୋଗିଙ୍କର ଏହା ବ୍ୟବହାର କରିବାରେ ଯେଉଁ ଆଶା କରାଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ୍ ଶୀଘ୍ର ରୋଗର ପ୍ରତୀକାର ହୋଇଅଛି । ପଚିଶ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରିଅଛନ୍ତି । ପ୍ରକୃତ ଏଥିର ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦି ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଥାଏ ତେବେ ଉକ୍ତ ଔଷଧୀ ଆପଣଙ୍କର କଲେରାପିଲ ବ୍ୟତିରେକେ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଜଣେ ଜଣେ କରି ଅନୁରୋଧ କରୁଅଛୁଁ ଯେ ଯେମନ୍ତ କି ସେମାନେ ଏହି ଔଷଧୀରୁ କିଛି ସଞ୍ଚୟ କରି ରଖନ୍ତୁ । କାରଣ ଓଲାଉଠାର ପ୍ରାଦୁର୍ଭାବ ସମୟରେ ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବର ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ବିଲକ୍ଷଣ ପ୍ରତୀତି ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ ।

ଆପଣ ଇଚ୍ଛା କଲେ ଉପରଉକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ ବ୍ୟତିରେକେ ଅନ୍ୟ କିଛି ନୁହେ ଅର୍ଥାତ୍ ବଢାଇ କରି କହୁ ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ ।

ଶ୍ରୀ ରାମସତ୍ୟ ମୁଖୋପାଧ୍ୟାୟ
ହେଡବସ୍ତଣୀ ବେହାର ଇଣ୍ଡିଗୋ ପ୍ଲ୍ୟାଣ୍ଟରସ
ଏସୋସିଏସନ୍

ନ [illegible] ମର

* ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

...TERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

...୧୭ ଗ ... ୩୭ ସଂଖ୍ୟା

ତା ୧୭ ରଖ ମାହେ ସିପ୍ତମ୍ବର ସନ ୧୮୮୨ ମସିହା । ମୂ । ଅଶ୍ବିନ ତ ୨ ନ ସନ ୧୨୮୯ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୩ ୧ | ଟ ୬ ୧ |
| ଡାକମାସୁଲ | ଟ ୦ ॥ | ଟ ୧ ୧ |

ଏଠା ଡାକଘର କାର୍ଯ୍ୟକଳାପରେ ବିଶୃଙ୍ଖ-
ଳା ଉପସ୍ଥିତ ହେବାର ଆମ୍ଭମାନଙ୍କ କ୍ଷୀଣସାରରେ
...ସିଅଛି । ଏକବ୍ୟକ୍ତି କଲିକତାରୁ କେତେକ
...ସ୍ତକ ଅଣାଇଥିଲେ ଯେ ତହିଁ ମଧ୍ୟରୁ ଚାରି
...ଖଣ୍ଡ ପାଆ ଯାଇ ନ ଥିଲା । ଏହି ଚାରି
...ଖଣ୍ଡ ପୁସ୍ତକ ନିମନ୍ତେ ପୁସ୍ତକ ବିକ୍ରେତାଙ୍କ
...ାକୁ ପତ୍ର ଲେଖିବାର ଉଦ୍ୟୋଗ ହେଉଥିଲା
...ତମଧ୍ୟରେ ସେହି ଡାକଘରର ଜଣେଲୋକ
...ଲି ପୁସ୍ତକମାନ ହାଣ୍ଡରେ ବିକ୍ରୟ କରିବା
...ାରଣ ଉପସ୍ଥିତ ହେଲାରୁ ଧରା ପଡିଲା । ଆ-
...ମ୍ଭମାନେ ଆହୁରି କେତେକ ପୁସ୍ତକ, ପାର୍ଶେଲ
...ବଂ ମନିଅର୍ଡ଼ର ସମ୍ବନ୍ଧରେ ଏରୂପ ଗୋଳମା-
...ର ବିଷୟ ଅବଗତ ହୋଇଅଛୁଁ । ଏଥି
...କ୍ଷରେ ଡାକବିଭାଗର କର୍ତ୍ତୃପକ୍ଷଙ୍କର ବିଶେଷ
...ଷ୍ଟି ରଖିବାର ଉଚିତ ହେଉଅଛି ।

---

ଆତ୍ମଶାସନ ସମ୍ବନ୍ଧୀୟ ସ୍ଥାନୀୟ ବୋର୍ଡମାନ-
...ଙ୍କର କାର୍ଯ୍ୟକଳାପ ଉପରେ କର୍ତ୍ତୃତ୍ୱ ଚଳାଇବା
...ାରଣ କଲିକତାଠାରେ ଗୋଟିଏ କେନ୍ଦ୍ର
...ବୋର୍ଡ଼ ସ୍ଥାପନ କରିବା ସକାଶେ ଯାହା ଶେଠ
...ଲାଟ ବାହାଦୁର ପ୍ରସ୍ତାବ କରିଥିଲେ ବଡ଼ ଲାଟ
...ମହୋଦୟ ତାହା ଅଗ୍ରାହ୍ୟ କରି ଅଛନ୍ତି ।
...ାଙ୍କର ଅଭିମତ ଯେ ସ୍ଥାନୀୟ ବୋର୍ଡମାନଙ୍କ
...ଉପରେ ଛୋଟ କଲେକ୍ଟର ଓ କମିଶନରମାନେ
...ାହାରୁ କର୍ତ୍ତୃତ୍ୱ ଚଳାଇବେ । ଶେଠ ଲାଟଙ୍କ
...ପ୍ରସ୍ତାବ ଉତ୍ତମ ଥିଲେହେଁ ବଡ଼ ଖର୍ଚ୍ଚା-
ନ୍ତର କଥା ଅଟଇ । ବଡ଼ ଲାଟ ମହୋଦୟ
ଅତି ସତର୍କଭାବରେ କାର୍ଯ୍ୟ ଚଳାଇବାକୁ
ଯାଉ ଅଛନ୍ତି । ଯାହା ହେଉ କମିଶନର ଓ
କଲେଟରମାନେ ଯଦି ଉଦାରଭାବ ବହି ସୁବି-
ବେଚନା ପୂର୍ବକ କର୍ତ୍ତୃତ୍ୱ ଚଳାନ୍ତି ତେବେ
ଆଶାତୀତ ଫଳ ମିଳି ପାରେ ।

---

ପୁଲିସରେ ଶିକ୍ଷିତ ଲୋକଙ୍କର ଭରତି ହେ-
ବାର ଉତ୍ସାହ ଦେବା କାରଣ ପୁଲିସ ଇନ୍ସପେ-
କ୍ଟର ଜେନରଲଙ୍କ ପରାମର୍ଶ ମତେ ଆମ୍ଭମାନଙ୍କ
ଲେଫ୍ଟେନେଣ୍ଟ ଗବର୍ଣ୍ଣର ପ୍ରତିବର୍ଷ ଜଣେ ଲେଖା-
ଏ ପୁଲିସ ଇନ୍ସପେକ୍ଟରଙ୍କ ଡେପୁଟୀ ମେଜେଷ୍ଟ୍ରେଟ
ପଦରେ ନିଯୁକ୍ତ କରିବାକୁ ସମ୍ମତ ହୋଇଅଛ-
ନ୍ତି ଏବଂ ଏହି ଉଦ୍ଦେଶରେ ସେ ନିୟମ
କରିଅଛନ୍ତି କି ପୁଲିସ କର୍ମଚାରଙ୍କ ମଧ୍ୟରୁ ଯେଉଁ
ବ୍ୟକ୍ତି ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା
ଦେଇଥିବେ ଏବଂ ଅନ୍ୟୂନ ଦଶବର୍ଷ ପୁଲିସରେ
କର୍ମ କରି ପ୍ରଥମ ଶ୍ରେଣୀର ଇନ୍ସପେକ୍ଟର ହୋ-
ଇଥିବେ ସେ ବ୍ୟକ୍ତି ପ୍ରାର୍ଥନା କଲେ ତାହାଙ୍କ
ପ୍ରାର୍ଥନାର ବିଚାର ହେବ । ଏଥିରେ ଶିକ୍ଷିତ
ଲୋକମାନେ ପୁଲିସରେ ଭରତି ହେବାକୁ ଅ-
ଧିକ ଅଗ୍ରହୀ ହେବେ ସନ୍ଦେହ ନାହିଁ କିନ୍ତୁ
ଆମ୍ଭମାନଙ୍କ ବିବେଚନାରେ ଯେଉଁମାନେ ବି,
ଏ, ବି, ଏଲ ଇତ୍ୟାଦି ବିଶ୍ୱବିଦ୍ୟାଳୟର ପ-
ରୀକ୍ଷାମାନ ଦେଇଅଛନ୍ତି ଏବଂ ଅଳ୍ପ କାଳରେ
ପୁଲିସକାର୍ଯ୍ୟରେ ବିଶେଷ ଦକ୍ଷତା ଦେଖାଇ
ପାରିବେ ସେମାନଙ୍କପ୍ରତି ଦଶବର୍ଷ ପରିବର୍ତ୍ତରେ
ପାଞ୍ଚବର୍ଷ ନିୟମ କଲେ ଯୋଗ୍ୟ ଲୋକମାନେ
ଆହୁରି ଉତ୍ସାହିତ ହୋଇ ପୁଲିସରେ ପ୍ରବେଶ
କରିବେ ।

---

ସନ ୧୮୮୦ ମସିହାରେ ଉତ୍ତର ପଶ୍ଚିମ
ବିଭାଗର ଦେୱାନୀ ଅଦାଲତମାନଙ୍କରେ
୧୨୨୩୩୭ ଗୋଟି ମୋକଦ୍ଦମାରେ ଡିକ୍ରୀଜାରୀ
କାରଣ ଦରଖାସ୍ତ ଦିଆ ଯାଇଥିବା ପ୍ରତ୍ୟକ୍ଷେ
୫୩୦୬୧ ମୋକଦ୍ଦମାରେ କିଛିହିଁ ହୋଇ ପାରି
ନାହିଁ । ଏଥିକୁ ଡେଲିନିୟୁସ କହନ୍ତି ଯେ ଦେ-
ୱାନୀ ଅଦାଲତର ଡିକ୍ରୀଜାରୀ କରିବାରେ
ଏତେ ଅଧିକ ଅସୁବିଧା ଅଛି ଯେ ଅର୍ଦ୍ଧସଂଖ୍ୟକ
ଡିକ୍ରୀ ମୂଲ୍ୟ ହୀନ ହୋଇଯାଏ ଏବଂ ଏଥିରେ
ଆଇନର ଅନେକ ତ୍ରୁଟି ଥିବାରୁ ଏପରି ହେଉ
ଥିବାର ସମ୍ଭବ ଗବର୍ଣ୍ଣମେଣ୍ଟ ଏହାକୁ ଶୀଘ୍ର
ବିବେଚନା କରିବାର ଉଚିତ । ଦେୱାନୀ ଅଦା-
ଲତମାନଙ୍କ ପ୍ରତି ଲୋକଙ୍କର ତେତେ ମାନ୍ୟ ବା
ବିଶ୍ୱାସ ନାହିଁ ଏବଂ ଅନେକ ସ୍ଥଳରେ ଦେୱାନୀ
ଅଦାଲତର କଲମ ଘୁଞ୍ଚାଇବା ନିମନ୍ତେ ଫଉଜ-
ଦାରୀ ଅଦାଲତରେ ବିବାଦୀୟ ବିଷୟର ମତା-
ମତ ନେବାକୁ ପକ୍ଷମାନେ ପ୍ରାର୍ଥନା କରନ୍ତି ।
ଯେବେ ଭାରତର କୃତଜ୍ଞତା ଓ ଯଶୋଭାଜନ
ହେବାକୁ କୌଣସି ଗବର୍ଣ୍ଣର ଜେନେରଲ
ଚେଷ୍ଟା କରିବେ ତେବେ ଏତଦେଶୀୟ ଦେ-
ୱାନୀ ଅଦାଲତକୁ ଲୋକ ସମ୍ମତ ଓ ତହିଁର

Digitized by srujanika@gmail.com

Split by PDF Splitter



କାର୍ଯ୍ୟପ୍ରଣାଳୀ ସ୍ଥଗିତ କରିବା ତାଙ୍କର ଉଚିତ ହେଉଅଛି । ଆମ୍ଭେମାନେ ଏ ମତର ସମ୍ପୂର୍ଣ୍ଣ ଅନୁମୋଦନ କରୁଅଛୁଁ ଦେବାଗୀ ଅଦାଲତରେ ଅନେକ ସମୟରେ ପ୍ରକୃତରେ ଲୋକଙ୍କୁ ବ୍ରହ୍ମିତ ହରବରରେ ପଡିବାକୁ ହୁଏ ।

---

ମିସର ଯୁଦ୍ଧ ସମ୍ପର୍କରେ ଏ ସପ୍ତାହରେ ସମ୍ବାଦ ଆସି ଅଛି କି ତୁରଷ୍କ ସହିତ ଇଂରାଜ-ଙ୍କର ଯେଉଁ ନିୟମପତ୍ର ହେଉଥିଲା କି ତୁରଷ୍କ ଆରବି ପାଶାଙ୍କୁ ବିଦ୍ରୋହୀ ବୋଲି ଘୋଷଣା ଦେବେ ଏବଂ ବିଦ୍ରୋହ ନିବାରଣ ନିମିତ୍ତ ସୈନ୍ୟ ପଠାଇବେ ଓ ଉକ୍ତ ସେନା ଇଂରାଜ ସେନା ସହିତ ଏକ ପରାମର୍ଶରେ କାର୍ଯ୍ୟ କରିବେ ସେ ନିୟମପତ୍ରରେ ତୁରଷ୍କ ସ୍ୱାକ୍ଷର କରିବା କଥା ଅମୂଳକ ଅଟଇ । ବାସ୍ତବରେ ସୁଲତାନ କେବଳ ତହିଁର ଠିକାରେ ଦସ୍ତଖତ କରିଥିଲେହେଁ ବର୍ତ୍ତମାନ ତାହା ଅଗ୍ରାହ୍ୟ କରିଅଛନ୍ତି ଏବଂ ଅବଶ୍ୟ ସେ ନିୟମ ସିଦ୍ଧ ହୋଇ ନାହିଁ । ଏଣେ ଯୁଦ୍ଧସ୍ଥଳରେ ସାମାନ୍ୟ ପ୍ରକାର ଯୁଦ୍ଧ ଲାଗି ରହିଅଛି । ତା ୫ ରିଖର ସମ୍ବାଦରୁ ଜଣାଯାଏ ଯେ କସାସିନଠାରେ ମିସରୀୟମାନେ ଇଂରାଜ ଛାଉଣିକୁ ଆକ୍ରମଣ କରିଥିଲେ । ବେଳ ଘଂଟା ସମୟରୁ ଘ ୧୨ ଟା ପର୍ଯ୍ୟନ୍ତ ଯୁଦ୍ଧ ହେଲା । ଛାଉଣିର ସମସ୍ତ ପଦାତିକ ଅଶ୍ୱାରୋହୀ ଏବଂ ଗୋଲନ୍ଦାଜମାନେ ବୀରତ୍ୱ ସହିତ କାର୍ଯ୍ୟ କରି ଶତ୍ରୁଙ୍କୁ ଘୌଡାଇ ଦେଲେ ଏବଂ ଗୋ ୫ ଟା ତୋପ ହସ୍ତଗତ କଲେ । ତା ୯ ରିଖରେ ତେଲେଲକବୀରଠାରେ ଘୋର ଯୁଦ୍ଧ ହୋଇଥିଲା ତହିଁରେ ଇଂରାଜଙ୍କର ୨୦୦ଜଣ ଏବଂ ଶତ୍ରୁର ଦୁଇହଜାର ଜଣ ମାଡ଼ ଖାଇ ଅଛନ୍ତି ଶତ୍ରୁସେନା ଛିନ୍ନଭିନ୍ନ ହୋଇ ପଳାଇଲେ । ଏପରି ଜେନେ-ରଲ ମାକଫର୍ସନ ସାହେବ ତା ୧୩ ରିଖରେ ଲେଖିଅଛନ୍ତି କି ଏକଦଳ ଭାରତବର୍ଷୀୟ ସୈନ୍ୟ ଶତ୍ରୁଙ୍କୁ ଆକ୍ରମଣ କରି ସେମାନଙ୍କର ତୋପ ଡେରା ଘୋଡା ଏବଂ ଓଟମାନ ଛଡାଇ ନେଲେ ଏବଂ ଯୁଦ୍ଧକ୍ଷେତ୍ରରେ ବଡ ପ୍ରଶଂସନୀୟ କାର୍ଯ୍ୟ ଦେଖାଇଲେ । ଭାରତ ସେନାର କାର୍ଯ୍ୟ ବିଦେଶରେ ଏପ୍ରକାର ପ୍ରଶଂସନୀୟ ହେଲା ଶୁଣି ଆମ୍ଭମାନଙ୍କର ମହାଆନନ୍ଦ ଲାଭ ହେଉ ଅଛି ।

---

ଦକ୍ଷିଣ ଭାରତବର୍ଷସ୍ଥ ସାଲେମର ହିନ୍ଦୁ ଓ ମୁସଲମାନମାନଙ୍କ ବିଦ୍ରୋହରେ ଅବଧି କ ୨୦ଣ ହତ ଓ କ ୩୦୦ ଣ ଆହତ ହୋଇଥିବାର ସମ୍ବାଦ ଆସି ଅଛି ଏବଂ ଗତ ଅଗଷ୍ଟ ମାସ ତା ୩୧ ରିଖ ପର୍ଯ୍ୟନ୍ତ କ ୧୬୩ ଣ ବିଦ୍ରୋହୀ ଧୃତ ହୋଇ ଥିଲେ । ଧୃତ ହୋଇଥିବା ଲୋକଙ୍କ ମଧ୍ୟରେ ଅନେକ ହିନ୍ଦୁ ମାନ୍ୟବାନ୍ ଓ କ୍ଷମତାପନ୍ନ ଲୋକ ଅଛନ୍ତି ଏମାନଙ୍କ ବିଚାର କାରଣ ଜଣେ ବିଶେଷ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇ ଅଛନ୍ତି । ବିଦ୍ରୋହ ଘଟନା ହେବାର ମୂଳ କାରଣ ଏହି କି ସାଲେମ ନଗରର ଏକାଂଶରେ ଅନେକ ହିନ୍ଦୁଙ୍କର ବାସସ୍ଥାନ ଅଛି । ସେଠାରେ ଅନେକ ଶିଖଦେଉଳ ଥିବାରୁ ତହିଁର ନାମ ଶିଖପେଣ୍ଠ ହୋଇଅଛି । ମୁସଲମାନମାନେ ସେହି ସ୍ଥାନରେ ବାଟ ଉପରେ ମାଜିଷ୍ଟ୍ରେଟଙ୍କ ଅନୁମତି ନେଇ ଏକ ମସଜିଦ ନିର୍ମାଣ କଲେ । ଏଥିରେ ହିନ୍ଦୁମାନେ ଆପତ୍ତି କରିଥିଲେ ମାତ୍ର ତାହା ଶୁଣା ହେଲା ନାହିଁ । ସେହି ବାଟେ ସମ୍ପ୍ରଦାୟ ଯାତ୍ରା ଓ ତାମାସା ଯିବା ଆସିବା କରେ । ମୁସଲମାନମାନଙ୍କ ଆବେଦନାନୁସାରେ ମାଜିଷ୍ଟ୍ରେଟ ସାହେବ କୌଣସି ବାଜା ବଜାଇ ସେ ବାଟେ ତାମାସା ନେଇ ଯିବାରେ ମୁସଲମାନମାନଙ୍କ ଉପାସନାର ବିଘ୍ନ ଘଟିବାରୁ ତାହା ଏକକାଳେ ନିଷେଧର ଆଦେଶ କଲେ । ମୋକଦ୍ଦମା ହାଇକୋର୍ଟ ପର୍ଯ୍ୟନ୍ତ ଗଲା ମୁସଲମାନମାନେ ତାଙ୍କର ଉପାସନାର ଏକ ନିର୍ଦ୍ଦିଷ୍ଟ ସମୟର ହିସାବ ନ ଦେଖାଇ ସବୁବେଳେ ଉପାସନା କାର୍ଯ୍ୟ ହେଉ ଥିବାର ପ୍ରକାଶ କଲେ । ହାଇକୋର୍ଟ ଏହା ଅଗ୍ରାହ୍ୟ କରି ଉପାସନାର ସମୟ ଛଡ଼ା ଅନ୍ୟ ସମୟରେ ବାଜା ବଜାଇ ଯାତ୍ରା ସେ ବାଟେ ନେବା ପକ୍ଷେ ଅନୁମତି ଦେଲେ । ମାଜିଷ୍ଟ୍ରେଟ ସାହେବ ତଥାପି କୌଣସି ଉଚିତ ବନ୍ଦୋବସ୍ତ କଲେ ନାହିଁ । ସୁତରାଂ କଳହ ବୃଦ୍ଧି ହେଲା ଏବଂ ମୁସଲମାନମାନେ ଅଗ୍ର ହୋଇ ଅତ୍ୟାଚାର ଆରମ୍ଭ କରିଥିବାର କଥିତ ହୁଏ । ଶେଷରେ ହିନ୍ଦୁମାନେ ମସଜିଦ ଭାଙ୍ଗି ପକାଇଲେ ଏବଂ ଶେଷକୁ ଏତେ ଦୂର ପର୍ଯ୍ୟନ୍ତ କଥା ହୋଇ ଉଠି ଅଛି । ସବିଶେଷ ଶୀଘ୍ର ଜଣା ପଡିବ ।

---

## ଗୋପାଳଜୀଉ ମଠର ମୋକଦ୍ଦମା ।

ଏ ମୋକଦ୍ଦମାର ଫଳ ଗତସପ୍ତାହରେ ପାଠକମାନଙ୍କୁ ଜଣାଇ ଥିଲୁଁ । ଅଦ୍ୟ ହାକିମଙ୍କ ଇଂରାଜୀ ରାୟର ନକଲ ସ୍ଥାନାନ୍ତରେ ପ୍ରକାଶ କଲୁଁ ତହିଁରୁ କି ପ୍ରକାର ବିଚାର ହୋଇଅଛି ସର୍ବସାଧାରଣ ଜାଣି ପାରିବେ । ଯେଉଁମାନେ ଇଂରାଜୀ ନ ଜାଣନ୍ତି ସେମାନଙ୍କ ବୁଝିବା କାରଣ ଏଥିର ଅନୁବାଦ ଦେବାର ଇଚ୍ଛା ଥିଲା ମାତ୍ର ସ୍ଥାନ ଓ ସମୟର ଅଭାବରୁ ତାହା କରି ପାରିଲୁଁ ନାହିଁ । ଜଷ୍ଟିସ୍ଙ୍କ ମର୍ମ ଏହି କି ମୁଦେଇ ପକ୍ଷର ପ୍ରମାଣ ପ୍ରଚୁର ହୋଇ ନାହିଁ । ଅସାମିମାନେ ଝୁଲଣରେ ପ୍ରବେଶ କରିବାର ହାକିମ ଅବିଶ୍ୱାସ କରୁ ନାହାନ୍ତି ମାତ୍ର ପ୍ରମାଣରୁ ତାହାଙ୍କର ଅପରାଧ ଘଟଣାପ୍ରତି ବିଶ୍ୱାସ ହୋଇ ନାହିଁ । କାନ୍ତବାବୁ ଯୋଡା ପିନ୍ଧି ଯାଇ ନାହାନ୍ତି ଓ ଶ୍ୟାମସୁନ୍ଦର ବାବୁ ଯେ ଯୋଡା ରଖି ଯାଇ ଥିବାର କହିଅଛନ୍ତି ତାହାର ସତ୍ୟ । ସାହେବ ଓ ଖ୍ରୀଷ୍ଟିୟାନ ଯିବାରୁ ମଧ କିଛି ଗୋଳମାଳ ହୋଇ ନାହିଁ ବରଂ ସେମାନଙ୍କୁ ବସିବା କାରଣ ବେଞ୍ଚ ଓ ଚୌକି ଦିଆ ଯାଇ ଅଭ୍ୟର୍ଥନା କରା ହୋଇଅଛି । ସାହେବ ଓ ଖ୍ରୀଷ୍ଟିୟାନ ଯିବାର ଅସଭ୍ୟ ନୁହଇ ମାତ୍ର ସେମାନେ କୌଣସି ଅପରାଧଭାବ ବା ଇଚ୍ଛାରେ ନ ଯାଇ କେବଳ ଯାତ୍ରା ଦେଖିବା କାରଣ ଯାଇଥିଲେ ଓ ତାହାଙ୍କ ଯିବାପ୍ରତି ଆପତ୍ତି ହେବାରୁ ଫେରି ଆସିଲେ ସେମାନଙ୍କ ଯିବାରେ ମନ୍ଦିର ଅପବିତ୍ର ହେବା ଭାବ ତାହାର ମନରେ ଉଦୟ ହୋଇ ନ ଥିଲା ଓ ଯେବେ ସେମାନେ ଏକା ଯାଇ ଥାନ୍ତେ ତେବେ ପ୍ରାୟ ମୋକଦ୍ଦମା ହୁଅନ୍ତା ନାହିଁ ଓ ସେମାନେ ଯିବାରେ ଯେ ମନ୍ଦିର ଅପବିତ୍ର ହୋଇଅଛି ଏପରି ସ୍ପଷ୍ଟ ପ୍ରମାଣ ନାହିଁ । କେବଳ ଶ୍ୟାମସୁନ୍ଦର ବାବୁଙ୍କ ସଙ୍ଗେ ସେମାନେ ଥିବାରୁ ସେମାନଙ୍କ ନାମରେ ନାଲିଶ ହୋଇ ଅଛି । ବିଚାରପତି ଉଦୟ ବିଚାର ଏବଂ ଶାସନ ସମ୍ପର୍କୀୟ କାର୍ଯ୍ୟ ଉପଲକ୍ଷରେ ଅନେକ ଦିନରୁ ଜାଣି ଅଛନ୍ତି ଯେ ଶ୍ୟାମ ବାବୁଙ୍କର ଅନେକ ଶତ୍ରୁ ଅଛନ୍ତି ଏବଂ ଏ ମୋକଦ୍ଦମାରେ ଅମଲାମାନେ ଅଧିକତର ତଦବିରକାର ଏବଂ ଅନେକ ଅମଲା ସାକ୍ଷୀ ହୋଇଅଛନ୍ତି ଅଥଚ କେହି ବୈଷ୍ଣବ କି ପଣ୍ଡିତ ସାକ୍ଷୀ ହୋଇ ନାହାନ୍ତି । ସାକ୍ଷୀମାନଙ୍କ ଜୋବାନବନ୍ଦୀରେ ନାନା ଅମେଳ ଥିବାର ବିଚାରପତି ଦେଖାଇ ଅଛନ୍ତି ଏବଂ ଫରିଆଦି ନାରାୟଣ ଦାସ ମଠରେ ବେଶାଇ କାର୍ଯ୍ୟ କରୁ ଥିବାରୁ ସାହେବ ବିଶ୍ୱାସ କରିଅଛନ୍ତି କି ସେ ଅଦେଖି ଘଟଣା ସ୍ଥଳରେ ତ ଥାଇ ଦେଖାଇ କରୁଥିଲା ଓ ଯେବେ ତାହା

Split by PDF Splitter



ହୋଇ ନ ଥାଏ ତେବେ ସେ ବହୁତ ମିଛ କହୁଅଛୁ । ଏହି ସମସ୍ତ କାରଣରୁ ସେ ସମସ୍ତ ଆସାମିଙ୍କୁ ଛାଡ଼ ଦେଇଅଛନ୍ତି । ବିଚାରପତି ଆହୁରି ଲେଖିଅଛନ୍ତି କି ଯେବେ ଆସାମିମାନଙ୍କ ଯିବାରୁ ମନ୍ଦିର ଅପବିତ୍ର ହେଲା ତେବେ ଯାତ୍ରା ତତ୍କ୍ଷଣାତ୍ ବନ୍ଦ ନ ହୋଇ କପରି ତହିଁ ଉତ୍ତାରୁ ବହୁତ ବେଳଯାଏ ଲାଗି ରହିଥିଲା କାରଣ ନ ୧ ମ୍ବର ଆସାମୀ ଶ୍ୟାମସୁନ୍ଦର ବାବୁ ଏ ଘଟନା ଉତ୍ତାରୁ ପୁନର୍ବାର ଯାତ୍ରାରେ ଉପସ୍ଥିତ ହୋଇ ଆମୋଦ ପ୍ରମୋଦ କରିଥିଲେ । ପରିଶେଷରେ ବିଚାରପତି ଲେଖିଅଛନ୍ତି କି ମୁଦ୍ଦେଇ ପକ୍ଷରୁ ଅନେକ ହିନ୍ଦୁ ମୁକ୍ତାର ମୋକଦ୍ଦମା ଚଲାଇ ଥିଲେ କି ୩ ଣ ଆସାମିଙ୍କ ପକ୍ଷରୁ ବାରିଷ୍ଟର ଉଲକିନ୍ସ ସାହେବ ଏବଂ କାନ୍ତିଚନ୍ଦ୍ର ବାବୁଙ୍କ ପକ୍ଷରୁ ଉକିଲ ବାବୁ ଯୋଗେଶ୍ୱର ଚନ୍ଦ୍ର ଉପସ୍ଥିତ ହୋଇଥିଲେ ।

ଆମ୍ଭେମାନେ ଅବଶ୍ୟ ସ୍ୱୀକାର କରୁ ଯେ ଏହି ନିଷ୍ପତ୍ତି ଅନର୍ଥକ ଦୀର୍ଘ ଏବଂ ଅସାର ହୋଇଅଛି ଏବଂ ଏଥିରେ ସର୍ବସାଧାରଣ ଅସନ୍ତୁଷ୍ଟ ହୋଇଅଛନ୍ତି । ହାକିମ ସ୍ୱୀକାର କରନ୍ତି କି ମୁଦ୍ଦେଇ ପକ୍ଷର ଅଧିକାଂଶ ଗୁହା ଅମଲା ଏବଂ ବାସ୍ତବରେ ସେମାନେ ସରକାରୀ ଉଚ୍ଚପଦରେ ଅଛନ୍ତି । ସେମାନେ ମିଥ୍ୟା କହିବାର କୌଣସି କାରଣ ନାହିଁ ଏବଂ ସେମାନଙ୍କ ଜୋବାନବନ୍ଦୀରେ ଯେ ସମସ୍ତ ଅମେଳ ଥିବା କଥାକୁ ବିଚାରପତି ବଡ଼ କରି ଦେଇ ଅଛନ୍ତି ବାସ୍ତବରେ ସେ ସମସ୍ତ ସେମାନଙ୍କ ସତ୍ୟତାର ପୋଷକତା କରୁଅଛି । ଶିକ୍ଷିତ ଗୁହା ହୋଇଥିଲେ ଏପ୍ରକାର ଅମେଳ ଘଟନ୍ତା ନାହିଁ । ଶ୍ୟାମସୁନ୍ଦର ବାବୁଙ୍କର ଅନେକ ଶତ୍ରୁ ଥିବାର ହାକିମ ବୁଝି ଅଛନ୍ତି କିନ୍ତୁ ସେଥିର କାରଣ ସ୍ୱୟଂ ଶ୍ୟାମସୁନ୍ଦର ବାବୁ କି ଅନ୍ୟ ଲୋକମାନେ ତାହା ସେ ସ୍ପଷ୍ଟ କରି କହି ନାହାନ୍ତି । ଫଳତଃ ତାହାଙ୍କର ଶତ୍ରୁ ଥିଲେ ମଧ୍ୟ ଯେଉଁମାନେ ତାହାଙ୍କ ବିରୁଦ୍ଧରେ ସାକ୍ଷ ଦେଲେ ତାହାଙ୍କ ସହିତ ଏ ପ୍ରକାର କି ଶତ୍ରୁତା ଅଛି କି ଯହିଁ ଲାଗି ସେମାନେ ମିଥ୍ୟା ସାକ୍ଷ ଦେବାକୁ ପ୍ରବୃତ୍ତ ହେବେ ତାହା ଏ ମୋକଦ୍ଦମାରେ ପ୍ରକାଶିତ ହୋଇ ନାହିଁ । ଅନ୍ତତଃ ଏ କଥା ହାକିମଙ୍କର ଅନୁସନ୍ଧାନ କରିବାର ଉଚିତ ଥିଲା । ଆମ୍ଭେମାନେ ବିବେଚନା କରୁ କି ଯେଉଁ ଶ୍ରେଣୀର ଲୋକ ଏ ମୋକଦ୍ଦମାରେ ଗୁହାଇ ଦେଇଅଛନ୍ତି ସେମାନଙ୍କୁ ବିଶ୍ୱାସ କରିବା ଅଦାଲତଙ୍କର ଉଚିତ ଥିଲା । ଏପରି ଏକଜଣର ସାକ୍ଷରେ ମୋକଦ୍ଦମା ପ୍ରମାଣ ହୋଇ ପାରେ ଏବଂ ତହିଁରେ ଯେବେ ହାକିମଙ୍କର ତୃପ୍ତି ହୋଇ ନ ଥିଲା ତେବେ ସେ ଆଉ ପ୍ରମାଣ ଲୋଡ଼ି ଥାନ୍ତେ ଯେଉଁ ଭଦ୍ରଲୋକ ସାକ୍ଷୀଙ୍କର ଜୋବାନବନ୍ଦୀ ହୋଇଅଛି ତହିଁରୁ ଜଣାଯାଏ ଯେ ଚାରିଜଣ ଆସାମୀ ଯୋତା ପିନ୍ଧି ଝୁଲଣ ଘରେ ପ୍ରବେଶ କରିଥିଲେ ତହିଁରେ ହିନ୍ଦୁମାନେ ବିରକ୍ତ ହୋଇ କେହି୨ ତାହାଙ୍କ ସହିତ ପ୍ରତିବାଦ କରିବାରୁ ସେମାନେ ବାହାରି ଆସିଲେ ଏବଂ ତହିଁ ଉତ୍ତାରୁ ଶ୍ୟାମ ବାବୁ ଆପଣା ରାଗ ଚରିତାର୍ଥ କରିବା କାରଣ ବିନା ପାସରେ ଯାତ୍ରା ହେଉଥିବାର କହି ତାହା ବନ୍ଦ କରିବାକୁ ଚେଷ୍ଟା କଲେ ଏବଂ ତହିଁର ସଦୁତ୍ତର ପାଇବାରୁ କ୍ଷାନ୍ତ ହୋଇ ରହିଲେ । ଏପରି ସ୍ଥଳେ ଆଦୌ ମୋକଦ୍ଦମା ପ୍ରମାଣ ହୋଇ ନାହିଁ କପରି ବୋଲା ଯିବ ଆଉ ଯେବେ ମୋକଦ୍ଦମା ସେପରି ନ ଥିଲା ତେବେ ଏତେ ହିନ୍ଦୁ ମୁକ୍ତାର କାହିଁକି ତାହା ଚଲାଇବାକୁ ଏକତ୍ରିତ ହୋଇଥିଲେ ? ଦେଖିବା ମାତ୍ରକେ ମୋକଦ୍ଦମା ସତ୍ୟ ପ୍ରାୟ ବୋଧ ହେଉଅଛି ଏବଂ ଏମନ୍ତ ସ୍ଥଳେ ଯେବେ ହାକିମ ଅନ୍ୟ ପ୍ରମାଣ ଏବଂ ମୁହାଲଙ୍କ ଜବାବ ଓ ସଫାଇ ନେଇ ବିଚାର କରି ଥାନ୍ତେ ତାହା ହେଲେ ଅବଶ୍ୟ ସୁବିଚାର ହୋଇ ପାରନ୍ତା ମାତ୍ର ହାକିମ ଆସାମିଙ୍କ ଦଗଲୁ ଏତେ ଦୂର ଗଳି ପଡ଼ିଲେ ଯେ ସଫାଇ ପ୍ରମାଣ ନେବା ତେଣିକି ଥାଉ ଦୁଇଜଣ ଆସାମିର ଜବାବ ନେଇ ଆଉ ଦୁଇଜଣର ଜବାବ ସୁଦ୍ଧା ନେଲେ ନାହିଁ । ଆଇନର ତର୍କରେ ସୁଦ୍ଧା ହାକିମଙ୍କର ମହତ ଭ୍ରମ ଦେଖାଯାଏ । ସେ ବୋଲନ୍ତି କି ସାହେବ ଓ ଦେଶୀୟ ଖ୍ରୀଷ୍ଟିୟାନ ଦୁଇଜଣ ଜାଣୁ ନ ଥିଲେ ଯେ ମନ୍ଦିରରେ ପ୍ରବେଶ କଲେ ଅପରାଧ ହେବ । ଏଥିରୁ ସେମାନଙ୍କର ଆଦୌ ଜବାବ ନିଆ ଯାଇ ନାହିଁ ସୁତରାଂ ତାହାଙ୍କର ଜ୍ଞାନ ଥିବା ନ ଥିବାର ନିଷ୍ପତ୍ତି କରିବା କଠିନ ଆଉ ଯେତେବେଳେ ଏକ ଜଣ ଆସାମୀ ଏହି ନଗରର ଜଣେ ଦେଶୀୟ ଖ୍ରୀଷ୍ଟିୟାନ ଥିବାରୁ ବହୁକାଳରୁ ଅବଶ୍ୟ ଜାଣିଅଛି ଯେ କୌଣସି ମନ୍ଦିରରେ ପ୍ରବେଶ କରିବା ତାହାର ଅଧିକାର ନାହିଁ ଏବଂ ସାହେବ ମୁହାଲ ମଧ୍ୟ କେତେକାଳ ଏଠାରେ ଇନ୍ସପେକ୍ଟର କର୍ମ କରୁଥିବାରୁ ଏମନ୍ତ ସାଧାରଣ କଥା ଜାଣି ପାରି ନାହିଁ ବୋଲି ସହଜରେ ବିଶ୍ୱାସ ହୋଇ ନ ପାରେ ଯେତେବେଳେ ଏହି ସିଦ୍ଧାନ୍ତ ହେଉଅଛି ଶ୍ୟାମବାବୁଙ୍କ ସଙ୍ଗେ ଯିବାରୁ ସେମାନେ ଉକ୍ତ ନିଷେଧକୁ ଆସ୍ଥା କଲେ ନାହିଁ ଓ ଶ୍ୟାମ ବାବୁ ଏପ୍ରକାର ଲୋକ ସଙ୍ଗେ ଘେନି ଯେ ଆପେ ଯୋତା ରଖି ଯାଇଥିଲେ ଏହା ଆଦୌ ବିଶ୍ୱାସ ଯୋଗ୍ୟ ନୁହଇ । ଅନ୍ତତଃ ଶ୍ୟାମବାବୁ ଉତ୍ତମରୂପେ ଜାଣି ଥିଲେ ଯେ ମନ୍ଦିର ମଧ୍ୟକୁ ଯୋତା ଘେନି ଯିବା କିମ୍ବା ମୁସଲମାନ ଓ ଖ୍ରୀଷ୍ଟିୟାନଙ୍କର ପ୍ରବେଶ କରିବାର ନିଷିଦ୍ଧ ଓ ସେ ସତର୍କ କରି ଦେଇ ଥିଲେ ସେମାନେ ଆଦୌ ଯାଇ ନ ଥାନ୍ତେ । ସୁତରାଂ ନ ଜାଣିବାର ଯେଉଁ ଯୁକ୍ତି ହାକିମ ଲେଖି ଅଛନ୍ତି ତହିଁର କୌଣସି କାରଣ ନାହିଁ । ଆଇନର ମର୍ମ୍ମ ଏହିକି କାର୍ଯ୍ୟରୁ ତହିଁର ଅଭିପ୍ରାୟ ସ୍ଥିର କରିବାକୁ ହେବ । ଉକ୍ତପ୍ରକାର ଅଭିପ୍ରାୟ ମୁହାଲଙ୍କ ଦେଖାଇବାର ଅବଶ୍ୟକ ଏଠାରେ ସେପରି ହୋଇ ନାହିଁ ହାକିମ ସେମାନଙ୍କ ପକ୍ଷରୁ ଆପେ ଜବାବ ଦେଇ ଅଛନ୍ତି । ସାଧାରଣ ମୋକଦ୍ଦମା ହେଲେ ଏତେ କଥା ଆମ୍ଭେମାନେ କହନ୍ତୁ ନାହିଁ କିନ୍ତୁ ଯେତେବେଳେ ଏକଜଣ ଉଚ୍ଚପଦସ୍ଥ ପୁଲିସ କର୍ମଚାରୀ କେବଳ ଆପଣା କୌତୁକ ସକାଶେ ଇଚ୍ଛାପୂର୍ବକ ପ୍ରକାଶ୍ୟ ଯାତ୍ରା ସ୍ଥଳରେ ହିନ୍ଦୁଧର୍ମର ଅବମାନନା କରି ଦେବାଳୟ ଅପବିତ୍ର ଏବଂ ସାଧାରଣ ହିନ୍ଦୁମଣ୍ଡଳଙ୍କ ମନଃ ପୀଡ଼ା ଜାତ କଲା ତେତେବେଳେ ମାଜିଷ୍ଟ୍ରେଟଙ୍କୁ ଅତ୍ୟନ୍ତ ସାବଧାନ ହୋଇ ବିଚାର କରିବାର ଉଚିତ ଅବଶ୍ୟକ ଥିଲା ଏମନ୍ତ ଗୁରୁତର କଥାକୁ ପ୍ରମାଣାଭାବରେ ଛାଡ଼ ଦେଇ ବିଚାରକର୍ତ୍ତା ଆପଣା କର୍ତ୍ତବ୍ୟ କାର୍ଯ୍ୟରେ ବିଶେଷ ତ୍ରୁଟି ଦେଖାଇ ଅଛନ୍ତି ସନ୍ଦେହ ନାହିଁ ।

---

## ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ଉତ୍ତର ଲକ୍ଷଣ ପବନ ପ୍ରବାହ ହୋଇଅଛି । ଗ୍ରୀଷ୍ମ ଖର ବୃଷ୍ଟି ଏବଂ ନଈବଢ଼ି ସମ୍ବନ୍ଧେ ପ୍ରବଳ ହୋଇଅଛନ୍ତି । କନସାକ ଖଳୀ ଘଷି ବିଲୁ ତହିଁ ମଧ୍ୟରେ ଘଣ୍ଟାଏ ଅଧେ ମେଘ ଘଣ୍ଡେ ଉଠି ଅସି ଅଣ୍ଟାଅଣ୍ଟି କରି ଦେଇ ଅଛି ଏହିପରି ବସ୍ତିର ଜଳ ବର୍ଷା ହୋଇଅଛି ।

ବାଙ୍କୀରେ ବର୍ତ୍ତମାନ ଜ୍ୱର ରୋଗର ବଡ଼ ପ୍ରାଦୁର୍ଭାବ ହୋଇଅଛି ଏବଂ କୈବେଶ୍ୱରଠାରେ ଓଲଇଠାରେ ପ୍ରତିଦିନ କି ୨୦ଣ ମରୁ ପଡ଼ୁଅଛନ୍ତି ।

ଗତ ମାସ ତା ୭ ରିଖ ଗୁରୁବାର ରାତ୍ର ୮ ଘଣ୍ଟା ସମୟେ ଯାଜପୁର ତରଫରେ ଏକ ତୋଫାନ ଆରମ୍ଭ ହୋଇ ପ୍ରାୟ ଦଶଘଣ୍ଟା ପର୍ଯ୍ୟନ୍ତ ବିଶେଷ ପ୍ରବଳ ହୋଇଥିଲା ଓ ଉକ୍ତ

Digitized by srujanika@gmail.com

Split by PDF Splitter





## JUDGMENT OF THE JOINT MAGISTRATE IN THE GOPALJEO MUTH CASE.

---

Government *Vs.* Shamsunder Dutt and Mr. Dundun Police Inspectors and 2 others (Sections 295 and 297 P. C.) The four accused have been charged by Narain Das a servant of Gopaljee Matha with committing offences under Sec. 295 and 297 P. C. in the Math on the night of 27th August. Of the 4 accused Shamsunder Dutta is a Hindoo Police Inspector, Kanti Chandra Roy a Brahmin Police Head Clerk, Dundun a European (Christian) Police Inspector, and Banchanidhi Patnaik a native Christian 2nd Police Clerk. 7 witnesses besides complainant have been examined by the Prosecution, at the close of which the Court heard the counsil on both sides. As to Kanti Chandra, the Court considers there is absolutely no reliable evidence against him. He has been examined and his statement agrees wonderfully with the bulk of the evidence for the Prosecution. It is admitted the cast Varenda of the "Jhulanghur" may be entered in shoes, while no one pretends to have seen him with shoes on, while in the Thakur Augina (marked Y in the plan ex. A) Only complainant and one witness Ramsanker Roy say he entered the Jhulanghar, and Court does not for a moment believe this complainant's evidence as will appear further on, is deserving of grave suspecion, while Ramsanker was in the west Augina when he pretends he saw the accused enter by the east door, there being apparently a crowd in the room. This accused Kanti Chandra Rai is very plansibly said by the defence to have been charged in this case merely to prevent his being a witness for the other 3 accused. With regard to Sec. 295 P. C. *prima facie* proof. It is pretended the room was defiled by the accused persons. There is not a particle of evidence that it was purified again before the ceremony was continued, in fact it is quite clear nothing of the sort was done, but that the Tamasa went on and even accused No. 1 himself shortly returned to witness it. The Court asked the Prosecution Muktar addressing it whether when a place of worship is defiled persons who remain in it or enter it until purified are also defiled and he imphatically and deliberately answered yes. It remains to be seen if any offence has been satisfactorily established against any of the 3 accused under Sec. 297 P. C. To commence with Shamsunder Inspector, who is a Hindoo. Of course he could enter the Muth as freely as any other Hindoo, and could not be guilty of trespass. Is there any proof that he caused disturbance to the assembly in the Jhulanghar? On this point there is glaring inconsistence in the statements of different witnesses for the Prosecution. The complainant and Suk Lal, said to be a Durwan of the Math, say there was confusion and so does Ramsanker Rai, but this is flatly contradictory to what other eye witnesses say, and the latter were the very persons who remonstrated with accused No. 1. The Court leaves out of the question any thing that may have happened in the 2 Auginas at the north (marked X in the Plan) for it is admitted christians and musalmans may go there, so it is evident no Hindoo ceremonies were going on there. This accused has also been examined, and his lengthy statement agrees largely with the drift of the evidence of several eye witnesses for the prosecution. He denies having entered the Jhulanghar in shoes, and it is not proved by any means to the court's satisfaction that he did so, for Kistamohun Putnaik and Benimadhab Banerjee did not see his shoes and the mallee Faystab Rana does not mention them. It is true Poorna Chandra says accused took off his shoes at his (witness's remonstrance but not a single witness confirms the statement, nor yet another one by the same person that accused gave him a nosegay. Suk Lal declares he told accused to leave his shoes outside but he refused. This is hardly consistent with the evidence that accused quietly left the room with his companion when remonstrated with by Beni Babu &c. It is noticeable that while complainant was telling his own tale he did not mention shoes at all but said that the accused persons acted wrongly in sitting on a *Bench* where even a raja would not get a seat and it was only when specially questioned by his Muktar that complainant alluded to shoes. That accused did not really disturb the assembly seems probable if not certain from the fact that he was in the room some time. Complainant himself in his complaint says half an hour at the end of which he went out quietly and the ceremony did not cease. Accused No. 1 is discharged as also is Kanti Chandra Rai under Sec. 215 C. P. C.

The case of the other 2 accused is somewhat different in that they are not Hindus but Christians, and they differ from each other in being a Europeon and a native respectively. Apparently they could be quitely of trespass in the sacred part of the Math, but under Sec. 297 P. C. intention or knowledge is essential besides mere trespass. There is *Prima Facie* reason to suppose they did not enter with any intention bad or good but merely from curiosity, while the evidence adduced in no way proves they had any bad intention. For though complainant in his petition states that he and his Gomasta and some *Bhadralok* forbade all the accused to enter in their shoes, the Gomasta has not been examined

Digitized by srujanika@gmail.com

Split by PDF Splitter



and there are such descripancies in the evidence for prosecution that the Court cannot believe without considerable doubt that any of the accused entered without permission. Complainant's deposition differs from most of the others on several points and the Court is very doubtful whether he saw really half as much of the occurrence as he pretends. Thus he says he did not see any chair though several witnesses and the defence state that Mr. Dundun sat on a chair. Again this man says all the accused but Kanti Chandra sat on the bench and 2 Musluman constables besides, but this differs from what other witnesses have stated. Complainant admits he cooks for Thakar and the Court strongly suspects he was engaged in cooking during most of the occurrence. The only alternative theory is that he has wilfully falsified matters. It is very important to ask whence came the chair and bench, if even a rajah may not have a seat in the room. Complainant says the bench was put as a barrier in front of a mirror which may be true but seems highly doubtful. Accused No. 1 says the bench was brought in from the Varenda expressly for their benefit, and when it is proved that a chair also appeared from somewhere. Complainant cannot say fromwhere, and was sat upon by Dundon accused for a considerable space of time, it seems not at all unlikely that both the seats were preferred to the 3 accused and accepted. It is proved that they sat at the opposite end of the room from where the Jhulan Thakur was and it is not pretended that the 2 accused made the least disturbance in the room. Shamsunder states that on seeing him the dancing boys left the other end of the room and danced in front of him and his companions, which if proved would show that the dancers at least had no idea of the accused persons being intruders. There is no positive evidence to confirm this but it is made very probable to the Court's mind by the negative evidence of Poorna Chandra that accused No. 1's statement is true. This witness when asked in what part of the room the dancing was while the Accused were present said he could not exactly say but he added spontaneously "it was not in the centre nor before the accused." As already remarked it is proved to the Court's satisfaction that directly accused No. 1 was told the presence of a Saheb and a Christian was objectionable the 2 accused quietly left the room with him. It appears therefore that these 2 accused neither committed trespass with guilty intention or knowledge nor disturbed the persons assembled. It is note-worthy that at the occurrence Amlas seem to have taken a much more prominent part towards the accused than the religious authorities of the Math and again there are several Amlas amongst the witnesses for the prosecution but a strange lack of priests or religious teachers. It has come before the Court's notice on previous occasions both in its Judicial and executive capacity that the accused Hindoo Inspector is detested by a large circle of enemies. While considering the present case not even *prima facie* proved against any one of the four accused persons, the Court under all the circumstances doubts whether the charge would ever have been brought against the other 3 had not accused No. 1 been with them. Mr. Dundun and Banchanidhi are both discharged under sec. 215 C. P. C.

N. B. Several Hindoo muktars have conducted the prosecution, while Mr. Wilkins Barister has appeared for 3 accused and Babu Joggeshur Chander Vakeel for Kanti Chandra accused.

Sd. G. E. Manisty.
*Offg. Joint Magistrate.*

8—3—82.

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟେଷୁ ।

ମହାଶୟ !

ଆମ୍ଭେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ବାବୁ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ଯାହାଙ୍କର ପ୍ରଣୀତ "ଚରୁନିର୍ଣ୍ଣୟ" ଓ ବଙ୍ଗଦେଶବାସୀ ବାବୁ ବଙ୍କବିହାରୀ ଘୋଷ ତାହାଙ୍କ ପ୍ରଣୀତ "ନାସ୍ତି ବ କଲିକା" ନାମଧେୟ ପୁସ୍ତକର ଏକ ଏକ ଖଣ୍ଡ 'ଶିକ୍ଷାବିଧାୟିନୀ ସଭା' କୁ ପ୍ରଦାନ କରି ଉଦାରଚିତ୍ତ ଓ ହିତୈଷିତାର କାର୍ଯ୍ୟ କରି ଅଛନ୍ତି ଆଶା କରୁଁ ଯେ ଅନ୍ୟାନ୍ୟ ଗ୍ରନ୍ଥକର୍ତ୍ତାମାନେ ଏହି ଦୃଷ୍ଟାନ୍ତର ଅନୁକରଣ କରିବେ । ଇତି ।

୧୭।୫।୮୨
କଟକ
ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଶିକ୍ଷାବିଧାୟିନୀ ସଭାର
ସମ୍ପାଦକ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଭଗୀରଥୀ ଷଡଙ୍ଗୀ | କଟକ | ବଙ୍କୀ | ୫ ୩୮ |
| „ ବାଳୁକୀ ଅଧିକାରି | ବାଙ୍କି | „ | ୫ ୩୮ |
| ଶ୍ରୀ ଶ୍ରୀ ରାଜା ବାହାଦୁର | ବାମଣ୍ଡା | „ | ୫ ୨୦ |
| ବାବୁ କୃଷ୍ଣମୋହନ ପଟ୍ଟନାୟକ କଟକ | „ | | ୫ ୩୮ |

# ବିଜ୍ଞାପନ ।

# ଓଡ଼ିଆ ନାଟକ ।

## କାଞ୍ଚି କାବେରୀ

ବା

## ପ ଦ୍ମା ବ ତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନିର ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ୫ ୦ ୮ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ୫୦୧୦ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ଜଣାଯାଇଅଛି । ସରକାରୀ ପ୍ରଧାନ ପ୍ରଧାନ ଡାକ୍ତରୀୟ ଓ ଦେଶୀୟ ଔଷଧାଳୟରେ ବହୁତ ଚଳେ । କଲିକତା ବୋଟାନିକଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା,—

ଡାକମାସୁଲ ସହିତ ୧ଆଉନ୍ସର ୫୧୦ । ୮ ଆଉନ୍ସର ୫ ୧୯ ନା । ୧୬ ଆଉନ୍ସର ୫ ୨୦ ମୂଲ୍ୟ ଲାଗେ ।

Digitized by srujanika@gmail.com

Split by PDF Splitter



ଅଶୋକ ଚମ୍ପୂ (ପ୍ରକୃତ ନାମ ଅଶୋକଚନ୍ଦ୍ରାନନ୍ଦ ଚମ୍ପୂ) ବର୍ତ୍ତମାନ ଶ୍ଳୋକ, ଗଦ୍ୟ ଓ ଟୀକା ଏକତ୍ରରେ ଛପା ହୋଇଅଛି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ଅଲମଗଞ୍ଜ ବଜାର ବାବୁ ଭଗୀରଥୀ ସାଠିଆଙ୍କ ପୁସ୍ତକାଳୟରେ ଏବଂ ଅନ୍ୟ ନିକଟରେ ପ୍ରାପ୍ତବ୍ୟ । ମୂଲ୍ୟ ପ୍ରତିଖଣ୍ଡ ଟ ୦ ।

୪।୯।୮୨ ⎫
ଜାଙ୍କବଜାର ⎬ ଶ୍ରୀ ଅଭିନ୍ନ ନାୟକ
କଟକ ⎭

| | | | | |
|---|---|---|---|---|
| କୃଷ୍ଣପାଠ | ... | ... | ... | ଟ ୦ ⅟ |
| ପାଟୀଗଣିତ | ... | ... | ... | ଟ ୦ ⅟ |
| ବାଳ୍ୟାବଳୀ | ... | ... | ... | ଟ ୦ ⅟ |
| ସଙ୍ଗୀତସୁଧାନିଧି | ... | ... | ... | ଟ ୦ । |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

## NOTICE.

A Superintendent of Public Works on a salary of Rs. 150 per mensem is required for the Tributary mehals of Dhenkanal. Applications will be received up to the 20th. proximo. None need apply who has not passed at least the departmental examination for the grade of Overseers and has not had some years' practical experience.

Office of Supdt. Triby mehals Cuttack. 29-8-82.

N. K. Das.
*Assistant Supdt. Tributary mehals.*

## ORIENTAL
### GOVERNMENT SECURITY LIFE ASSURANCE COMPANY "LIMITED"
*BOMBAY*

For prospectus, yearly reports of meetings, the fast progress of the Co. and for all other information, please apply to

J. Winterscale,
*Agent in Orissa*
No. 1 Cantonments.

ଓରିଏଣ୍ଟାଲ ଗଭର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଆସୁରାନ୍ସ କମ୍ପାନୀ ନାମକ ଜୀବନ ବୀମା କରିବାର କମ୍ପାନୀ ବୋମ୍ବାଇ ।

ଏ କମ୍ପାନୀର ଅନୁଷ୍ଠାନପତ୍ର ବାର୍ଷିକ ବିଜ୍ଞାପନ ଏବଂ ବାର୍ଷିକ ସମୃଦ୍ଧିର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ନିମ୍ନସ୍ୱାକ୍ଷରକାରିଙ୍କଠାରେ ଆବେଦନ କଲେ ପ୍ରାପ୍ତ ହେବ ।

ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ

କଟକ ନଂ ୧ ନମ୍ବର କାଣ୍ଟନମେଣ୍ଟ ବଜାର ।

### ଶଶାଙ୍କକିରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମୀ ଓ ପାରଦସମ୍ଭୂତ ଆରୋଗ୍ୟ ହୁଅଇ । ମା ୭ ଖାରୁ ଟ ୧୯ କା

### କାମଦୀପକ ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନିଶ୍ଚୟ ଭଲ ହୁଅଇ । ମା ୭ ଖାରୁ ଟ ୧୯ କା ।

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଆଠ ପ୍ରକାର ଶୂଳ ଭଲ ହୁଅଇ । ୧୪ ମାତ୍ରାରୁ ଟ ୧୯ କା ।

### ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଅଇ । ୪ ମାତ୍ରାରୁ ଟ ୧ କା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଅର୍ଥାତ୍ ଦଶ ବର୍ଷରୁ ନ୍ୟୂନ ପୁଂସତ୍ୱହୀନ ରୋଗ ଭଲ ହୁଅଇ । ୪ ମାତ୍ରାରୁ ଟ ୧୯ କା ।

ଏ ସବୁ ଆଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୨ ⎫
ଜାଙ୍କବଜାର ⎬ ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଟ୍ଟନାୟକ ।
କଟକ ⎭

ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ

କୃତ

ଉଦାସୀନଦତ୍ତ ମହୌଷଧ ।

# ଅମୃତଚୂର୍ଣ୍ଣ ।

ଏକପ୍ରସ୍ଥ [ ୨୦ ମତାର ] ମୂଲ୍ୟ ଟ ୪ । ଅଣା ୧୪ ପ୍ରସ୍ଥ ଏକାବେଳକେ ନେଲେ ଟ ୫୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ ଟ ୦ । ଗୃହଅଣା ଏବଂ ୫ ପ୍ରସ୍ଥ ଔଷଧ ଏକ ବଣ୍ଡିଲରେ ଟ ୦ । ଅଣା ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ୍ୟ, ଅସାଧ୍ୟ, ଓ କଷ୍ଟସାଧ୍ୟ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, ବହୁକାଳର ଶୂଳ, ଶିରଃପିଡ଼ା, ହୃଦରୋଗ, ଶ୍ୱାସକାସ, ହୁଲିମ୍ପ, ଅମ୍ଳପିତ୍ତ, ଅମ୍ଳଶୂଳ, ପୁରାତନ ଜ୍ୱର, ପ୍ଳୀହା, ଯକୃତ, ଅତିସାର, ବାତ, ଅର୍ଶ, ପୁରାତନ ପ୍ରମେହ, ଉପଦଂଶ, ପାରଦଘଟିତ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେଗୁଡ଼ିଏ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ଭୌତିକ ରୋଗ, ସ୍ୱପ୍ନରେ ଭୟ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ସ୍ୱଚ୍ଛନ୍ଦ ବ୍ୟବହାର୍ଯ୍ୟ ଅଟଇ । ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାକୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିଆ ଭାଷା ଜାଣନ୍ତି ନାହିଁ ।

# ଓଲାଉଠାର ଅମୋଘ

## ଏବଂ

### ଅଦ୍ୱିତୀୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକରା ୬୫ଜଣରୁ ଅଧିକ ରୋଗୀ ଆରୋଗ୍ୟ ହେଉଅଛନ୍ତି । ଓଲାଉଠାର ୫୦ଟି ବଟିକାର ମୂଲ୍ୟ ବର୍ତ୍ତମାନ ଟ ୪ ୧ଙ୍କା । ଏଥିରେ ଜ ୨୦ଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ ୨୲ । ଏହା ସେବନ କଲେ ଶର୍ଦ୍ଦି ଗର୍ମି ରୋଗ ଅତି ଆଶ୍ଚର୍ଯ୍ୟରୂପେ ଅଧଘଣ୍ଟାକ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ ନିଶ୍ଚୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମିଶିର ପୋଖାରୀ, ସହର ବନାରସ

---

ସାନୁନୟ ନିବେଦନ ମିଦଂ ।

ମହାଶୟ !

୨ୟ ଥର ଅମୃତଚୂର୍ଣ୍ଣ ଅଣାଇ ଆମ୍ଭର କଣେ ଆତ୍ମୀୟକୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁଶ୍ଚିକିତ୍ସ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେବନ ଆମ୍ଭର ଆତ୍ମୀୟ ସୁକଯୋଡ଼ା ନିବାସୀ ଶ୍ରୀଯୁକ୍ତ ଗିରୀଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଅଣାଇ ଅଳକୁ ଦ୬ ନ ହେଲା ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରି ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦ୍ଦେଶରେ ଏତେ ଦିନରେ ପ୍ରଚାରିତ ହେବାରୁ ବୋଧହୁଏ ଅନେକ ଲୋକ ଚିରଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଆମ୍ଭେମାନେ ଏହାର ଉପକାରିତା କଳନ୍ତାର ସାଧାରଣ ସମାଜରେ ପ୍ରଚ-

Digitized by srujanika@gmail.com

Split by PDF Splitter



ଷିତ କରିବାକୁ ତ୍ରୁଟୀ କରି ନାହୁଁ ବା କରୁଁ ନାହୁଁ ।

ଶ୍ରୀ ରାମଦାସ ମଣ୍ଡଳ
ଝାନାଦହୀ ଜିଲା ବାଙ୍କୁଡ଼ା

ଗୁଣାର୍ଣ୍ଣବେଷୁ ।

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବିଖ୍ୟାତ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରଦ ଦୋଷ ଜାତ ଗ୍ଲାନୀଘା, ଶିରଃପୀଡ଼ା, ପଚାସ୍ୟ ବସ୍ତୁ ପାନ କଲା ସମୟରେ ନାସିକା ବାଟେ କେତେକ ଅଂଶ ନିଃସୃତ ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତତ୍ୱ ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଳ ଓ ପୁରାତନ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ୱିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିସ୍ତାର ଲାଭ କରିଅଛୁଁ । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ତେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ କୀର୍ତ୍ତନଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି ତ୍ରୁଟି କରିବୁଁ ନାହିଁ । ବିବେଚନା କରୁଁ ଏହି ମହୌଷଧୀର ଗୁଣ ସର୍ବସାଧାରଣରେ ଜ୍ଞାତ ଥିଲେ କେବେହେଁ ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପତିତ ହୁଅନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନଓହାଟ୍ଟାପୋଷ୍ଟ ଜେଲା ଯଶୋହର

ମହାଶୟ ।

ଆପଣଙ୍କ ଡିସ୍ପେନ୍ସରିରେ କ୍ଷୟ, ଯକ୍ଷ୍ମା ଓ ବହୁକାଳର ପ୍ରମେହ ରୋଗର ଗୋଟିଏ ମହୌଷଧ ଅଛି । ସେହି ଔଷଧ ସେବନ କରି ଆମ୍ଭର ଶ୍ରଦ୍ଧାସ୍ପଦ ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧୀର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରଚାରିତ କରିବାକୁ ତ୍ରୁଟି କରିବୁଁ ନାହିଁ । ଏବଂ ଯହିଁରେ ଦିନାଜପୁର ଜିଲାର ପଲ୍ଲୀ ଗ୍ରାମରେ ପ୍ରଚାର ହେବ ସେଥିପାଇଁ ଆମ୍ଭେ ସ୍ଥାନେ୨ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ କାଗଜରେ ଲେଖି ପ୍ରକାଶ କଲୁଁ ।

ଶ୍ରୀ ପ୍ରଭାପଚନ୍ଦ୍ର ମୁଖୋପାଧ୍ୟାୟ
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦିନାଜପୁର

ମହାଶୟ !

ସମ୍ପ୍ରତି ଆମ୍ବଲା ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ଯେତ ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ । ଶଏ ଅଠରଲକ୍ଷଣଜଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତତ୍ପରେ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା କଥିତ ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହତ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କୁ ଏହି ଭୟାନକ ଦୁର୍ଦମ୍ୟରୋଗରୁ ନିସ୍ତାର ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଅଧିକ କହିପାରୁଁ ଯେ, ଓଲାଉଠାରୋଗପ୍ରପୀଡ଼ିତ ମୁମୂର୍ଷୁ ବ୍ୟକ୍ତିଙ୍କି ମଧ୍ୟ ଅର୍ଥାତ୍ ଶେଷାବସ୍ଥାର ରୋଗିକୁ ସୁଦ୍ଧା ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥିବ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନୁହଇ । ଅତ୍ରନଗରର ମାନ୍ୟବର ଅସିଷ୍ଟାଣ୍ଟ ସାର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟଣା ମନୁଷ୍ୟକୃତ ଔଷଧୀଦ୍ୱାରା କିପ୍ରକାରରେ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଶନର ସାହେବ ଆପଣଙ୍କ ପ୍ରେରିତ ୫ ବଣ୍ଡିଲ ଔଷଧୀ ଲାହୋର ଅମୃତସହର ଓ ଜଲନ୍ଦରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବିହାରୀ ମୁଖୋପାଧ୍ୟାୟ
ହେଡ଼କ୍ଲାର୍କ ଡେପୁଟୀ କମିଶନର୍ସ ଅଫିସ୍,
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଭଣୋଇ ଶ୍ରୀଯୁକ୍ତ ବାବୁ ଈଶାନଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲେରାପିଲ କ୍ରୟ କରି ଥିଲେ ଆମ୍ଭେ ଆହ୍ଲାଦର ସହିତ ତାହାର ମହତ ରୋଗ ନିବାରଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁ ସଂଖ୍ୟକ ଓଲାଉଠା ରୋଗିଙ୍କର ଏହା ବ୍ୟବହାର କରିବାରେ ଯେଉଁ ଆଶା କରା ଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ୍ ଶୀଘ୍ର ରୋଗର ପ୍ରତୀକାର ହୋଇଅଛି ଚାଳିଶ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆ ଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରି ଅଛନ୍ତି । ପ୍ରକୃତ ଏଥିର ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦ ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଥାଏ ତେବେ ତାହା ଔଷଧୀ ଆପଣଙ୍କର କଲେରାପିଲ ବ୍ୟତିରେକେ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଜଣ୨ କରି ଅନୁରୋଧ କରୁଅଛୁଁ ଯେ ଯେମନ୍ତ ସେମାନେ ଏହି ଔଷଧୀକୁ କିଛି୨ ସଂଗ୍ରହ କରି ରଖନ୍ତୁ । କଥିତ ଓଲାଉଠାର ପ୍ରାଦୁର୍ଭାବ ସମୟରେ ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବର ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ବିଲକ୍ଷଣ ପ୍ରତୀତ ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ ।

ଅପଣ ଇଚ୍ଛା କଲେ ଉପରୋକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ ବ୍ୟତିରେକେ ଅନ୍ୟ କିଛି ନୁହେ ଅର୍ଥାତ୍ ବଢ଼ାଇ କରି କହୁ ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ ।

ଶ୍ରୀ ରାମସତ୍ୟ ମୁଖୋପାଧ୍ୟାୟ
ହେଡ଼ଢବ୍ରଣୀ ବେହାର ଇଣ୍ଡିଗୋ ପ୍ଲାଣ୍ଟାରସ
ଏସୋସିଏସନ୍

ନ ୬୪ ମର

[illegible]ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter
REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା


ଖ ୧୭ ଶ
ସଂ ୩୮ ସଂଖ୍ୟା

ତା ୨୩ ତାଂ ମାହେ ସେପ୍ଟେମ୍ବର ସନ ୧୮୮୨ ମସିହା । ମୁ । ଅଶ୍ୱିନ ଦ ୯ ତା ସନ ୧୨୮୯ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
| --- | --- | --- |
| ବାର୍ଷିକ | ଟ ୫ ୯ | ଟ ୬ ୯ |
| ଡାକମାସୁଲ | ଟ ୦ ୮/ | ଟ ୧ ୯ |


ଗବର୍ଣ୍ଣମେଣ୍ଟ ଇଣ୍ଡିଆ ନିଜ କଚେରିମାନଙ୍କରେ ପୂର୍ବପ୍ରାପ୍ତ ସୁପାରସ ବଳରେ କର୍ମ ପ୍ରଭୃତି ନିଯୁକ୍ତ କରିବାର ପ୍ରଥା ରହିତ ଉଦ୍ଦେଶରେ ସ୍ୱତନ୍ତ୍ର ପରୀକ୍ଷାର ନିୟମ ଅଳ୍ପଦିନ ହେଲା ପ୍ରଚଳନ କରିଅଛନ୍ତି । ଯେଉଁମାନେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କେବଳ ସେହିମାନଙ୍କୁ କର୍ମ ଦିଆଯିବ । ବିଏ, ଓ ଏମ୍, ଏ, ପାଶ କରିବାରେ ମଧ୍ୟ କୌଣସି ଗୁରୁତ୍ୱ ରଖାଯାଇ ନାହିଁ । ଏତେକ ଆମ୍ଭମାନଙ୍କ ଜାଣିବାରେ ଅନ୍ୟାୟ ହୋଇଅଛି । ବର୍ତ୍ତମାନ ଗୋଟିଏ କାମ ଖାଲି ଥିବାରୁ ତହିଁ ନିମନ୍ତେ କେତେକଜଣ ପରୀକ୍ଷାର୍ଥୀ ଆବେଦନ କରିଅଛନ୍ତି । ସଇସୁପାରିସର ମନ୍ଦଫଳଠାରୁ ଏହା ଅନେକ ଅଂଶରେ ଉତ୍କୃଷ୍ଟ ଏବଂ ସବୁ କଚେରିରେ ଏପରି ନିୟମ ପ୍ରବର୍ତ୍ତିତ ହେବା ଆମ୍ଭମାନଙ୍କର ଇଚ୍ଛା ।

---

ଗଞ୍ଜାମ ଜିଲ୍ଲା ମଞ୍ଜୁଷାର ମହାରାଜାଙ୍କର ପୁତ୍ରମାନେ ଦେଶ ଭ୍ରମଣକୁ ଯାତ୍ରା କରିଅଛନ୍ତି । ସେମାନେ ମାନ୍ଦ୍ରାଜ ଓ ବମ୍ବେ ପ୍ରଦେଶର ଭଲ ଭଲ ନଗରମାନ ସନ୍ଦର୍ଶନ କରି ଦିଲ୍ଲୀକୁ ଆସିବେ ଓ ସେଠାରୁ ମଥୁରା ପ୍ରୟାଗ କାଶୀ ଇତ୍ୟାଦି ତୀର୍ଥମାନ ଦେଖି କଲିକତା ବାଟେ ଏ ନଗରକୁ ଆସି ଏବଂ ଶ୍ରୀ ଜଗନ୍ନାଥ ଦର୍ଶନ କରି ସ୍ୱଦେଶକୁ ଫେରିଯିବେ । ରାଜକୁମାରମାନଙ୍କର ଏହି ଦେଶ ପର୍ଯ୍ୟଟନରେ ଯେ ବିଶେଷ ଜ୍ଞାନ ଓ ବହୁଦର୍ଶିତା ଲାଭ ହେବ ତହିଁରେ ସନ୍ଦେହ ନାହିଁ । ମଞ୍ଜୁଷାର ମହାରାଜା ଯେମନ୍ତ ସୁନ୍ଦର ପ୍ରଜାପାଳନ ଏବଂ ଅନ୍ୟାନ୍ୟ ସତ୍କର୍ମଦ୍ୱାରା ଅତୁଳ ଯଶ ଏବଂ ଗବର୍ଣ୍ଣମେଣ୍ଟଙ୍କଠାରୁ ସି, ଆଇ, ଇ ପଦ ଲାଭ କରିଅଛନ୍ତି ତେମନ୍ତ ଆପଣା ପୁତ୍ରମାନଙ୍କୁ ସୁଶିକ୍ଷା ଦାନ ପୂର୍ବକ ଆପଣାର ଯୋଗ୍ୟ ଉତ୍ତରାଧିକାରୀ କରୁଅଛନ୍ତି । ଦେଶ ଭ୍ରମଣରେ ଅନେକ ଲାଭ ଅଛି । ସମସ୍ତ ଗଡ଼ଜାତ ରାଜାଙ୍କର ଉଚିତ ଯେ ଆପଣା ଆପଣା ସନ୍ତାନମାନଙ୍କୁ ଶିକ୍ଷା ଦେବା କାରଣ ଏପରି ଆଦର୍ଶର ଅନୁକରଣ କରିବେ ।

---

ହିନ୍ଦୁପେଟ୍ରିଅଟ୍ ଲେଖନ୍ତି ଯେ ଚଟ୍ଟାଗଙ୍ଗ ଇଲାକାରେ ଦାଖଲ ଖାରିଜ ସମ୍ବନ୍ଧରେ ଜଣେ ସବ୍‌ଡେପୁଟୀର ଆବଶ୍ୟକ ହେବାରୁ କମିଶ୍ନରଙ୍କ ଅନୁମତି ଯୋଗେ ସେଠା କଲେକ୍ଟର ସାହେବ ପ୍ରସନ୍ନକୁମାର ଚୌଧୁରୀ ନାମକ ଜଣକୁ ନିଯୁକ୍ତ କରି ଶେଷକୁ ସେ ୪ ମାସ ସନ୍ତୋଷଜନକରୂପେ କାର୍ଯ୍ୟ କଲା ପରେ କମିଶ୍ନର ସାହେବ ଆପଣା ଅସିଷ୍ଟାଣ୍ଟଙ୍କ ରୁଚିରେ ପଡ଼ି ତାକୁ ପଦଚ୍ୟୁତ କରି ତାହା ସ୍ଥାନରେ ଅନ୍ୟ ଏକଜଣ ଅସିଷ୍ଟାଣ୍ଟଙ୍କ ଆତ୍ମପକ୍ଷୀୟ ଲୋକକୁ ନିଯୁକ୍ତ କଲେ । ମଧ୍ୟ ଉକ୍ତପତ୍ରିକାରେ ଆହୁରି ଲେଖା ଅଛି ଯେ ସିଲହଟର ଡେପୁଟୀ କମିଶ୍ନର ସାହେବ ମଣିପୁରୀ କଏଦିମାନଙ୍କୁ ଅନ୍ୟ ଲୋକର ରୋଷାଇରେ ଖାଇବା କାରଣ ଜିଦ କରିବାରୁ ଦୁଇଦିନ ପର୍ଯ୍ୟନ୍ତ କଏଦିମାନେ ଅନାହାରରେ ରହିଲେ । ତୃତୀୟ ଦିନ ପ୍ରହାର ଆରମ୍ଭ ହେବାରୁ ଜଣେ କଏଦୀ ମୂର୍ଚ୍ଛା ଗଲା । ତହୁଁ ସେମାନଙ୍କୁ ଅର୍ଦ୍ଧଭୋଜନ ସହିତ ନିର୍ଜନ କାରାବାସର ଅନୁଜ୍ଞା ହେଲା । ବଡ଼ଲାଟଙ୍କ ସମୀପରେ ଆବେଦନ ହେବାରୁ ସେ ପ୍ରଧାନ କମିଶ୍ନରଙ୍କୁ ଏ ବିଷୟ ବୁଝିବା କାରଣ ଆଦେଶ କରିଅଛନ୍ତି । ଏ ସବୁ ବିଷୟରେ ଆମ୍ଭମାନଙ୍କର କିଛି କହିବାକୁ ନାହିଁ । ପାଠକମାନେ ସ୍ୱୟଂ ଦେଖି ପାରିବେ ଯେ ଭାରତରେ କି ଭଳି ଲୋକେ ଶାସନକାର୍ଯ୍ୟ ସମ୍ବନ୍ଧରେ ନିଯୁକ୍ତ ଅଛନ୍ତି ।

---

ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ସ୍କୁଲ ଇନ୍‌ସପେକ୍ଟର, ଜଏଣ୍ଟଇନ୍‌ସପେକ୍ଟର, ଅଧ୍ୟକ୍ଷ ଏବଂ ହେଡ଼ମାଷ୍ଟରମାନଙ୍କର ମତାମତ ଜାଣିବା କାରଣ ଗୋଟିଏ ସରକ୍ୟୁଲର ବାହାର କରିଅଛନ୍ତି । ତହିଁରେ ପ୍ରବେଶିକା ପରୀକ୍ଷା ପର୍ଯ୍ୟନ୍ତ ପଢ଼ାଉଥିବା ସ୍କୁଲମାନ ଦ୬୦ନ ଓ ଏଲ୍, ଏ, ପର୍ଯ୍ୟନ୍ତ ପଢାଉଥିବା କଲେଜମାନ ଦ୭୫ନ ଓ ବି, ଏ, ପର୍ଯ୍ୟନ୍ତ ପଢାଉଥିବା କଲେଜମାନ ଦ୯୦ନ ବନ୍ଦ ହେବାର ପ୍ରସ୍ତାବ କରିଅଛନ୍ତି ସେ କହୁଅଛନ୍ତି ଯେ ଶୀତକାଳ ପଢିବା ପକ୍ଷେ ଅଧିକ ଉପଯୋଗୀ ଅଟେ । ଅତଏବ ଏହାକୁ କାର୍ଯ୍ୟରେ ଲଗାଇବା ଉଚିତ ହେଉଅଛି । ଗ୍ରୀଷ୍ମକାଳ ପଢିବା ପକ୍ଷେ ନିତାନ୍ତ କଠିନ ସମୟ ଏଣୁ ମାର୍ଚ୍ଚ କିମ୍ବା ଅପ୍ରେଲ ମାସର କୌଣସି ସମୟରେ ପରୀକ୍ଷା ଗୃହୀତ ହେଲେ ଜୁନ ମାସ

Digitized by srujanika@gmail.com

ତା ୨୦ ରଖ ଅର୍ଥାତ୍ ବର୍ଷା ଆରମ୍ଭ ହେବା ଯାଏ ଛୁଟି ମିଳି ପାରେ । ଏଥିକୁ ହିନ୍ଦୁପେଟ୍ରିୟଟ୍ କହନ୍ତି ଯେ ଦୁର୍ଗାପୂଜା ଛୁଟି ପୂର୍ବରେ ପରୀକ୍ଷା ଗୃହୀତ ହୋଇ ଏହି ପ୍ରଧାନ ପର୍ବ ସମୟରେ ଅଧିକଦିନ ଛୁଟି ମିଳିଲେ ଉଭୟ ଛାତ୍ରଙ୍କର ଆମୋଦ ଓ ପରୀକ୍ଷକଙ୍କର ପରୀକ୍ଷା କାଗଜ ଦେଖିବା ସକାଶେ ଉପଯୋଗୀ ହେବ ଏବଂ ପୂର୍ବେ ହିନ୍ଦୁ କଲେଜରେ ଏହିପରି ବ୍ୟବସ୍ଥା ଥିଲା । ଆମ୍ଭେମାନେ ଡାଇରେକ୍ଟର ସାହେବଙ୍କର ପ୍ରସ୍ତାବରେ ପକ୍ଷପାତୀ କାରଣ ଗ୍ରୀଷ୍ମ କାଳରେ ଅବକାଶ ମିଳିବା ସର୍ବତୋଭାବରେ ବାଞ୍ଛନୀୟ ।

---

ଗତ ସପ୍ତାହରେ ଏଠା ଡାକଘରର ଗୋଲମାଲ ବିଷୟରେ ଆମ୍ଭେମାନେ ଯାହା ଲେଖିଥିଲୁଁ ତଦୃଷ୍ଟିରେ ପୋଷ୍ଟମାଷ୍ଟର ଆମ୍ଭମାନଙ୍କ ନିକଟକୁ ଦୁଇଖଣ୍ଡି ଚିଠିର ନକଲ ପଠାଇ ଅଛନ୍ତି । ତହିଁରୁ ଜଣାଯାଏ ଯେ କେତେ ଖଣ୍ଡଏ ପୁସ୍ତକ ପାକେଟ୍ ଡାକରେ ଆସିବା ବେଳେ ତହିଁର ଖୋଳ ବା ଯହିଁରେ ନାମ ଲେଖାଥାଏ ଫାଟି ଯାଇ କେବଳ ଦୌଡିରେ ବନ୍ଧା ଥିଲା । କେତେକ ପାକେଟରେ ରାମପ୍ରସନ୍ନ ବାବୁଙ୍କର ନାମ ଲେଖା ଥିବାରୁ ସମସ୍ତ ପାକେଟ ପୋଷ୍ଟମାଷ୍ଟର ତାହାଙ୍କ ନିକଟକୁ ପଠାଇ ଦେଇ ପତ୍ର ଲେଖି ଥିଲେ ଯେ ଯେବେ ସବୁ ପୁସ୍ତକ ତାହାଙ୍କର ନ ଥିବ ତେବେ ବଳକା ପୁସ୍ତକମାନ ଫେରି ଦେବେ । ରାମପ୍ରସନ୍ନ ବାବୁ ଆପଣା ତାଲିକା ସେ ସମୟରେ ପାଇ ନ ଥିଲେ । ପଶ୍ଚାତ୍ ତାଲିକା ପ୍ରାପ୍ତ ହୋଇ ବଳକା ପୁସ୍ତକମାନ ଫେରି ଦେଲେ ଏବଂ ସେ ପୁସ୍ତକର ପ୍ରକୃତ ଅଧିକାରୀ ଡାକଘରେ ଉପସ୍ଥିତ ହୋଇ ସେ ସମସ୍ତ ଘେନି ଅଛନ୍ତି । ଏଥିରୁ ପ୍ରକାଶ ଯେ ପୁସ୍ତକମାନ ମାଲିକଙ୍କୁ ଦେବାରେ ଭୁଲ ହୋଇଥିଲା ଅନ୍ୟ କିଛି ଗୋଲମାଲ ହୋଇ ନାହିଁ । ଆମ୍ଭେମାନେ ଡାକଘର ବିରୁଦ୍ଧରେ ଗୋଟିଏ କଥା କହିବା ମାତ୍ରକେ ପୋଷ୍ଟମାଷ୍ଟର ମହାଶୟ ଯେ ତତ୍ପର ହୋଇ ତହିଁର ପ୍ରକୃତ କାରଣ ଦର୍ଶାଇ ଅଛନ୍ତି ଏଥିରେ ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ ଏବଂ ଏହାଦ୍ୱାରା ପ୍ରମାଣ ହେଉଅଛି ଯେ ତାହାଙ୍କ ଉପକାର କାର୍ଯ୍ୟରେ କୌଣସି ତ୍ରୁଟି ବା ଛିଦ୍ର କେହି ବାହାର କଲେ ତାହା ସଂଶୋଧନ କରିବାକୁ ସେ ଏକାନ୍ତ ଯତ୍ନବାନ୍ ଅଟନ୍ତି ।

---

ଏ ନଗରରେ ବର୍ତ୍ତମାନ ଗଣେଶ ପୂଜାର ଧୂମ ଲାଗି ରହିଅଛି । ଗତ ଶନିବାର ପ୍ରଥମପୂଜା ଥିଲା ମାତ୍ର ସେଦିନ ଅତ୍ୟନ୍ତ ଝଡବୃଷ୍ଟି ହେବାରୁ କେହି ଘରୁ ବାହାର ପାରିଲେ ନାହିଁ ସୁତରାଂ କେବଳ ଘରେ ଘରେ ପୂଜା ହୋଇ ଗଲା । ତହିଁ ଆରଦିନଠାରୁ ଠାବେ ଠାବେ ଯାତ୍ରା ତାମସା ଲାଗି ରହିଅଛି । ପୂର୍ବବର୍ଷ ପ୍ରାୟ ଅନେକ ସ୍ଥଳରେ ପ୍ରତିମାମାନ ହୋଇଅଛନ୍ତି ଏବଂ ବକ୍ସୀ ବଜାରରେ ପ୍ରତିମା ସଜାଇବାର କାରଖାନା ଅଧିକ ତହିଁ ମଧ୍ୟରେ ବାବୁ ବଳରାମ ଭଗତଙ୍କର ପ୍ରତିମା ପ୍ରଧାନ ଅଟଇ । ଏ ବାବୁ ବହୁତ ଶ୍ରଦ୍ଧା ସହିତ ଗୋଟିଏ ବୃହତ୍ ଦାଲାନ ପ୍ରସ୍ତୁତ କରି ତହିଁ ମଧ୍ୟରେ ଏକ ପ୍ରକାଣ୍ଡ ଗଣେଶ ମୂର୍ତ୍ତି ବସାଇ ଦେଇଅଛନ୍ତି ଯେଉଁଟି ଭଲ ଚିତ୍ରିତ ହୋଇଅଛି ଏବଂ କଲିକତା ବାରଓଆରି ନିୟମରେ ଗଣେଶଙ୍କ ସମ୍ମୁଖରେ ଏକଷ୍ଟଜସଭା ବସାଇ ଦିଆ ଯାଇଅଛି । ରାଜା ଓ ମନ୍ତ୍ରୀ ଏକ ଆସନରେ ବସିଅଛନ୍ତି । ନିମ୍ନରେ ସଭ୍ୟ ହୋଇ ବ୍ରାହ୍ମଣ ବୈଷ୍ଣବ ପାତ୍ର ଓ ଭଦ୍ରଲୋକ ଜ ୬ ଣ ତହିଁରେ ବସିଅଛନ୍ତି ଏବଂ ସମ୍ମୁଖରେ ଦୁଇଜଣ ସିପାହୀ ଛିଡା ହୋଇଅଛନ୍ତି । ଏହି ପ୍ରତିମାମାନ ପ୍ରମାଣ ଆକୃତିର ଅଟଇ ଏବଂ ଏ ସମସ୍ତର ଶିଳ୍ପ କୌଶଳ ଅତ୍ୟନ୍ତ ମନୋହର । ଏ ନଗର ପକ୍ଷରେ ଏପରି ମୂର୍ତ୍ତିନିର୍ମାଣ ଅବଶ୍ୟ ପ୍ରଶଂସନୀୟ ଅଟଇ । ନାଟ୍ୟଶାଳାଟି ମଧ୍ୟ ଅନେକ ଝାଡ ଲଣ୍ଠନ ଓ ଛବିରେ ଉତ୍ତମରୂପେ ସୁସଜ୍ଜିତ ହୋଇଅଛି । ଏପରି କୌତୁକ ଏ ନଗରରେ ଅଭିନବ ବୋଲିବାକୁ ହେବ ଏବଂ ତାହା ଦେଖିବା କାରଣ ଅନେକ ଯାତ୍ରୀ ସେଠାରେ ଠୁଳ ହେଉ ଅଛନ୍ତି ।

---

ଡେଲିନ୍ୟୁସରେ ପାଠକଲୁଁ ଯେ ବମ୍ବାଇ ହାଇକୋର୍ଟରେ ଦାଏର ଥିବା ଏକ ମୋକଦମାରେ ଟ୍ରେମ୍ବିଜ ସାହେବ ବାରଷ୍ଟର ପୁନାଠାରେ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହେବା କାରଣ ମୋକଦମା ସ୍ଥଗିତ ରଖିବା ସକାଶେ ଜଜ ଓ୍ୱେଷ୍ଟ ସାହେବଙ୍କ ସମୀପରେ ଆବେଦନ କରିଥିଲେ ମାତ୍ର ସାହେବ ମହୋଦୟ ତାହା ଅଗ୍ରାହ୍ୟ କରି ଅଛନ୍ତି ଏହା ସୁବିବେଚକର କାର୍ଯ୍ୟ ହୋଇଅଛି । ବାରଷ୍ଟର ସାହେବଙ୍କର ସ୍ଥାନାନ୍ତରକୁ ଯିବାର ଆବଶ୍ୟକ ହେଲେବୋଲି ଆପଣା ମଉକଲଙ୍କୁ ଅଧିକଦିନ ଅଟକାଇ ରଖିବାର ଉଚିତ ନୁହେ । ବର୍ତ୍ତମାନ ପ୍ରାୟ ଦେଖିବାରେ ଆସୁଅଛି ଯେ ଉକୀଲ ବାରଷ୍ଟରମାନେ ସର୍ବସାଧାରଣଙ୍କର ଚାକରସ୍ୱରୂପ ଆପଣାର ପଦକୁ ଭୁଲି ଯାଇ ଯଥେଚ୍ଛା କର୍ମ କରିବାକୁ ସଙ୍କୁଚିତ ହେଉ ନାହାନ୍ତି । ମକ୍କେଲମାନଙ୍କଠାରୁ ଆପଣାର ଫିସଟଙ୍କା ସମୁଦାୟ ଉତ୍ତମରୂପେ ବୁଝି ପାଇଥିଲେ ମଧ୍ୟ ମୋକଦମା ପଡିଲାବେଳେ ଉକୀଲ ବାରଷ୍ଟରଙ୍କୁ ଅନ୍ୟତ୍ର ଉପସ୍ଥିତ ଥିବାର ଅନେକସ୍ଥଳେ ଦେଖା ଯାଇଅଛି ଏବଂ ଏଣେ ମୋକଦମା ସେହି ତ୍ରୁଟିରୁ ମାଡ଼ି ଖାଇଯିବାରୁ ସର୍ବସ୍ୱାନ୍ତ ହେଲାପରେ ମଉକଲର ମୁଣ୍ଡ ଢୋଡ ହେବାର ଦେଖିବା ନିତାନ୍ତ କଷ୍ଟକର । ଯେଉଁ ମୋକଦମାର କଥା ଉପରେ ଲେଖାଗଲା ତାହା ଏକ ଜାଲ ମୋକଦମା ଅଟେ ସୁତରାଂ ସର୍ବସାଧାରଣଙ୍କର ତହିଁରେ ବିଶେଷ ସମ୍ପର୍କ ଅଛି ଏରୂପ ଅବସ୍ଥାରେ ବ୍ୟକ୍ତିବିଶେଷର ସୁବିଧା ପ୍ରତି ଦୃଷ୍ଟିପାତ ନ କରି ଓ୍ୱେଷ୍ଟ ସାହେବ ଯେ ସାଧାରଣଙ୍କର ସ୍ୱାର୍ଥ ପ୍ରତି ଦୃଷ୍ଟି ରଖି ଆବେଦନ ଅଗ୍ରାହ୍ୟ କରିଅଛନ୍ତି ବଡ ସୁଖର ବିଷୟ ଏବଂ ଉପଯୁକ୍ତ ବିଚାରର ପରିଚୟ । ଆମ୍ଭେମାନେ ଭରସା କରୁଁ ଏ ବିଷୟ ସର୍ବତ୍ର ଦୃଷ୍ଟାନ୍ତ ସ୍ୱରୂପ ଗୃହୀତ ହେବ ନୋହିଲେ ଉକୀଲ ବାରଷ୍ଟରମାନଙ୍କର ଏପରି ଅତ୍ୟାଚାର ରହିତ କରିବା କାରଣ କୌଣସି ବିଧି ହେବାର ଆବଶ୍ୟକ ।

---

ଏ ନଗରରେ ଆଜିକାଲି ଚୋରର ଶୈର ହେଉଅଛି । ଏ ସପ୍ତାହରେ ପ୍ରାୟ ପ୍ରତିଦିନ ଆମ୍ଭେମାନେ ଗୋଟିଏ ଗୋଟିଏ ଚୋରୀର ସମ୍ବାଦ ପାଉଅଛୁଁ ଏବଂ ତହିଁମଧ୍ୟରେ ଏକ ନୂଆ ପ୍ରକାରର ଚୋରୀ ଅଧିକ ଶୁଣାଯାଏ । ନୂଆକଥା ଏହି ଯେ ଚୋର ଘରେ ପଶି ଘରର ଦ୍ରବ୍ୟ ନେବା ଛଡ଼ା ସୋଇଥିବା ଲୋକଙ୍କ ଦେହରୁ ଅଳଙ୍କାର ଖସାଇ ନେଉଅଛି । ଏହା ସାମାନ୍ୟ ସାହସର କଥା ନୁହେ । ଗତ ଶନିବାର ଏ ନଗରର ଜଣେ ଉକୀଲ ବାବୁ ଗୌରକୃଷ୍ଣ ଚଟ୍ଟୋପାଧ୍ୟାୟଙ୍କ ଗୃହିଣୀର ଦୁଇ ହାତର ଚୁଡ଼ି ଖଡ଼ୁ ବାହାର କରି ନେଇଥିଲା । ଆଉ ଜଣେ ସ୍ତ୍ରୀର ଅଣ୍ଟାରୁ ଗୋଟ ଏବଂ ଗଳାରୁ ସୁନାକଣ୍ଠି ଘେନି ଯାଇଥିବାର କଥିତ ହୁଅଇ । ଏଥିରୁ ଅନୁମାନ ହୁଅଇ ଚୋରମାନେ ଅଶିଉ ଜଳା ଘେନି ପଳାଇବାର ପ୍ରତ୍ୟକ୍ଷ ହେବ । ଦୁଃଖର ବିଷୟ ଯେ ଏଠା ଚୋରଙ୍କର ବୁଦ୍ଧି ଦିନକୁଦିନ ଯେପରି ବୃଦ୍ଧି ହେଉଅଛି ପୁଲିସର ବୁଦ୍ଧି ସେପରି ହେଉ ନାହିଁ । ଯେତେ ଚୋରୀ ହେବାର ସମ୍ବାଦ

Split by PDF Splitter



ଅମ୍ଭେମାନେ ଶୁଣୁଅଛୁଁ ସେ ସମସ୍ତର ଇତ୍ତଲା ପୁଲିସରେ ଦିଆ ଯାଇଅଛି କି ନାହିଁ କହି ନ ପାରୁଁ । ସମ୍ଭବତଃ ଇତ୍ତଲା ହୋଇ ନାହିଁ କାରଣ ସେପରି ଇତ୍ତଲା ଗ୍ରହଣ କରିବାକୁ ପୁଲିସ ଆଗ୍ରହ ପ୍ରକାଶ କରିବାର ଦେଖିନ ଥାଉ ବରଂ ସେମାନଙ୍କ କାର୍ଯ୍ୟରେ ଲୋକଙ୍କର ଭୟ ହୁଅଇ ଯେ ଚୋରୀ ପ୍ରମାଣ ନ ହେଲେ ଓଲଟା ସେମାନଙ୍କୁ ଦଣ୍ଡ ଲଭିବାକୁ ହେବ । ଲୋକଙ୍କର ଏପରି ବିଶ୍ୱାସ ପୁଲିସର ଅନୁକୂଳରେ ନୁହଇ ଏବଂ ଇତ୍ତଲା ହେଉ କି ନ ହେଉ ପୁଲିସର ଉଚିତ ଯେ ଚୋରୀର ଅନୁସନ୍ଧାନ କରି ଚୋର ଧରିବା ପ୍ରତି ଅଧିକ ମନୋଯୋଗୀ ହେବେ । କିନ୍ତୁ ଇହିଁରେ ବିଶେଷ ତ୍ରୁଟି ଦେଖାଯାଏ ଏବଂ ନଗରବାସିମାନେ ତଦ୍ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ଓ ଭୀତ ହୋଇଅଛନ୍ତି । ସ୍ଥାନୀୟ ହାକିମମାନେ ପୁଲିସର କାର୍ଯ୍ୟ ପ୍ରତି ବିଶେଷ ଦୃଷ୍ଟି ରଖନ୍ତୁ ଏହି ଅମ୍ଭମାନଙ୍କର ପ୍ରାର୍ଥନା ।

---

ଇଉରୋପ ଖଣ୍ଡର ଆମେଷ୍ଟରଡାମ ନାମକ ମହାନଗରରେ ଆଗାମୀ ମଇମାସରେ ସାଧାରଣ ବାଣିଜ୍ୟ ଏବଂ ଶିଳ୍ପଜାତ ଦ୍ରବ୍ୟ ଓ ଉପନିବେଶମାନଙ୍କରେ ଉତ୍ପନ୍ନ ହେଉଥିବା ଦ୍ରବ୍ୟମାନଙ୍କର ଗୋଟିଏ ପ୍ରଦର୍ଶନୀ ହେବ । ସେ ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏକ ବିଜ୍ଞାପନ ପ୍ରଚାର କରିଅଛନ୍ତି ଏବଂ ତହିଁର ଖଣ୍ଡିଏ ପ୍ରତିଲିପି ଆମ୍ଭେମାନେ ପ୍ରେସକମିଶନରଙ୍କ ଆଫିସରୁ ପ୍ରାପ୍ତ ହୋଇଅଛୁଁ । ଯେ ସମସ୍ତ ଦ୍ରବ୍ୟ ପ୍ରଦର୍ଶିତ ହେବ ତାହା ଚାରିଶ୍ରେଣୀରେ ବିଭକ୍ତ ହୋଇଅଛି ଯଥା; ୧ ମ ଜୀବଜ ପଦାର୍ଥ କି ତହିଁରେ ରେଶମ ପଶମ, ଚର୍ମ୍ମ, ମାଛ, ଲହୁଣି, ଚର୍ବି, କସ୍ତୁରୀ, ମଧୁ ଓ ମହମ ଇତ୍ୟାଦି ଆସି ଅଛି । ୨ ୟ ଖଣିଜ ପଦାର୍ଥ ଯଥା; ଧାତୁ, ପଥରକୋଇଲା, ପଥର ଇତ୍ୟାଦି । ୩ ୟ ଉଦ୍ଭିଜ୍ଜ ପଦାର୍ଥ ଯଥା; ସମସ୍ତ ଶସ୍ୟ, ଫଳ, ମୂଳ, ଔଷଧ, ମସଲା, ସୁବାସ ଅର୍କ, ତେଲ ଇତ୍ୟାଦି ଏବଂ ୪ ର୍ଥ ଶିଳ୍ପଜାତ ଦ୍ରବ୍ୟ ଯଥା; ଗାଲିଚା, ଝୋଟର ଲୁଗା, ଓ ଅଳ ହୌତ, ଫଟୋଗ୍ରାଫ ଛବି ଏବଂ ଅନ୍ୟାନ୍ୟ ଦ୍ରବ୍ୟ । ଭାରତବର୍ଷରୁ ଯେ କେହି ଦ୍ରବ୍ୟ ପଠାଇବାକୁ ଇଚ୍ଛୁକ ହେବେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତହିଁର ଭାର ନେବାକୁ ସମ୍ମତ ହୋଇ କେତେଗୁଡିଏ ନିୟମ କରିଦେଇଅଛନ୍ତି । ବାହୁଲ୍ୟ ଭୟରେ ସେ ସମସ୍ତ ଏଠାରେ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ତହିଁର ସ୍ଥୂଳମର୍ମ୍ମ ଏହିକି ଯେଉଁମାନେ ଦ୍ରବ୍ୟ ପଠାଇବାକୁ ଇଚ୍ଛା କରିବେ ସେମାନେ ଆଗାମୀ ଡିସେମ୍ବର ମାସ ତା ୧ ରିଖ ପୂର୍ବରୁ ଗବର୍ଣ୍ଣମେଣ୍ଟଙ୍କ ଅନୁମତି ସକାଶେ ଆବେଦନ କରିବେ ଏବଂ ଜାନୁଏରୀ ମାସ ତା ୧ ରିଖ ପୂର୍ବରୁ ଆପଣା ଦ୍ରବ୍ୟ ପଠାଇ ଦେବେ । କଲିକତା ପର୍ଯ୍ୟନ୍ତ ଦ୍ରବ୍ୟ ପଠାଇବାର ଖର୍ଚ୍ଚା ଆବେଦନକାରୀଙ୍କୁ ଦେବାକୁ ହେବ । ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ରେବିନ୍ୟୁ ମହକୁମାର ଜଣେ କର୍ମଚାରୀ ବାବୁ ଟି, ଏନ୍ ମୁଖୁର୍ଯ୍ୟା ଏହି ପ୍ରଦର୍ଶନୀ ସକାଶେ ଦ୍ରବ୍ୟ ସଂଗ୍ରହ କରିବାର ଭାର ପାଇଅଛନ୍ତି । ଯାହାଙ୍କର ଦ୍ରବ୍ୟ ପଠାଇବାକୁ ଇଚ୍ଛା ଅଛି ସେମାନେ ତାହାଙ୍କ ନିକଟକୁ ପତ୍ରାଦି ଲେଖିବେ । ଓଡିଶା ପୂର୍ବେ କେତେକ ପ୍ରଦର୍ଶନୀରେ ରୂପାର ତାରକସୀ କର୍ମରେ ଯଶ ଲାଭ କରିଥିଲା । ଏଣିକି ସେପରି ହେଉ ନାହିଁ ଏହି ପ୍ରଦର୍ଶନୀରେ କେହି ଯଶ ଲାଭ କରିବାକୁ ଅଗ୍ରସର ହେଲେ ଅମ୍ଭେମାନେ ବଡ଼ ଆନନ୍ଦିତ ହେବୁଁ ।

---

ଅମ୍ଭେମାନେ ଶୁଣିଲୁଁ ଯେ ଯାଜପୁରରେ ଜଣେ ଲାଇସେନ୍ସ ଷ୍ଟାମ୍ପ ଆପତ୍ତିକାରୀ ଆପଣା ଦରଖାସ୍ତରେ ଲେଖିଥିଲା କି କାନୁନଗୋଇ ମୋତେ ଲାଞ୍ଚ ମାଗିଲେ ମୁଁ ତାଙ୍କୁ କିଛି ନ ଦେବାରୁ ସେହି ଆକ୍ରୋଶରେ ମୋ ନାମ ଷ୍ଟାମ୍ପ ତାଲିକାରେ ଚଢ଼ାଇଦେଲେ ବାସ୍ତବରେ ମୋର ଷ୍ଟାମ୍ପ ଦେବା ଉପଯୁକ୍ତ ଆୟ ନାହିଁ । ଯାଜପୁରର ଡିପୋଟି କଲେକ୍ଟର ତାହାର ଆପତ୍ତି ଅନ୍ୟାନ୍ୟ କାରଣରେ ଅଗ୍ରାହ୍ୟ କରି କାନୁନଗୋଇ ପ୍ରତି ଆଦେଶ ଦେଲେ ଯେ ସେ ଆପତ୍ତିକାରୀ ନାମରେ ଅପବାଦ ଅଭିଯୋଗରେ ନାଲିଶ କରୁ ନାଲିଶ ନ କଲେ ତହିଁର କାରଣ ଦୁଇ ସପ୍ତାହ ମଧ୍ୟରେ ଦର୍ଶାଉ । ଡିପୋଟି ବାବୁ ଏ ଆଜ୍ଞାର ଏହି କାରଣ ନିର୍ଦ୍ଦିଷ୍ଟ କରିଅଛନ୍ତି କି ଅନେକଲୋକ ଅସାବଧାନ ଓ ଅବିବେଚନା ପୂର୍ବକ ସରକାରୀ କର୍ମଚାରୀଙ୍କ ନାମରେ ଯାହା ଇଚ୍ଛା ତାହା ଲେଖି ଦିଅନ୍ତି ଏହା ଅତି ଅନିଷ୍ଟକର ଓ ରହିତ କରିବାର ଉଚିତ । ଯଦ୍ୟପି କାନୁନଗୋଇ ବାସ୍ତବରେ ଲାଞ୍ଚ ମାଗିଥିଲା ତେବେ ଆପତ୍ତିକାରୀ ତାହା ନାମରେ ସେହି ସମୟରେ ନାଲିଶ କରିଥାନ୍ତା ଓ ବର୍ତ୍ତମାନ ମଧ୍ୟ ସେ ନାଲିଶ କରିପାରେ । ନାଲିଶ କରିବା ପାଇଁ ତାଙ୍କୁ ଆଜ୍ଞା ଦେବାର ଆବଶ୍ୟକ ନାହିଁ ।

ଅମ୍ଭେମାନେ ଏ ବିଷୟରେ ଡିପୋଟି କଲେକ୍ଟରଙ୍କ ସଙ୍ଗେ ଐକ୍ୟ ହୋଇ ପାରୁ ନାହୁଁ । କାନୁନଗୋଇମାନେ ଯେ ପ୍ରକାର କର୍ମଚାରୀ ବୋଲି ସାଧାରଣରେ ପରିଚିତ ତଦ୍ଦୃଷ୍ଟିରେ ଏମନ୍ତ ବୋଲାଯାଇ ନ ପାରେ ଯେ ତାହାଙ୍କ ମଧ୍ୟରେ ଏପରି ଏକବ୍ୟକ୍ତି ସୁଦ୍ଧା ନାହିଁ କି ଯାହାଠାରେ ଲାଞ୍ଚ ମାଗିବାର ଦୋଷାରୋପ ହୋଇ ନ ପାରେ ବିଶେଷତଃ ଏକା କାନୁନଗୋଇ କାହିଁକି ଷ୍ଟାମ୍ପ ସମ୍ବନ୍ଧରେ କେତେ ଲୋକ କେତେ ପ୍ରକାରରେ ଉପାୟ କରି ନଅନ୍ତି ଏହା କିଏ ନ ଜାଣେ ? ଏହି ହେତୁ ପ୍ରତ୍ୟକ୍ଷ ଷ୍ଟାମ୍ପ ଭାରତବର୍ଷର ଉପଯୋଗୀ ନୁହେ ବୋଲି ରାଜନୀତିଜ୍ଞ ବ୍ୟକ୍ତି ସୁଦ୍ଧା ସ୍ୱୀକାର କରିଅଛନ୍ତି । ଏ ସ୍ଥଳେ କାନୁନଗୋଇ ଲାଞ୍ଚ ମାଗିଥିବାର ଅସମ୍ଭବ ବୋଧ ହେଉ ନାହିଁ । ବିଦ୍ୱେଷଭାବରେ ଅବା ଅସାବଧାନତା ପୂର୍ବକ ଆପତ୍ତିକାରୀ ସେରୂପ ଦୋଷାରୋପ କରିଥିବାର ମଧ୍ୟ ଅସମ୍ଭବ ନୁହେ । ଏ ହେତୁ ଡିପୋଟି କଲେକ୍ଟରଙ୍କ ଉଚିତ ଥିଲା ଯେ ସେ କାନୁନଗୋଇର ସରଦାର ହାକିମ ସ୍ୱରୂପ ପ୍ରଥମେ ଏ ବିଷୟର ତଦନ୍ତ କରିଥାନ୍ତେ ପ୍ରମାଣ ହୋଇଥିଲେ କାନୁନଗୋଇକୁ ( Departmentally ) ଦଣ୍ଡ ଦେଇଥାନ୍ତେ କିମ୍ବା ଫଉଜଦାରୀ ଅଦାଲତକୁ ଅର୍ପିତ କରିଥାନ୍ତେ ଓ ଅପ୍ରମାଣ ହୋଇଥିଲେ କାନୁନଗୋଇକୁ ଆପତ୍ତିକାରୀ ନାମରେ ନାଲିଶ କରିବା କାରଣ ଆଦେଶ ଦେଇଥାନ୍ତେ । ଏପରି କାର୍ଯ୍ୟ ବଡ ସୁନ୍ଦର ଓ ସୁଫଳପ୍ରଦ ହୋଇଥାନ୍ତା । କିଛି ନ ବୁଝି ସୁଝି ନାଲିଶ କରିବା କାରଣ ଆଜ୍ଞାଦେବା ମାମଲା ଲଗାଇଦେବା ତୁଲ୍ୟ ହୋଇଅଛି । ଆପତ୍ତିକାରୀ ଯାହା କହିଅଛି ତାହା କି କେବେ ସତ୍ୟ ନ ଥାଏ ? କେହି କେହି ଷ୍ଟାମ୍ପ ଦେବାର ଉପଯୁକ୍ତ ବ୍ୟକ୍ତି କିଛି ଲାଞ୍ଚ ଦେଇ କୌଣସି କାନୁନଗୋଇ ତାଲିକାରୁ କି ଖସି ଯାଇ ନ ଥାନ୍ତି ? ଷ୍ଟାମ୍ପ ନ ଦେବାଭଳି ବ୍ୟକ୍ତି କି କାନୁନଗୋଇ ତାଲିକାରେ ଚଢ଼ି ନ ଥାନ୍ତି ? ଲାଞ୍ଚ ନେବା ଓ ଦେବା ଉଭୟ ତଥା ଆଇନରେ ଦଣ୍ଡନୀୟ ଥିବାରୁ ଲାଞ୍ଚର ପ୍ରସଙ୍ଗ କ୍ୱଚିତ୍ ପ୍ରକାଶ ପାଏ । କେତେ ଲୋକ ଅନେକ ଲାଞ୍ଚ ଦେଇ କର୍ମ ନ ପାଇଲେ ସୁଦ୍ଧା ଭୂକ ହୋଇ ବସନ୍ତି ପ୍ରକାଶ କରିବାକୁ କାହାର ସାହସ ହୁଏ କି ? ପୁଣି ଡିପୋଟି କଲେକ୍ଟରଙ୍କର ଏପରି ଆଜ୍ଞା ! ଶ୍ରୀ ବାବୁ ବଙ୍କିମଚନ୍ଦ୍ର ଚଟ୍ଟୋର୍ଯ୍ୟା ଜଣେ ବିଚକ୍ଷଣ ହାକିମ ଓ ଅତ୍ୟୁପଯୋଗ୍ୟ ଓ

Digitized by srujanika@gmail.com

ବିବେଚକ ଓ ବିଶେଷ ଅନୁଭବୀ ଏବଂ ଅମ୍ଭେମାନେ ତାଙ୍କୁ ବଡ଼ ମାନୁ ତାଙ୍କଠାରୁ ଏପରି ଆଜ୍ଞା ବାହାରିବା ବଡ଼ ଆଶ୍ଚର୍ଯ୍ୟର ବିଷୟ ।

---

## ଗୋପାଳଜିଉ ମଠର ମୋକଦ୍ଦମା ।

ଏ ମୋକଦ୍ଦମା ଘଟଣା ହେବା ସମୟରେ ଏଥିର ସଂକ୍ଷେପ ବିବରଣ ତାରଡାକ ସମ୍ବାଦସ୍ୱରୂପ ଇଂଲିସମାନ ନାମକ ଇଂରାଜୀ ସମ୍ବାଦପତ୍ରରେ ବାହାର ଥିଲା । କିଏ ଉକ୍ତ ସମ୍ବାଦ ପଠାଇ ଥିଲା ଅମ୍ଭେମାନେ ଅଦ୍ୟାପି ଜାଣି ପାରି ନାହୁଁ ଓ ଜାଣିବାର ପ୍ରୟୋଜନ ମଧ୍ୟ ଦେଖୁ ନାହୁଁ । କିନ୍ତୁ ମାଜିଷ୍ଟ୍ରେଟ ବିନା ଅନୁସନ୍ଧାନରେ ତାହାକୁ ମିଥ୍ୟା ବୋଲି କମିସନର ସାହେବଙ୍କ ନିକଟକୁ ଲେଖି ପଠାଇଲେ ଓ ଅମ୍ଭେମାନେ ତହିଁର ପ୍ରତିବାଦ କରଅଛୁଁ । ଏବେବେଳେ ଏ ନଗରର ଆଉ କୌଣସି ବ୍ୟକ୍ତିଠାରୁ ଏ ମୋକଦ୍ଦମା ସମ୍ପର୍କୀୟ କେତେକ ବିଷୟ ଇଂଲିସମାନ ଅବଗତ ହୋଇ ଚଳିତମାସ ତା ୧୬ ରିଖର ପତ୍ରିକାରେ ଏହିପରି ମତ ପ୍ରକାଶ କରଅଛନ୍ତି କି ଉକ୍ତ ତାରସମ୍ବାଦ ନିତାନ୍ତ ଅଯୁକ୍ତି ଥିଲା ଏବଂ ସେପରି ବିଶ୍ୱାସ କରିବାର ଉପରୋକ୍ତ ହେତୁ ଦେଖାଇ ଅଛନ୍ତି ଯଥା,— ପ୍ରଥମ, ତାରସମ୍ବାଦରେ ଲେଖାଥିଲା କି ଏଠାର ସମସ୍ତ ବଡ଼ ଓକିଲ ମୁଦେଇ ପକ୍ଷରୁ ଓକାଲତନାମା ନେଇ ଥିଲେ ମାତ୍ର ପ୍ରକୃତରେ ମୁଦେଇ ପକ୍ଷରୁ କେହି ଓକିଲ ଉପସ୍ଥିତ ନ ହୋଇ ବରଂ ମୁଦାଲାପକ୍ଷରୁ ଜଣେ ହିନ୍ଦୁ ଓକିଲ ଉପସ୍ଥିତ ହୋଇଥିଲେ । ୨ ୟ, ମୁସଲମାନ ମନ୍ଦିରରେ ପ୍ରବେଶ କରିବାର କଥିତ ହୋଇଥିବା ପ୍ରତ୍ୟକ୍ଷେ ମୁଦେଇ ଜଣେ ମୁସଲମାନର ନାମ ମଧ୍ୟ କରି ନାହିଁ । ତୃତୀୟ, ମୁଦାଲାମାନେ ମନ୍ଦିର ଭିତରକୁ ଯାଇଥିବାର ସ୍ୱୀକାର କରିବା ପ୍ରତ୍ୟକ୍ଷେ ତାହାଙ୍କୁ ବିନା ଜବାବରେ ଖଲାସ ଦିଆ ଯାଇଥିବାରୁ ଅବଶ୍ୟ ଅନୁମାନ କରିବାକୁ ହେବ ଯେ ସେମାନେ ଆମନ୍ତ୍ରଣ ମତେ ସରଳ ଭାବରେ ଯାଇଥିବେ । ଚତୁର୍ଥ, ଯେ ବ୍ୟକ୍ତି ନାମରେ ତାରସମ୍ବାଦ ଯାଇଅଛି ସେ ତାହା ପଠାଇ ଥିବାର ଅସ୍ୱୀକାର କରିବାରୁ ଉକ୍ତ ସମ୍ବାଦ ବେନାମୀ ପ୍ରକାରରେ ପଠା ଯାଇଥିବାର ଜଣାଯାଏ ।

ଅମ୍ଭେମାନେ ବୋଧ କରୁଁ ଇଂଲିସମାନଙ୍କର ଶେଷ ସମ୍ବାଦଦାତା କେହି ଚତୁର ବ୍ୟକ୍ତି ହୋଇଥିବେ । ନୋହିଲେ ତାହାଙ୍କ କଥାରେ ନିର୍ଭର କରି ତାରସମ୍ବାଦ ଅଯୁକ୍ତିପୂର୍ଣ୍ଣ ଥିବାର ସେ ସହସା ବିଶ୍ୱାସ କରନ୍ତେ ନାହିଁ । କିନ୍ତୁ ଏହି ସମ୍ବାଦଦାତା କି ସେହି ଅଯୁକ୍ତି ଦୋଷରେ ପତିତ ହୋଇ ନାହାନ୍ତି ? ଅମ୍ଭମାନଙ୍କ ବିବେଚନାରେ ସେ ହୁଏତ ମୁଦାଲାଙ୍କର ନୋହିଲେ ହାକିମଙ୍କର ପକ୍ଷ ସମର୍ଥନ କରିବାକୁ ଏତେ ବ୍ୟସ୍ତ ଯେ ଯାହା ତାହାଙ୍କ ସପକ୍ଷରେ ଲାଗିବ ବୋଲି ଜାଣିଲେ ତାହା ସର୍ବସାଧାରଣଙ୍କୁ ଜଣାଇବା କାରଣ ତତ୍ପର ହୋଇ ଇଂଲିସମାନକୁ ଲେଖି ପଠାଇଲେ । ମାତ୍ର ପ୍ରକୃତ ଘଟଣା କି ଏବଂ ତହିଁରେ ଏଠା ହିନ୍ଦୁସମାଜର ମନ କି ପରି ହୋଇଅଛି ତାହା କିଛି କହିଲେ ନାହିଁ । ଏପରି ବ୍ୟକ୍ତି ଇଂଲିସମାନଙ୍କର ବିଶ୍ୱସ୍ତ ସମ୍ବାଦଦାତା ହେଲେ ବଡ଼ ଦୁଃଖର ବିଷୟ ଅଟଇ । ଯାହା ହେଉ ତାହାଙ୍କ କଥା ଯେଉଁ ଅଂଶରେ ସମ୍ପୂର୍ଣ୍ଣ ସତ୍ୟ ନୁହଇ ତାହା ଅମ୍ଭେମାନେ ଦେଖାଇ ଦେଉଁ ।

ବାସ୍ତବରେ ଅନେକ ଓକିଲ ମୋକଦ୍ଦମା ଚଳାଇବାକୁ ସମ୍ମତ ହୋଇ ଓକାଲତନାମାରେ ଦସ୍ତଖତ କରିଥିଲେ ତେତେବେଳେ ସେମାନେ ବୁଝି ଥିଲେ ଯେ ଇନ୍ସପେକ୍ଟରଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର ହୋଇ ଥିଲା ପଶ୍ଚାତ ଯେତେବେଳେ ଜାଣି ପାରିଲେ ଯେ ସେମାନଙ୍କର ଜଣେ ବନ୍ଧୁ କାନ୍ତ ବାବୁ ଆସାମୀ ହୋଇଅଛନ୍ତି ତହୁଁ ସେମାନେ ଆପଣା୨ ଦସ୍ତଖତ କାଟି ଦେଲେ ଓ ଅଦାଲତରେ କେହି ଉପସ୍ଥିତ ହେଲେ ନାହିଁ । ଓକିଲମାନଙ୍କର ଏ କାର୍ଯ୍ୟରେ ଅନେକ ଲୋକ ବିରକ୍ତ ହୋଇ ଅଛନ୍ତି ଏବଂ ଏପରି କାର୍ଯ୍ୟ ସେମାନଙ୍କ ପକ୍ଷରେ ନ୍ୟାୟସଙ୍ଗତ ଅଟଇ କି ନା ଏ ବିଷୟରେ ଅନେକଙ୍କ ମନରେ ସନ୍ଦେହ ହୋଇଅଛି । ପ୍ରାୟ ଏ କଥା ହାଇକୋର୍ଟଙ୍କ ବିଚାରାଧୀନରେ ଆସିବ ବୋଲି ଜନରବ ଶୁଣାଯାଏ । ସୁତରାଂ ଏ ଅଂଶରେ ତାରସମ୍ବାଦକୁ ମିଥ୍ୟା ବୋଲା ଯାଇ ନ ପାରେ ଏବଂ ସମ୍ବାଦଦାତାଙ୍କୁ ଯେ ଏ କଥା ଜଣା ନାହିଁ ଏପରି ବିଶ୍ୱାସ କରିବା ମଧ୍ୟ କଠିନ । ମୁସଲମାନ କନଷ୍ଟବଳ ଇନ୍ସପେକ୍ଟରଙ୍କ ସଙ୍ଗେ ଥିବାର କଥିତ ହୋଇଅଛି । ସେମାନେ ଗରିବ ଚାକର ବୋଲି ବୋଧ ହୁଅଇ ସେମାନଙ୍କୁ ଆସାମୀ କରା ହୋଇ ନାହିଁ । ଏବଂ ସେ ବିଷୟ ସୁଦ୍ଧାଙ୍କୁ ପଚରା ଯାଇ ନାହିଁ ଫଳତଃ ମୁଦେଇ ନାଲିଶ ନ କଲା ବୋଲି ତାରସମ୍ବାଦର ବିଶେଷ ଦୋଷ ହେଲା ବୋଲା ଯାଇ ନ ପାରେ । ମୁଦାଲାମାନେ ଯେ ଆମନ୍ତ୍ରଣ ମତେ ଯାଇଥିଲେ ଏହା ସେମାନେ ପ୍ରମାଣ କରି ନାହାନ୍ତି ଏବଂ ଜଣେ ଇଂରାଜ ଓ ଜଣେ ଦେଶୀୟ ଖ୍ରୀଷ୍ଟୀୟାନକୁ ମଠର ମହନ୍ତ ଠାକୁରମନ୍ଦିର ଭିତରକୁ ଆମନ୍ତ୍ରଣ କରି ଆଣିଥିଲେ ଏ କଥା ଯେ ବିଶ୍ୱାସ କରିପାରେ ତାହା ସଙ୍ଗେ ଯୁକ୍ତି କରିବାକୁ କିଏ ସକ୍ଷମ ହେବ ? ତାରସମ୍ବାଦ କିଏ ପଠାଇଲା ଏହା ସ୍ଥିର କରିବା ସହଜ ବ୍ୟାପାର ନୁହଇ ସୁତରାଂ ଲେଖକ ଅସ୍ୱୀକାର କଲେ ବୋଲି ଜପର ବୋଲା ଯାଇ ପାରେ । ଯେବେ ବାସ୍ତବରେ କେହି ବେନାମୀରେ ସମ୍ବାଦ ପଠାଇଥାଏ ତେବେ ଅତ୍ୟନ୍ତ ଘୃଣାର ବିଷୟ ଅଟଇ ଏବଂ ଏପରି ବ୍ୟକ୍ତି ଯେବେ ଦଣ୍ଡ ଲଭଇ ତେବେ ସର୍ବସାଧାରଣଙ୍କର ଆନନ୍ଦ ହେବ । ଅମ୍ଭମାନଙ୍କର ବକ୍ତବ୍ୟ ଏହି କି ଇଂଲିସମାନ ସମ୍ପାଦକ ଯେଉଁ ବ୍ୟକ୍ତିଙ୍କ କଥାରେ ବିଶ୍ୱାସ କରଅଛନ୍ତି ତାହାଙ୍କ ସମ୍ବାଦ ତାରସମ୍ବାଦକୁ ଅଧିକ ସତ୍ୟ ହୋଇ ନାହିଁ । ବାସ୍ତବରେ ତାରସମ୍ବାଦ ଯେଉଁ ସମୟରେ ପଠା ଯାଇଥିଲା ସେ ସମୟରେ ତହିଁ ଲିଖିତ ସକଳ କଥା ସତ୍ୟ ଥିଲା । ହାକିମମାନଙ୍କ ବିଶ୍ୱାସ ଉପରେ କାହାର ବଳ ନାହିଁ ଏବଂ ସେହି ହେତୁ ମୁଦାଲାମାନେ ଖଲାସ ପାଇ ଗଲେ ବୋଲି ଯେ ଘଟଣା ମିଛ ହେଲା ଏମନ୍ତ ବୋଲିବା ବିଜ୍ଞର ସଙ୍ଗତ କଥା ନୁହଇ । ଏଥି ମଧ୍ୟରେ ଅନେକ ଲୋକ କମିଶ୍ନର ସାହେବଙ୍କଠାରେ ଏ ବିଷୟରେ ଦରଖାସ୍ତ ଦେଇଅଛନ୍ତି ଏବଂ ସାହେବ ପ୍ରସଂଶିତ ମଧ୍ୟ ମୋକଦ୍ଦମାର ନଥି ଓ ଶ୍ୟାମ ବାବୁଙ୍କର ପୂର୍ବ ଚରିତ୍ର ବିଷୟକ କାଗଜପତ୍ର ତଲବ କରଅଛନ୍ତି ଅମ୍ଭେମାନେ ଏକାନ୍ତ ଆଶା କରୁଁ ଯେ କମିଶ୍ନର ସାହେବ ଉତ୍ତମରୂପେ ଅନୁସନ୍ଧାନ କରି ଏ ମୋକଦ୍ଦମା ଘଟିତ ସତ୍ୟ ମିଥ୍ୟା ସବୁ କଥା ନିଶ୍ଚୟ କରିବେ ।

---

ଏହି ଉତ୍କଳଦୀପିକା ପତ୍ର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter



## ମିଶର ଯୁଦ୍ଧ ।

ଗତ ସପ୍ତାହର ଯୁଦ୍ଧ ସମ୍ବାଦରେ ଟେଲେଲ-କବରଠାରେ ହୋଇଥିବା ଯୁଦ୍ଧ ତା ୧୩ ରିଖ ପରିବର୍ତ୍ତରେ ଭ୍ରମରେ ତା ୯ ରିଖ ଛପା ହୋଇ ଯାଇଥିଲା ଅଗ୍ରେ ତାହା ସଂଶୋଧନ କରି ତହିଁ ଉତ୍ତାରୁ ଯାହା ଘଟନା ହେଲା ଲେଖୁଅଛୁଁ । ଏହି ଟେଲେଲକବରଯୁଦ୍ଧ ଯେ ମିଶର ଯୁଦ୍ଧର ପରିଣାମ ହେବ ତାହା ଆମ୍ଭେମାନେ ଆଦୌ କଳ୍ପନା କରି ପାରି ନ ଥିଲୁଁ କିନ୍ତୁ ଗତ ସପ୍ତାହର ପତ୍ରିକା ବାହାରିଲା ଉତ୍ତାରୁ ସେହିଦିନ ସନ୍ଧ୍ୟା ସମୟରେ ତାରଡାକ ଯୋଗେ ସମ୍ବାଦ ପାଇଲୁଁ ଯେ ଆରବିପାଶା ବନ୍ଦ ହୋଇଅଛନ୍ତି ସୁତରାଂ ଯୁଦ୍ଧ ଶେଷ ହୋଇଅଛି । ତହିଁ ଉତ୍ତାରୁ ବିସ୍ତାରିତ ବିବରଣମାନ ଆସିଲା ଏବଂ ତହିଁରୁ ଜଣାଯାଏ ଯେ ଟେଲେଲ୍‌କବର ଯୁଦ୍ଧରେ ଇଂରାଜମାନେ ଜୟଲାଭ କରନ୍ତେ ଶତ୍ରୁସେନା ଛିନ୍ନଭିନ୍ନ ହୋଇ ପଳାଇଲେ ଏବଂ ଇଂରାଜ ଘୋଡ଼ସୁଆରମାନେ ଅତ୍ୟନ୍ତ ବିକ୍ରମରେ ତାହାଙ୍କ ପଛେ ପଛେ ଦକ୍ଷିଣ ଦିଗରୁ ଗୋଡ଼ାଇଲେ । ବାମଭାଗରେ ଭାରତୀୟ ସେନା ଅତ୍ୟନ୍ତ ବୀରତ୍ୱ ପ୍ରଦର୍ଶନ ପୂର୍ବକ ଶତ୍ରୁର ପଥ ବନ୍ଦ କଲେ ଏବଂ ତିନି ହଜାର ସିପାହି ବନ୍ଦି କଲେ ତହିଁ ପଛେ ପଛେ ଜେନେରଲ ଉଲସଲି ସମସ୍ତ ସେନା ସଙ୍ଗେ ଘେନି କେରୋ ନଗର ପ୍ରତି ଚଢ଼ାଉ କଲେ । ଶତ୍ରୁସେନା ଗୁରୁତର ବାଧା ପାଇ ନିଶ୍ଚୟ ଜାଣି ପାରିଲେ ଯେ ଆଉ ସେ ପାରିବେ ନାହିଁ । ସୁତରାଂ ଦଶ ହଜାର ସେନା ଅସ୍ତ୍ର ତ୍ୟାଗ ପୂର୍ବକ କେରୋ ନଗରଠାରେ ଆତ୍ମସମର୍ପଣ କଲେ ଓ ଇଚ୍ଛାପୂର୍ବକ ବନ୍ଦ ହୋଇଗଲେ । କେରୋ ନଗରକୁ ଇଂରାଜ ଅଧିକାର କଲେ ପ୍ରଜାମାନେ ଖେଦିବର ଆଧିପତ୍ୟ ସ୍ୱୀକାର କଲେ ଏବଂ ତହିଁ ପଛେ ପଛେ ଅନ୍ୟାନ୍ୟ ନଗରର ବିଦ୍ରୋହୀ ସେନା ମଧ୍ୟ ଆତ୍ମସମର୍ପଣ କଲେ । ଆରବିପାଶା ଯୁଦ୍ଧ ସମୟରେ ସେନାଙ୍କ ସଙ୍ଗେ ସଙ୍ଗେ ଥିଲେ । ବିପଦ ଉପସ୍ଥିତ ଦେଖି କେରୋଠାରେ ଏକ ଘରେ ଲୁଚି ରହିଥିଲେ ସେଠାରୁ ଇଂରାଜ ସେନା ତାହାଙ୍କୁ ବନ୍ଦୀ କରି ଆଣିଲେ । ଏତେବେଳେ ସେ କ୍ଷମାପ୍ରାର୍ଥନା କରୁଅଛନ୍ତି । ଏହାଙ୍କ ପ୍ରତି କିପରି ବିଚାର ହେବ ତାହା ପଶ୍ଚାତ୍ ଜଣା ପଡିବ । ଖେଦିବ ଜୟ ଘୋଷଣା କରି ଶାନ୍ତି ସ୍ଥାପନର ଉପାୟ କରୁଅଛନ୍ତି ଏବଂ କେତେକ ଇଂରାଜ ସେନା ଘରକୁ ବାହୁଡି ଯିବାର ଆଜ୍ଞା ପ୍ରଚାରିତ ହୋଇଅଛି । ଆରବି ଯୁଦ୍ଧରେ ... ବେ ଏକଥା ପ୍ରଥମରୁ ଜଣାଥିଲା ... ଦର୍ପରେ ସେ କାର୍ଯ୍ୟାରମ୍ଭ କରିଥିଲେ ... ରେ ସେ ଫଳ ବିଳମ୍ବରେ ଘଟିବାର ଅନୁମାନ ଉଥିଲା । ମାତ୍ର ଇଂରାଜ ଗବର୍ଣ୍ଣମେଣ୍ଟ ... ଉତ୍କୃଷ୍ଟ ପଲଟନମାନ ପଠାଇବାରେ ଶୀ... ସମାପ୍ତ ହେଲା ଅଥଚ ଇଂରାଜ ପକ୍ଷରୁ ... ଅଳ୍ପ ସେନା ହତ ଓ ଆହତ ହେଲେ । ଏ ... ରେ ଭାରତବର୍ଷୀୟ ସେନା ଭାଷା ... ଲ ଦେଖାଇଅଛନ୍ତି ଏବଂ ବିଲାତର ସମସ୍ତ ସମ୍ବାଦ ପତ୍ର ଏହାଙ୍କର ବହୁତର ପ୍ରସଂଶା କରୁଅଛନ୍ତି । ଏପରି ଯଶ ଅର୍ଜିବା ସାମାନ୍ୟ ଗୌରବର ବିଷୟ ନୁହଇ । ଭାରତବର୍ଷ ଇଂଲଣ୍ଡର କିପରି ବଳ ଏଥର ୟୁରୋପୀୟମାନେ ତାହା ବିଲକ୍ଷଣରୂପେ ଜାଣି ପାରିଲେ ।

---

## ଉଦ୍ଭିଦ ।

(ଉତ୍କଳଦର୍ପଣ)

ଅମୃତବଜାର ପତ୍ରିକାରେ ବଟବୃକ୍ଷର ନିମ୍ନଲିଖିତ ଗୁଣମାନ ପରୀକ୍ଷିତ ବୋଲି ପ୍ରକାଶିତ ହୋଇଅଛି ।

କାହାର ଓଷ୍ଠ ଫାଟିଲେ, ଏହାର ଛିନ୍ନ ପତ୍ରର ଅଠା ତହିଁରେ ଦେଲେ ତାହା ଅତି ଶୀଘ୍ର ଯୋଡଯାଏ ।

ଦୁର୍ବଳ ବ୍ୟକ୍ତି ପ୍ରତ୍ୟହ ଦୁଇ ପ୍ରହର ସମୟରେ ଏହାର ସାତୋଟି କୋମଳ ପତ୍ରର ଦୁଗ୍ଧ ବତାସା ମଧ୍ୟରେ ଦେଇ ସାତଦିନ ଖାଇଲେ ତାହାର ଶରୀରରେ ଅପରିମିତ ବଳ ଓ ଧାତୁ ବୃଦ୍ଧି ହେବ ।

କାହାର ବଥ ଉଠିବାବେଳେ ବଟ ପତ୍ର ଅଠା ତହିଁରେ ପ୍ରଲେପ ଦେଇ ଶିମୂଳି ତୁଳା ସେହି ସ୍ଥାନରେ ଲଗାଇ ଦେଲେ ଆଉ ବଥ ଉଠିବ ନାହିଁ, ଏବଂ ବେଦନା ସତ୍ୱର ନିବାରଣ ହେବ ।

ଏହାର ଶୁଷ୍କ କାଷ୍ଠରେ ଅଗ୍ନି ଲଗାଇ ତାହାର ଧୂମ ନାସିକାରନ୍ଧ୍ରରେ ଦେଲେ ଭୂତ ଧରା ଛାଡ଼େ ।

ପିତ୍ତଜ୍ୱରରେ ଅତ୍ୟନ୍ତ ଦାହ ହେଲେ ରୋଗୀକୁ ବଟପତ୍ର ଉପରେ ଶୁଆଇବ, ତହିଁରେ ଦାହ ଅତି ଶୀଘ୍ର ନିବାରିତ ହୁଏ । ଏହାର ଓହଳ ବେକରେ ବାନ୍ଧିଲେ ବାନ୍ତି ନିବାରଣ ହୁଏ । ବଟ ବୃକ୍ଷର କ୍ଷୁଦ୍ର କ୍ଷୁଦ୍ର ଶାଖାରେ ଦନ୍ତ ମାର୍ଜ୍ଜନ କଲେ ମୁଖର ଘା ଦୂର ହୋଇ ଦନ୍ତ ଶକ୍ତ ହୁଏ ।

---

(ସମ୍ବାଦବାହିକା)

ମଙ୍ଗଳପୁରର ଭୂୟାଁ ଜମିଦାର ଏବଂ ପ୍ରଜାଙ୍କ ବିବାଦ ବୃକ୍ଷରୁ କ୍ରମେ ବିଷମୟ ଫଳ ଫଳୁଅଛି । ଗତ ଶନିବାର ଦିନ ଜାଲ ତମସୁକର ସାକ୍ଷୀ ବୌଶି ସୁପୋର୍ଦ୍ଦ ହୋଇଅଛି । ଗତ ସୋମବାର ଦିନ କଲେକ୍ଟରର ସରିସ୍ତେଦାରୀ ମହାଫିଜ ଆପଣା ପଦରୁ ବରଖାସ୍ତ ହୋଇଅଛନ୍ତି । ତହିଁ ଆରଦିନ ଲକ୍ଷ୍ମୀଧର ମୋହରର ମଧ୍ୟ ବରଖାସ୍ତ ହୋଇଅଛନ୍ତି । ଲକ୍ଷ୍ମୀଧରଙ୍କ ବରଖାସ୍ତିରେ ଅନେକେ ଦୁଃଖିତ ଅଛନ୍ତି । ମହାଫିଜଙ୍କ ଦୋଷରୁ ଲକ୍ଷ୍ମୀଧରଙ୍କର ଅବସ୍ଥା ଏପରି ହେଲା ବୋଲି ସାଧାରଣଙ୍କର ମତ । ଜାଲ ତମସୁକର ମହାଜନ ଓ ଲେଖକ ଧରାପଡି ନାହାନ୍ତି । ମଙ୍ଗଳପୁରର ଭୂୟାଁ ସେହି ଦିନ ବାଲେଶ୍ୱରରେ ଥିଲେ, ବିବାଦ ବୃକ୍ଷର ଏହି ଫଳମାନ ଦେଖି ଗତ କାଲି ଘରକୁ ଗଲେ । ବେଣୁର ଗଦାଧର ହାଇକୋର୍ଟରେ ଅପୀଲ କରିଅଛି । ଭୂୟାଁଙ୍କ ପେସକାର ସେଥି ନିମନ୍ତେ କଲିକତା ଯାଇଅଛନ୍ତି । ଏହିମାସ ତା ୨୬ ରିଖରେ ଅପୀଲ ମୋକଦ୍ଦମା ପେସ ହେବ । ଜନରବ, ଗଦାଧର ଅପୀଲରୁ ମୁକ୍ତ ହେଲେ ଜାଲ ତମସୁକର ମହାଜନ ଓ ଲେଖକ ଏଠା କଚେରିରେ ହାଜର ହେବେ; ନଚେତ୍ ଚିରକାଳ ନିମନ୍ତେ ଅଦୃଶ୍ୟ ହେବେ ।

---

# ସାପ୍ତାହିକ ସଂବାଦ ।

ସାଲେମଠାରେ ମୁସଲମାନମାନଙ୍କର ମସଜିଦର ପୁନଃ ନିର୍ମାଣ ନିମନ୍ତେ ହିନ୍ଦୁମାନେ ଟଙ୍କା ସଂଗ୍ରହ କରି ଯାଉଥିବାର କଥିତ ହୁଏ । ସାଲେମ ଗୋଳମାଳରେ ଧୃତ ହୋଇଥିବା ଲୋକଙ୍କ ମଧ୍ୟରେ ନିଜନଗଡ଼ ତାଲୁକର କୁମାରମଙ୍ଗଳର ଜମିଦାର ଚନ୍ନାନା କୈଳାସଗୁଣ୍ଡନ ନାମକ ଜଣେ ପ୍ରଧାନ ବ୍ୟକ୍ତି ଅଭିଯୁକ୍ତ ହୋଇଅଛନ୍ତି । ଗତମାସ ତା ୧୭ ରିଖରେ ଯେଉଁ ଗୋଳମାଳ ହୋଇଥିଲା ତହିଁରେ ସ୍ଥିତ ହୋଇ କର୍ତ୍ତବ୍ୟ କର୍ମରେ ତ୍ରୁଟି କରିଥିବା ଅପରାଧରେ ୬ ୧୪ ଜଣ କନେଷ୍ଟବଲ ଧୃତ ହୋଇଅଛନ୍ତି ଓ ଜଣେ ୫ ୧୫୦ କିଏ ଇନ୍‌ସ୍ପେକ୍ଟର ବରଖାସ୍ତ ହୋଇଅଛି ।

ସିଭିଲ ମିଲିଟରୀ ଗଜେଟରେ ଲେଖିଅଛନ୍ତି ଯେ କେତେକ ଜଣ କାବୁଲୀ ଏକତ୍ର ମିଶି ସୁରମୁକ୍ତେଶ୍ୱର ନାମକ ଏକ ସ୍ଥାନରେ ଥାଇ ସେଠାରୁ ମା ୫ ଦୂର ଅନ୍ତରବାସୀ ଏକ ଧନୀ ଲୋକର ଚୋରି କରି ସେଠାର କେତେକ ଜଣ ଲୋକ ସହାୟତାରେ ଗୋଟାଏ ନିଶୁଣୀ ନିର୍ମିତ କରି ରାତ୍ରିକାଳରେ

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଓଡ଼ିଆ ନାଟକ ।

## କାଞ୍ଚିକାବେରୀ

ବା

ପଦ୍ମାବତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ସନ୍ନାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ୮ ଆଠଅଣା ମାତ୍ର । ମଫସଲକୁ ଡାକମାସୁଲ ଟ୦।୬ ।

---

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଡାକ୍ତରଖାନା ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକାଲ୍ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମସୁଲ ସହିତ ୪ଆଉନ୍ସକୁ ୫୬ଙ୍କା । ୮ ଆଉନ୍ସକୁ ଟ ୧୧ ଙ୍କା । ୧୬ ଆଉନ୍ସକୁ ଟ ୨୦।୩ ମୂଲ୍ୟ ନଗଦ ।

---

**ORIENTAL**
**GOVERNMENT SECURITY LIFE ASSURANCE COMPANY "LIMITED"**
*BOMBAY*

For prospectus, yearly reports of meetings, the fast progress of the Co. and for all other information, please apply to

J. WINTERSCALE,
*Agent in Orissa*
No. 1 Cantonments.

ଓରିଏଣ୍ଟାଲ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଆସୁରାନ୍ସ କମ୍ପାନୀ ନାମକ ଜୀବନ ବୀମା କରିବାର କମ୍ପାନୀ ବୋମ୍ବାଇ ନଗର ।

ଏ କମ୍ପାନୀର ଅନୁଷ୍ଠାନପତ୍ର ବାର୍ଷିକ ରିପୋର୍ଟ ଏବଂ ବାର୍ଷିକ ସଭାମାନଙ୍କର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ନିମ୍ନସ୍ୱାକ୍ଷରକାରୀଙ୍କଠାରେ ଆବେଦନ କଲେ ପ୍ରାପ୍ତ ହେବ ।

ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ

କଟକ ନଂ ୧ ସର କାଣ୍ଟନମେଣ୍ଟ ବଜାର ।

---

### କ୍ଷୀଣାଙ୍କକରଣୀ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମୀ ଓ ପାରଦଦୋଷ ଆରୋଗ୍ୟ ହୁଏ । ମା ୨ ଖାକୁ ଟ ୧୦ ଙ୍କା

### କୃଷ୍ଣାଦାକର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନିଶ୍ଚୟ ଭଲ ହୁଏ । ମା ୨ ଖାକୁ ଟ ୧୦ ଙ୍କା ।

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ଭଲ ହୁଏ । ୧୫ ମାତ୍ରାକୁ ଟ ୧୦ ଙ୍କା ।

### ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଏ । ୫ ମାତ୍ରାକୁ ଟ ୧ ଙ୍କା

### କନ୍ଦର୍ପଚକ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଅଟ ଦଶ ବର୍ଷରୁ ନ୍ୟୂନ ପୁଂସ୍ତ୍ୱହୀନ ରୋଗ ଭଲ ହୁଏ । ୪ ମାତ୍ରାକୁ ଟ ୧୦ ଙ୍କା ।

ଏ ସବୁ ଅଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୭ }
ଚାନ୍ଦନୀଚକ } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ସହାୟକ ।
କଟକ }

---

### ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
କୃତ
ଉଦାସୀନଦତ୍ତ ମହୌଷଧି ।

## ଅମୃତଚୂର୍ଣ୍ଣ ।

ଏକପ୍ରସ୍ଥ [ ୨୦ ମାତ୍ରା ] ମୂଲ୍ୟ ଟ ୪ । ଅଣା ୧୪ ପ୍ରସ୍ଥ ଏକାବେଳକେ ନେଲେ ଟ ୫୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ ଟ ୦ । ୮ଅଣା ଏବଂ ୫ ପ୍ରସ୍ଥ ଔଷଧ ଏକ ବଣ୍ଡିଲରେ ଟ ୦ । ଅଣା ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ୍ୟ, ଅସାଧ୍ୟ, ଓ କଷ୍ଟସାଧ୍ୟ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, ବହୁକାଳର ଶୂଳ, ଶିରଃପୀଡ଼ା, ହୃଦରୋଗ, ଶ୍ୱାସକାସ, ଗୁଲ୍ମ, ଅମ୍ଳପିତ୍ତ, ଅନ୍ନଶୂଳ, ପୁରାତନ ଜ୍ୱର, ପ୍ଲୀହା, ଯକୃତ, ଅତିସାର, ବାତ, ଅର୍ଶ, ପୁରାତନ ପ୍ରମେହ, ଉପଦଂଶ, ପାରଦଘଟିତ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେଗୁଡ଼ିଏ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ଭୌତିକ ରୋଗ, ସ୍ୱପ୍ନରେ ଭୟ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ସୁଫଳ ବିଧାୟକ ଅଟଇ । ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାକୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିଆ ଭାଷା ଜାଣନ୍ତି ନାହିଁ ।

## ଓଲାଉଠାର ଅମୋଘ ଏବଂ

### ଅଦ୍ୱିତୀୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକରା ନବେଶରୁ ଅଧିକ ରୋଗୀ ଆରୋଗ୍ୟ ହେଉଅଛନ୍ତି । ଓଲାଉଠାର ୫୦ଟି ବଟିକାର ମୂଲ୍ୟ ବର୍ତ୍ତମାନ ଟ୪ଙ୍କା । ଏଥିରେ ନବେଶରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ୨ । ଏହା ସେବନ କଲେ ସର୍ଦ୍ଦି ଗର୍ମି ରୋଗ ଅତି ଆଶ୍ଚର୍ଯ୍ୟରୂପେ ଅଧଘଣ୍ଟାକ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ ନିଶ୍ଚୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମୈଦିର ପୋଖରା, ସହର ବନାରସ

---

ସାନୁନୟ ନିବେଦନ ମିଦଂ ।

ମହାଶୟ !

୨ୟ ଥର ଅମୃତଚୂର୍ଣ୍ଣ ଆଣାଇ ଆମ୍ଭର ଜଣେ ଆତ୍ମୀୟଙ୍କୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁଶ୍ଚିକିତ୍ସ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେହିପରି ଆମ୍ଭର ଆତ୍ମୀୟ ସୁକଯୋଡ଼ା ନିବାସୀ ଶ୍ରୀଯୁକ୍ତ ଗିରୀଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଆଣାଇ ଅଳ୍ପ ଦିନ ହେଲା ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରି ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦେଶରେ ଏତେ ଦିନରେ ପ୍ରଚାରିତ ହେବାରୁ ବୋଧହୁଏ ଅନେକ ଲୋକ ରୋଗଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଆମ୍ଭେମାନେ ଏହାର ଉପକାରିତା କୃତଜ୍ଞତାର ସାଧାରଣ ସମାଜରେ ପ୍ରଚା-

Digitized by srujanika@gmail.com

Split by PDF Splitter



ଗତ କରବାକୁ କୁଣ୍ଠା କର ନାହାନ୍ତି ବା କରବୁ ନାହିଁ ।

ଶ୍ରୀ ରାମଦାସ ମଣ୍ଡଳ
ଥାନାଦଗୀ ଜିଲ୍ଲା ବାଙ୍କୁଡ଼ା

ଶୁଭାଶୀର୍ବେଷୁ !

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବିଖ୍ୟାତ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରଦ ଦୋଷ ଜାତ ଗଲଗ୍ରୀବା, ଶିରଃପୀଡ଼ା, ପ୍ରାତଃୟ ବସ୍ତୁ ପାନ କଲା ସମୟରେ ନାସିକା ବାଟେ କେତେକ ଅଂଶ ନିଃସୃତ ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତତ୍ୱ ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଳ ଓ ପୁରାତନ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ବିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିଷ୍କୃତି ଲାଭ କରିଅଛୁଁ । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ସେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ କୀର୍ତ୍ତନଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି ତ୍ରୁଟି କରିବୁଁ ନାହିଁ । ବିବେଚନା କରୁଁ ଏହି ମହୌଷଧୀର ଗୁଣ ସର୍ବସାଧାରଣରେ ଜ୍ଞାତ ଥିଲେ କେବେହେଁ ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପତିତ ହୁଅନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନଓହାଟ୍ଟାପୋଷ୍ଟ ଜେଲା ଯଶୋହର

ମହାଶୟ !

ଆପଣଙ୍କ ଉପଦେଶାନୁସାରେ କ୍ଷୟ, ଯକ୍ଷ୍ମା ଓ ବହୁକାଳର ପ୍ରମେହ ରୋଗର ଗୋଟିଏ ମହୌଷଧ ଅଛି । ସେହି ଭୈଷଜ ସେବନ କରି ଆମ୍ଭର ଶ୍ରଦ୍ଧାସ୍ପଦ ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧୀର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରଚାରିତ କରିବାକୁ ତ୍ରୁଟି କରିବୁଁ ନାହିଁ । ଏବଂ ଯହିଁରେ ଦିନାଜପୁର ଜିଲ୍ଲାର ପଲ୍ଲୀ ଗ୍ରାମରେ ପ୍ରଚାର ହେବ ସେଥିପାଇଁ ଆମ୍ଭେ ସ୍ଥାନେ୨ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ କାଗଜରେ ଲେଖି ପ୍ରକାଶ କଲୁଁ ।

ଶ୍ରୀ ପ୍ରତାପଚନ୍ଦ୍ର ମୁଖୋପାଧ୍ୟାୟ
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦିନାଜପୁର

ମହାଶୟ !

ସମ୍ପ୍ରତି ଆମ୍ବଲା ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ଯେ କି ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ ଶଏ ଅଠସ୍ତରିଶ ଜଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତତ୍ପରେ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା କିମ୍ପାକ ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହତ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କୁ ଏହି ଭୟାନକ ଦୁର୍ଦ୍ଦମ୍ୟ ରୋଗରୁ ନିଷ୍କୃତି ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଅଧିକ କହିପାରୁ ଯେ, ଓଲାଉଠାରୋଗପ୍ରପୀଡ଼ିତ ମୁମୂର୍ଷୁ ବ୍ୟକ୍ତିଙ୍କି ମଧ୍ୟ ଅର୍ଥାତ ଶେଷାବସ୍ଥାର ରୋଗିକୁ ସୁଦ୍ଧା ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥିବ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନୁହଇ । ଅତ୍ରନଗରର ମାନ୍ୟବର ଅସିଷ୍ଟାଣ୍ଟ ସାର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟଣା ମନୁଷ୍ୟକୃତ ଔଷଧୀଦ୍ୱାରା କିପ୍ରକାରରେ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଶନର ସାହେବ ଆପଣଙ୍କ ପ୍ରେରିତ ୮ ବଣ୍ଡିଲ ଔଷଧୀ ଲାହୋର ଅମୃତସହର ଓ ଜଲନ୍ଧରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବଲ୍ଲଭ ମୁଖୋପାଧ୍ୟାୟ
ହେଡ଼କ୍ଲାର୍କ ଡେପୁଟୀ କମିଶନର୍ସ ଅଫିସ,
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଭଣୋଇ ଶ୍ରୀଯୁକ୍ତ ବାବୁ ଈଶାନଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲରାପିଲ କ୍ରୟ କରି ଥିଲେ ଆମ୍ଭେ ଆହ୍ଲାଦର ସହିତ ତାହାର ମହତ ରୋଗ ନିବାରିଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁଁ ସଂଖ୍ୟକ ଓଲାଉଠା ରୋଗିଙ୍କର ଏହା ବ୍ୟବହାର କରିବାରେ ଯେଉଁ ଆଶା କରା ଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ ଶୀଘ୍ର ରୋଗର ପ୍ରତୀକାର ହୋଇଅଛି ତ୍ରିଂଶ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆ ଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରି ଅଛନ୍ତି । ପ୍ରକୃତ ଏଥିର ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦି ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଥାଏ ତେବେ ଉକ୍ତ ଔଷଧୀ ଆପଣଙ୍କର କଲରାପିଲ ବ୍ୟତୀତରେକେ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଜଣ୨ କରି ଅନୁରୋଧ କରୁଅଛୁଁ ଯେ ଯେମନ୍ତ କି ସେମାନେ ଏହି ଔଷଧୀକୁ ଘରେ୨ ସଂଗ୍ରହ କରି ରଖନ୍ତୁ । କିମ୍ପାକ ଓଲାଉଠାର ପ୍ରାଦୁର୍ଭାବ ସମୟରେ ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବର ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ବିଲକ୍ଷଣ ପ୍ରତୀତ ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ ।

ଆପଣ ଇଚ୍ଛା କଲେ ଉପରୋକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ ବ୍ୟତୀତରେକେ ଅନ୍ୟ କିଛି ନୁହେ ଅର୍ଥାତ ବଢାଇ କରି କହି ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ ।

ଶ୍ରୀ ରାମସତ୍ୟ ମୁଖୋପାଧ୍ୟାୟ
ହେଡ଼ଟିଚର ଶ୍ରୀ ବେହାର ଇଣ୍ଡିଗୋ ପ୍ଲାଣ୍ଟାରସ
ଏସୋସିଏସନ୍

ନ ୫୪ ମୂର

ଶ୍ରୀ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

GISTERED NO. 1

2

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୭ ଶ
ସଂ ୩୯ ଖ୍ୟା

ତା ୩୦ ରଖ ମାହେ ସେପ୍ଟମ୍ବର ସନ ୧୮୮୨ ମସିହା । ମୂ । ଅଶ୍ୱିନ ତ ୧୭ ନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକିଆରୁ |
|---|---|---|
| ବାର୍ଷିକ | ଟ ୫ ୧ | ଟ ୭ ୧ |
| ଡାକମାସୁଲ | ଟ ୦ ୷ | ଟ ୧ ୧ |


ଏଠା ପଲଟନର ଡାକ୍ତର ଏନ ଗୃହେର୍ଯ୍ୟା ବ୍ରହ୍ମପୁରକୁ ବଦଳି ହୋଇ ଅଛନ୍ତି ଏବଂ ତାହାଙ୍କ କର୍ମରେ ସର୍ଜନ ମେଜର ପି, ଏନ୍ ମୁଖାର୍ଯ୍ୟା ଏ ପଲଟନର ପକ୍କା ଡାକ୍ତର ଆସି ଅଛନ୍ତି । ଡାକ୍ତର ଗୃହେର୍ଯ୍ୟାଙ୍କୁ ବଦଳି ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇ ଅଛୁଁ ତାହାଙ୍କପରି ପରୋପକାରୀ ଡାକ୍ତର ସଚରାଚର ଭେଟ ପଡଇ ନାହିଁ । ସେ ଏ ନଗରରେ ଯେତେ କାଳ ଥିଲେ ନଗରବାସିମାନଙ୍କର ବହୁତ ଉପକାର କରିଅଛନ୍ତି । କେହି ବିପଦଗ୍ରସ୍ତ ହୋଇ ଡାକିଲେ ସେ ଚିକିତ୍ସା କରିବାକୁ ଅସୁଥିଲେ ଏବଂ ଯେ ଯାହା ଫିସ ଦେଉ ଥିଲା ତହିଁରେ ସନ୍ତୁଷ୍ଟ ହେଉ ଥିଲେ ।

---

ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ସମ୍ପ୍ରତି ନୂତନ ଋଣ ଫିଟାଇ ଅଛନ୍ତି । ଇଣ୍ଡିଆ ଗଜେଟରେ ଏଥିର ଯେଉଁ ଘୋଷଣା ବାହାରି ଅଛି ତହିଁରେ ଲେଖା ଅଛି କି ମିସର ଯୁଦ୍ଧରେ ବ୍ୟୟ ହେବା ଟଙ୍କା କି ପରିମାଣରେ ଭାରତବର୍ଷର ରାଜସ୍ୱ ଉପରେ ପଡିବ ତାହା ଅଦ୍ୟ ସ୍ଥିର ହୋଇ ନ ଥିଲେହେଁ ଭାରତବର୍ଷର ଖଜଣାଖାନାରୁ ଆପାତତଃ ଅନେକ ଟଙ୍କା ଖର୍ଚ୍ଚ ହେଉଅଛି ଏବଂ ତହିଁ ନିମିତ୍ତ ତହବିଲ ଯୋଗାଇ ରଖିବା ଆବଶ୍ୟକ ହେବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଅତେଇକୋଟି ଟଙ୍କା ଋଣ କରିବାକୁ ମାନସ କରିଅଛନ୍ତି ଏହି ଋଣର ସୁଧ ବାର୍ଷିକ ଶତକଡା ଟ ୪ଙ୍କା ଲେଖାଏ ଦିଆଯିବ ଏବଂ ଆଗାମୀ ଅକ୍ଟୋବର ମାସ ତା ୧୩ ରଖ ପର୍ଯ୍ୟନ୍ତ ଏ ବିଷୟର ଟେଣ୍ଡର ପ୍ରସ୍ତାବମାନ ଗୃହୀତ ହେବ । ଏହି ଋଣ ସମ୍ପର୍କୀୟ ବିସ୍ତାରିତ ବିବରଣମାନ ସରକାରୀ ଗଜେଟମାନଙ୍କରେ ପ୍ରକାଶିତ ହୋଇଅଛି ।

---

ମିସର ଦେଶରୁ ଏ ସପ୍ତାହରେ ଆସିଥିବା ସମାଚାରରୁ ଜଣାଯାଏ ଯେ ବିଦ୍ରୋହିମାନେ ଯେତେ ଦୁର୍ଗ ଅଧିକାର କରି ଥିଲେ ସେ ସମସ୍ତ ଛାଡି ଦେଇ ଅଛନ୍ତି ଓ ଇଂରାଜ ସୈନ୍ୟାଧ୍ୟକ୍ଷ ଏକ ୨ ଦୁର୍ଗ ଲୁଟି ନେବା ସମୟରେ ସର୍ଦ୍ଦାର ବିଦ୍ରୋହିଙ୍କୁ ବନ୍ଦି କରି ଆଉ ସମସ୍ତଙ୍କୁ ନିରସ୍ତ୍ର କରି ଛାଡି ଦେଇ ଅଛନ୍ତି । ଏରୂପେ ସର୍ବସୁଦ୍ଧା ୩୦ ହଜାର ରାଇଫଲ ବନ୍ଧୁକ ହସ୍ତଗତ ହୋଇଅଛି ବିଦ୍ରୋହିଙ୍କ ବିଚାର କାରଣ ଖେଦିବ ଗୋଟିଏ ସ୍ୱତନ୍ତ୍ର କମିଶନ ନିଯୁକ୍ତ କରିଅଛନ୍ତି ଏବଂ କେତେଜଣ ଉଚ୍ଚପଦସ୍ଥ ଇଂରାଜ କର୍ମଚାରୀ ତହିଁ ମଧ୍ୟରେ ଅଛନ୍ତି । ବିଚାର ଉତ୍ତାରୁ କି ପ୍ରକାର ଦଣ୍ଡବିଧାନ ହେବ ତହିଁର ସବିଶେଷ ଜଣା ଯାଇ ନାହିଁ ମାତ୍ର ଇଂଲଣ୍ଡଠାରୁ ଖେଦିବଙ୍କ ନିକଟକୁ ଏପରି ଆଦେଶ ପ୍ରେରିତ ହୋଇଅଛି କି ଇଂଲଣ୍ଡର ବିନା ପରାମର୍ଶରେ ସେ ଯେମନ୍ତ କାହାରି ପ୍ରତି ଦଣ୍ଡାଜ୍ଞା ଦେବେ ନାହିଁ । ଏଥିରୁ ବୋଧ ହୁଅଇ ଯେ ବିଦ୍ରୋହିଙ୍କ ପ୍ରତି ଦୟାର ସହିତ ବ୍ୟବହାର ହେବ ଏବଂ ସେପରି ହେବା ସର୍ବାଂଶରେ ଉଚିତ ଅଟଇ । ଅରବିପାସାଙ୍କ ପ୍ରତି କିପରି ବ୍ୟବସ୍ଥା ହେବ ଅଦ୍ୟ କିଛି ଜଣା ପଡ ନାହିଁ ।

---

ଆମ୍ଭେମାନେ ଗତ ସପ୍ତାହରେ ଏ ନଗରର ଅଭିନବ ଚୋରି କଥା କହି ଥିଲୁଁ । ବଡ଼ ସୁଖର ବିଷୟ ଯେ ସେ ପ୍ରକାର ଜଣେ ଚୋର ଗତ ବୁଧବାର ଧରା ପଡିଅଛି । କ୍ରମାଗତ ଚୋରି କରି ଏହାର ମନ ଏତେ ଦମ୍ଭ ହୋଇଥିଲା ଯେ ତା ୧୦।୧୫ ଦିନ ପୂର୍ବେ ଯେଉଁ ଘରୁ ଚୋରି କରିଥିଲା ପୁନର୍ବାର ସେ ଦିନ ସେହି ଘରେ ପଶି ଗୃହସ୍ଥ କନ୍ୟା ପାଖରୁ ଚାବି ନେଇ ଆଲମାରୀ ଫିଟାଇ ଅନେକ ରୁପାର ଅଳଙ୍କାର ଏବଂ ଶାଲ ବନାତ ଇତ୍ୟାଦି ଘେନି ବାହାରି ଯିବା ସମୟରେ ଗୃହସ୍ଥର ନିଦ ଭାଙ୍ଗିଲା ଏବଂ ସେ ହୁରି ପକାଇବାରୁ ଲୋକେ ଦୌଡି ଆସି ତାହାକୁ ମାଡି ବସିଲେ । ଚୋର ଅଣ୍ଟାରେ ବଡ଼ ଛୁରିଟାଏ ଥିଲା ମାତ୍ର ସୌଭାଗ୍ୟକ୍ରମେ ତାହା ବ୍ୟବହାର କରି ପାରି ନାହିଁ । ଚୋର ଦେଖିବାକୁ ଅତି କଳଙ୍କ ଏବଂ ଭଦ୍ର ଲୋକ ପରି ଲୁଗା ପିନ୍ଧିଥିଲା । ବର୍ତ୍ତମାନ ପୁଲିସହାଜତ ଚାଲାନ ହୋଇ ବିଚାରାଧୀନରେ ଅଛି । ପୁଲିସ ଯେବେ ଏହି ଚୋରକୁ ଧରି ଥାନ୍ତା ତେବେ ବଡ଼ ପ୍ରଶଂସାର ବିଷୟ ହୁଅନ୍ତା ମାତ୍ର ପୁଲିସର ସେ ନଗରେ ବଡ ଦୃଷ୍ଟି ନାହିଁ ଏବଂ ମାଜିଷ୍ଟ୍ରେଟ କିମ୍ବା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ପୁଲିସର ଏହି

Digitized by srujanika@gmail.com

Split by PDF Splitter



ପ୍ରଧାନ ତ୍ରୁଟି ନିବାରଣ ପକ୍ଷରେ ଆଦୌ ମନୋଯୋଗୀ ହେବାର ଦେଖା ଯାଉ ନାହିଁ ।

---

ପଞ୍ଜାବର ବିଖ୍ୟାତ ରଣଜିତ ସିଂହଙ୍କ ପୁତ୍ର ଦଲିପସିଂହ ବର୍ତ୍ତମାନ ବିଲାତରେ ପେନସନ୍ ଭୋଗ କରୁଥିବାର ପାଠକଙ୍କୁ ଜଣା ଅଛି । ସେଠାରେ ତାଙ୍କର ଆଗ୍ରହ ବ୍ୟବହାର ଅବଶ୍ୟ ସମସ୍ତ ସାହେବଙ୍କ ପ୍ରାୟ ଓ ସେ ଜଣେ ଇଂରାଜ ମହିଳାର ପାଣିଗ୍ରହଣ କରି ଅଛନ୍ତି । ବର୍ତ୍ତମାନ ଜୁଲୁ ଇତ୍ୟାଦିର ରାଜା ଆପଣାଆପଣାର ରାଜ୍ୟ ଇଂରାଜ ଗବର୍ଣ୍ଣମେଣ୍ଟଙ୍କଠାରୁ ଫେର ପାଉଥିବାର ଦେଖି ନିଜେ ଉତ୍ସାହିତ ହୋଇ ସେହିଭଳି ପ୍ରାର୍ଥନା କରିବା ମର୍ମରେ ଖଣ୍ଡିଏ ଦୀର୍ଘପତ୍ର ବିଲାତର ବିଖ୍ୟାତ ଟାଇମସ୍ ପତ୍ରିକାରେ ଛପାଇ ଥିଲେ । ସେ କହୁଅଛନ୍ତି ତାଙ୍କୁ ଯାହା ବାର୍ଷିକ ୨୫୦୦୦ ପାଉଣ୍ଡ ଅର୍ଥାତ ପ୍ରାୟ ଟ ୨୫୦୦୦୦ ଙ୍କା ପେନସନ୍ ଦିଆ ଯାଏ ତାହା ମୋଟରେ ଯା ୧୩୦୦୦ପାଉଣ୍ଡ ବା ଟ ୧୩୦୦୦୦ ଙ୍କା ପଡ଼ଇ ଏବଂ ଗବର୍ଣ୍ଣମେଣ୍ଟ ଯେତେବେଳେ ତାଙ୍କର ଦେଣ ପରିଶୋଧ କରି ଦେବା କାରଣ ପ୍ରତିଶ୍ରୁତ ହେଲେ ସେତେବେଳେ ତାଙ୍କ ଅନ୍ତେ ତାଙ୍କ ରାଜ୍ୟ ବିକ୍ରୟ କରି ଦେବାର ସର୍ତ୍ତ କରାଇ ନେଇ ଅଛନ୍ତି ମାତ୍ର ଏଥିରେ ତାଙ୍କର ପରିବାରର ପ୍ରତିପୋଷଣର ଉପାୟ ଆଉ ରହୁ ନାହିଁ । ଯାହା ହେଉ ଆମ୍ଭେମାନେ ମନେ କରିଥିଲୁଁ ଯେ ଦଲିପସିଂହ ଏକକାଳେ ସାହେବ ହୋଇ ସ୍ୱଦେଶକୁ ପାସୋରି ଯାଇ ଅଛନ୍ତି ମାତ୍ର ଅଦ୍ୟାପି ଯେ ତାଙ୍କ ମନରେ ସ୍ୱଦେଶ ବାସ-ଇଚ୍ଛା ବିଦ୍ୟମାନ ରହି ଅଛି ଶୁଣି ସନ୍ତୁଷ୍ଟ ହେଲୁଁ । ଗବର୍ଣ୍ଣମେଣ୍ଟ ଏହାଙ୍କ କଥା ଶୁଣିବେ କି ?

---

ଅତି ବଡ଼ବଡ଼ ହେଲା ଗୋଟିଏ ଅତି ଉଜ୍ଜ୍ୱଳ ଧୂମକେତୁ ଆକାଶରେ ଉଦୟ ହେଉଅଛି । ଏହା ପୂର୍ବଦିଗରେ ରାତ୍ରି ଶେଷ କାଳ ଘଣ୍ଟା ସମୟରେ ଉଦୟ ହୋଇ ଫର୍ଚ୍ଚା ସକାଳ ହେବାପର୍ଯ୍ୟନ୍ତ ଦୃଶ୍ୟ ହେଉଅଛି । ଏ ଧୂମକେତୁର ଲାଞ୍ଜ ଅତି ବୃହତ ଓ ଉଜ୍ଜ୍ୱଳ ଅଟଇ ଏବଂ ଦୂରଠାରୁ ଲକ୍ଷପର ଦୃଶ୍ୟ ହେଉଥାଏ । ଏପରି ବଡ଼ ଲାଞ୍ଜଯୁକ୍ତ ବହୁତ ଦିନ ହେଲା ଦେଖାଯାଇ ନାହିଁ । କଲିକତା ବମ୍ବେଇ ପ୍ରଭୃତି ଅନେକ ସ୍ଥାନର ଲୋକ ଏହାକୁ ଦେଖିଲେଣି କିନ୍ତୁ ଅଦ୍ୟାପି କୌଣସି ଜ୍ୟୋତିଷ ଏହାର ପରିଚୟ ପ୍ରଦାନ କରି ନାହାନ୍ତି । ସ୍ଥାନାନ୍ତରରେ ମଞ୍ଜୁଷା ହେଉହେବାନଙ୍କର ଏହି ବିଷୟରେ ଏକ ପ୍ରେରିତପତ୍ର ପ୍ରକାଶିତ ହେଲା ତହିଁରୁ ପାଠକମାନେ ଦେଖିବେ ଯେ ସେଠାର ମହାରାଜା ଏହାକୁ ହାଲେଙ୍କର ଧୂମକେତୁ ବୋଲି ନିର୍ଣ୍ଣୟ କରି ଅଛନ୍ତି । ମହାରାଜାଙ୍କର ଜ୍ୟୋତିଷ ଶାସ୍ତ୍ରରେ ଶ୍ରମ ଓ ଅନୁସନ୍ଧାନ ଦେଖି ଆମ୍ଭେମାନେ ପ୍ରୀତ ହୋଇ ଅଛୁ ମାତ୍ର ଡେଲିନ୍ୟୁଜର ଜଣେ ପତ୍ରପ୍ରେରକ ବୋଲନ୍ତି କି ହାଲେନାମକ ଧୂମକେତୁ କି ଯାହା ସନ ୧୮୩୫ ସାଲରେ ଦେଖାଯାଇଥିଲା ଗଣନାନୁସାରେ ସନ ୧୯୧୧ ସାଲରେ ଉଦୟ ହେବାର ଅଛି ଅତଏବ ବର୍ତ୍ତମାନର ଧୂମକେତୁ ତହିଁରୁ ଭିନ୍ନ ଅଟଇ । ଯାହାହେଉ ଆମ୍ଭେମାନେ ଭରସା କରୁଁ ଯେ ଏଥିମଧ୍ୟରେ ଜ୍ୟୋତିର୍ବିତ୍ମାନେ ଏହି ଧୂମକେତୁର ସମସ୍ତ ପରିଚୟ ସମ୍ବାଦପତ୍ରଯୋଗେ ସର୍ବସାଧାରଣଙ୍କୁ ଜଣାଇବେ । ସମ୍ପ୍ରତି ଏଠାଲୋକେ ଏହାକୁ ଦେଖି ନାନା ଅମଙ୍ଗଳର ଆଶଙ୍କା କରୁଅଛନ୍ତି ।

---

ଗୋପାଳଜିଉମଠର ମୋକଦ୍ଦମା ସମ୍ପର୍କରେ ଇଂଲିସମାନରେ ପ୍ରକାଶିତ ହୋଇ ଥିବା ତାର ସମ୍ବାଦ ପ୍ରତି ଆମ୍ଭମାନଙ୍କର ମନ୍ତବ୍ୟ ଗତ ସପ୍ତାହରେ ପ୍ରକାଶ କରିଥିଲୁଁ । ବର୍ତ୍ତମାନ ଶୁଣିଲୁଁ ଯେ ପୁଲିସ ଇନ୍ସପେକ୍ଟର ଜେନେରାଲ ଇଂଲିସମାନ ପତ୍ରିକାର ସମ୍ପାଦକଙ୍କଠାରୁ ଉକ୍ତ ତାର ସମ୍ବାଦର ନକଲ ଆଣାଇ ଏଠାକୁ ପଠାଇ ଦେଇ ଅଛନ୍ତି ଏବଂ କଥିତ ହୁଅଇ ସମ୍ବାଦ ପ୍ରେରକ ନାମରେ ନାଲିଶ କରିବାକୁ ଆଦେଶ ଦେଇ ଅଛନ୍ତି । ମାଜିଷ୍ଟ୍ରେଟ ସାହେବ ଉକ୍ତ ନକଲ ଦେଖି ଏଠାର ଜଣେ ମୁକ୍ତାର ବାବୁ ଦ୍ୱାରିକାନାଥ ଆଚାର୍ଯ୍ୟଙ୍କୁ ଡକାଇ ପଚାରିବାରେ ସେ ଉକ୍ତ ସମ୍ବାଦ ପଠାଇ ଥିବାର ସ୍ୱୀକାର କଲେ ଏବଂ ତହିଁ ଲିଖିତ ସମସ୍ତ ବୃତ୍ତାନ୍ତ ସତ୍ୟ ବୋଲି କହିଲେ । ଏଥି ଉତ୍ତାରୁ ସାହେବ କି କରିବେ କିଛି ଜଣା ପଡ଼ି ନାହିଁ । ଦ୍ୱାରିବାବୁ ଏଠାର ଜଣେ ସ୍ୱାଧୀନ ଏବଂ ସାଧାରଣ କାର୍ଯ୍ୟରେ ଅଗ୍ରସର ବ୍ୟକ୍ତି ଅଟନ୍ତି । ସେ ଘଟଣା ଦିନ ମଠଠାରେ ସମସ୍ତ ଦେଖି ଥିଲେ ଏବଂ ମୋକଦ୍ଦମାରେ ଜଣେ ସାକ୍ଷୀ ମଧ୍ୟ ହୋଇ ଥିଲେ । ତାହାଙ୍କ କଥାକୁ ଅନାୟାସରେ ମିଥ୍ୟା ବୋଲି ଯାଇ ନ ପାରେ ଏବଂ ଯେତେବେଳେ ସେ ସାହସପୂର୍ବକ ମୁକ୍ତକଣ୍ଠରେ ସମ୍ବାଦ ପଠାଇଥିବାର ସ୍ୱୀକାର କଲେ ସେତେବେଳେ ସେ ଘୃଣିତ ବେନାମିପତ୍ର ପଠାଇବାର କଦାଚ ବୋଲି ଯାଇ ନ ପାରେ । କିନ୍ତୁ ଇଂଲିସମାନର ପକ୍ଷ ସମ୍ବାଦଦାତା କି ଯାହାଙ୍କ ସମ୍ପାଦକ ବଡ଼ ବିଶ୍ୱାସୀ ପତ୍ରିକ ତାର ସମ୍ବାଦ ମିଥ୍ୟା ଥିବାର ଏବଂ ଦେଶୀୟ ବ୍ୟକ୍ତିମାନେ ମିଥ୍ୟା ସମ୍ବାଦ ଦେବାରେ ତତ୍ପର ଥିବାର ଲେଖିଅଛନ୍ତି ସେ ବ୍ୟକ୍ତି କିଏ ବର୍ତ୍ତମାନ ଏତକ ଜାଣିବାର ଅବଶିଷ୍ଟ ରହିଲା । ଆମ୍ଭେମାନେ ପୂର୍ବରୁ କହିଅଛୁଁ ଯେ ଏ ବ୍ୟକ୍ତିଙ୍କ କଥା ମଧ୍ୟ ସମସ୍ତ ସତ୍ୟ ନୁହଇ ଏବଂ ଏତେବେଳେ ସ୍ପଷ୍ଟ ଜଣାପଡ଼ିଲା ଯେ ସେ ଏ ମୋକଦ୍ଦମାରେ ଅଯଥାରୂପେ ଲିପ୍ତ ହୋଇ ମହାନ୍ତଙ୍କ ପକ୍ଷ ସମର୍ଥନ କରିବା କାରଣ ତାରସମ୍ବାଦ ବେନାମୀ ଥିବାର ଲେଖିଥିଲେ । ବଡ଼ ଦୁଃଖର ବିଷୟ ଯେ ଇଂଲିସମାନ ବିନା ଅନୁସନ୍ଧାନରେ ଆମ୍ଭମାନଙ୍କ ମାଜିଷ୍ଟ୍ରେଟଙ୍କ ପରି ତାରସମ୍ବାଦକୁ ମିଥ୍ୟା କହି ଦେଲେ ଏବଂ ତଦ୍ୱାରା ଆପଣା ପତ୍ରିକାର ଗୌରବ ହରାଇଲେ । କାରଣ ଏଥି ଉତ୍ତାରୁ ତାହାଙ୍କ ସମ୍ବାଦରେ ଲୋକଙ୍କର କପରି ବିଶ୍ୱାସ ହେବ । ଯାହା ହେଉ ସ୍ଥାନୀୟ ହାକିମଙ୍କର ଉଚିତ ଏହି ଦୁଇ ସମ୍ବାଦଦାତା ମଧ୍ୟରୁ କିଏ ସତ୍ୟବାଦୀ ତହିଁର ବିହିତ ଅନୁସନ୍ଧାନ କରନ୍ତୁ କାରଣ ଆମ୍ଭମାନଙ୍କ ବିବେଚନାରେ ଯେଉଁ ବ୍ୟକ୍ତି ସମ୍ବାଦପତ୍ରକୁ ମିଥ୍ୟା ସମ୍ବାଦ ଦେଇ ସର୍ବସାଧାରଣଙ୍କ ମନ ବ୍ୟସ୍ତ କରଇ ତାହାଠାରୁ ଗୁରୁତର ପାପୀ ନାହିଁ ।

---

ପୂଜାର ଆମୋଦ ।

ଦୁର୍ଗାପୂଜା ଆଗତ ପ୍ରାୟ ଏବଂ ଏଥିପାଇ ତା ୧୬ ନ କାଳ ସମସ୍ତ କଚେରିମାନ ବନ୍ଦ ହେବ । ମୋଫସଲର ଲୋକମାନେ ଆପଣାଆପଣା ପରିବାର ଓ ବନ୍ଧୁ କୁଟୁମ୍ବ ସହିତ ସାକ୍ଷାତ କରି ପୂଜାର ଉତ୍ସବରେ ମଗ୍ନ ହେବେ । ଯେଉଁମାନେ ନଗରରେ ରହିବେ ସେମାନଙ୍କ ପକ୍ଷରେ ପୂଜା ଦର୍ଶନ ଉତ୍ତାରୁ ଆଉ କିଛି ଆମୋଦ ନାହିଁ । ଏଥିପାଇ ଏ ନଗରବାସୀ କେତେଜଣ ସମ୍ଭ୍ରାନ୍ତ ଲୋକଙ୍କ ଉଦ୍ୟମରେ ପୂଜା ଅବସର ମଧ୍ୟରେ ନାନାପ୍ରକାର ଆମୋଦ ପ୍ରମୋଦ କରିବାର ବନ୍ଦୋବସ୍ତ ଲାଗିଅଛି ଏବଂ ତହିଁ ସକାଶେ ଚାନ୍ଦା ସଂଗୃହୀତ ହେଉଅଛି । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ନଗରବାସୀ ସମସ୍ତ ସମ୍ପ୍ରଦାୟର ଭଦ୍ର ଲୋକମାନେ ଚାନ୍ଦା ପ୍ରଦାନ ପୂର୍ବକ ଏହା ଆମୋଦରେ ଯୋଗ ଦେବାକୁ ଅଗ୍ରସର ହୋଇଅଛନ୍ତି । ଅନ୍ୟାନ୍ୟ ଆମୋଦରେ ଘୋଡ଼ାଦୌଡ଼ ପ୍ରଧାନ ଅଟଇ ।

Digitized by srujanika@gmail.com

ଏହି କ୍ରୀଡ଼ା ଆଗାମୀ ଅକ୍ଟୋବର ମାସ ତା ୨୧ ଓ ୨୪ ରିଖରେ ଗୃହିଲସ୍ପୋଗଞ୍ଜ ଘୋଡ଼ଦୌଡ଼ ପଡ଼ିଆରେ ପ୍ରାତଃକାଳରେ ହେବ । ଯେଉଁଦିନ ଯେତେପ୍ରକାର ଘୋଡ଼ଦୌଡ଼ ହେବ ତହିଁର ବିସ୍ତାରିତ ବିବରଣ ସ୍ଥାନାନ୍ତରେ ବିଜ୍ଞାପନ ସ୍ୱରୂପ ଇଂରାଜୀରେ ପ୍ରକାଶିତ ହେଲା । ଘୋଡ଼ଦୌଡ଼ର ଅନୁରାଗୀ ପାଠକମାନେ ତହିଁରୁ ସବିଶେଷ ଜାଣି ପାରିବେ । ଯେଉଁମାନେ ଦୌଡ଼ ସକାଶେ ଘୋଡ଼ା ପଠାଇବାକୁ ଇଚ୍ଛୁକ ହେବେ ସେମାନେ ଘୋଡ଼ଦୌଡର ନିରୂପିତ ଦିନ ଦ୍ୱୟର ପୂର୍ବଦିନ ଦୁଇ ପ୍ରହର ପୂର୍ବ ଶ୍ରୀଯୁକ୍ତ ମେଜର ବଟଲରଙ୍କ ନିକଟକୁ ପ୍ରବେଶର ମୂଲ୍ୟ ସହିତ ପତ୍ର ପଠାଇଲେ ତାହାଙ୍କର ଘୋଡ଼ା ଦୌଡ଼ରେ ଦିଆଯାଇ ପାରିବ । ଘୋଡ଼ାଦୌଡ ଅତ୍ୟନ୍ତ ଆନନ୍ଦଜନକ ନିର୍ଦ୍ଦୋଷ କ୍ରୀଡ଼ା ଏବଂ ଅନେକ ବିଷୟରେ ହିତକର ଅଟଇ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ରାଜା ଜମିଦାର ଏବଂ ଅନ୍ୟାନ୍ୟ ବଡ଼ଲୋକମାନେ ଯାହାଙ୍କର ଭଲ ଘୋଡ଼ା ଅଛି ଆଗ୍ରହ ସହିତ ଏ କ୍ରୀଡ଼ାରେ ଯୋଗ ଦେବେ । ଘୋଡ଼ାଦୌଡ ଛଡ଼ା ଅନ୍ୟାନ୍ୟ ଅନେକ ପ୍ରକାର ଆମୋଦଜନକ ଖେଳର ଅନୁଷ୍ଠାନ ହୋଇଅଛି ଯଥା—ମନୁଷ୍ୟ ଦୌଡ କ୍ରିକେଟ ଖେଳ ଇତ୍ୟାଦି । ସାଧାରଣ ଆମୋଦ କମିଟି ଅବଧି ପ୍ରାୟ ଟ ୧୨୦୦୯ ଙ୍କା ଚେନ୍ଦା ହୋଇଅଛି ଏହା ଛଡ଼ା କ୍ଲବ ନାମରେ ଇଂରାଜମାନଙ୍କର ଯେଉଁ ଅଖଡ଼ା ଏ ନଗରରେ ସ୍ଥାପିତ ଅଛି ତହିଁର ଖେଳ କମିଟି ଟ ୨୫୦୯ ଙ୍କା ଚେନ୍ଦା ଉଠିଅଛି ।

---

## ମୟୂରଭଞ୍ଜର ବନ୍ଦୋବସ୍ତ ।

ମୟୂରଭଞ୍ଜର ମ୍ୟାନେଜର ନିଯୁକ୍ତି ପ୍ରସଙ୍ଗ ଆଜିକାଲି ନାନାସମ୍ବାଦପତ୍ରରେ ଆନ୍ଦୋଳିତ ହେଉଅଛି । ଅମ୍ଭେମାନେ ଏ ବିଷୟରେ ଆପଣା ମତ ପୂର୍ବରୁ ପ୍ରକାଶ କରିଅଛୁଁ ଆଉ କିଛି କହିବାର ନାହିଁ । ମୃତ ମହାରାଜାଙ୍କର ଭାଇ ବାବୁ ବୃନ୍ଦାବନ ଚନ୍ଦ୍ରଭଞ୍ଜ ଏକମାସରୁ ଅଧିକ ଦିନ ହେଲା ଏହି ମ୍ୟାନେଜରୀ ଚେଷ୍ଟାରେ ଏ ନଗରରେ ଅଛନ୍ତି ତାହାଙ୍କ ହାତରେ ବାମନଘାଟିର ମ୍ୟାନେଜରୀ ଅଛି ଏବଂ ସେ ମୃତମହାରାଜଙ୍କ ସହିତ ଏକତ୍ରରେ ଶାସନକାର୍ଯ୍ୟ କରୁଥିଲେ । ଏହି ସମସ୍ତ ଏବଂ ଅନ୍ୟାନ୍ୟ କାରଣ ଦର୍ଶାଇ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ଜାତ ସାହେବଙ୍କ ନିକଟରେ ଆବେଦନ କରିଥିଲେ । ଏଥିକୁ ସାହେବ ତାହାଙ୍କୁ ଉକ୍ତ ପଦର ଯୋଗ୍ୟ ଜ୍ଞାନ କରନ୍ତି ନାହିଁ । ସାହେବ ମୟୂରଭଞ୍ଜର ମ୍ୟାନେଜରୀ ଆପଣା ଅସିଷ୍ଟାଣ୍ଟ ବାବୁ ନନ୍ଦକିଶୋର ଦାସଙ୍କୁ ଯାଚି ଥିଲେ ମାତ୍ର ସେ ନାସ୍ତି କରିବାରୁ ଶୁଣାଯାଏ ଏଠା କଲେକ୍ଟର ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ବାଇଲି ସାହେବଙ୍କୁ ମ୍ୟାନେଜର ନିଯୋଗ କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । ବାଇଲି ସାହେବ ଦୀର୍ଘକାଳ ଏ ଜିଲ୍ଲାରେ ବହୁ ପ୍ରଶଂସା ସହିତ କାର୍ଯ୍ୟ କରିଅଛନ୍ତି ଏବଂ ମୋଫସଲ ପ୍ରଜାଙ୍କର ଅବସ୍ଥା ଓ ରୀତି ନୀତି ତାହାଙ୍କୁ ବିଲକ୍ଷଣ ଜଣାଅଛି । ଏପ୍ରକାର ବହୁଦର୍ଶିତା ହେତୁରୁ ସେ ଉତ୍ତମ ମ୍ୟାନେଜର ହେବେ ସନ୍ଦେହ ନାହିଁ । କିନ୍ତୁ ଗୋଟିଏ କଥାରେ ଅମ୍ଭମାନଙ୍କର ସନ୍ଦେହ ରହିଅଛି । କଲେକ୍ଟର ଆଦାୟ କାର୍ଯ୍ୟରେ ସେ ପ୍ରଜାଙ୍କର ପ୍ରୀତିଭାଜନ ହୋଇ ପାରି ନାହାନ୍ତି । ଅନେକ ପ୍ରଜାଙ୍କଠାରୁ ଏପରି ଶୁଣାଯାଏ ଆମ୍ଭେମାନେ ଶୁଣିଅଛୁଁ । ଏଥିକୁ ମୟୂରଭଞ୍ଜ ପ୍ରଜାଙ୍କର ଖଜଣା ବନ୍ଦୋବସ୍ତ କଠିନ ବୋଲି ଶୁଣିଅଛୁଁ । ସେ ଯେବେ ସେହି କଠିନ ଜମା ଆଦାୟ କରିବାକୁ ଦୃଢ଼ ହେବେ ତେବେ ପ୍ରଜାଙ୍କର ବିଶେଷ କଷ୍ଟ ହେବ ମାତ୍ର ମୋଗଲବନ୍ଦୀ ଓ ଗଡ଼ଜାତ ପ୍ରଜାଙ୍କ ସ୍ୱଭାବର ପ୍ରଭେଦ ପ୍ରତି ବିଶେଷ ଦୃଷ୍ଟି ରଖି ଦୟାର ସହିତ କାର୍ଯ୍ୟ କଲେ ପ୍ରଜାଙ୍କର ପ୍ରୀତିଭାଜନ ହେବେ ସନ୍ଦେହ ନାହିଁ । ରାଜପରିବାରବର୍ଗ ଇଂରାଜ ମ୍ୟାନେଜରଙ୍କୁ ସହସା ସୁଖ ପାଇବେ ନାହିଁ । ସେମାନେ ଦେଶୀୟ ମ୍ୟାନେଜରର ଅତ୍ୟନ୍ତ ପକ୍ଷପାତୀ । କିନ୍ତୁ ମ୍ୟାନେଜର ଯେବେ ପାରିବାରିକ ବିଷୟରେ ଅକାରଣ ହସ୍ତକ୍ଷେପଣ ନ କରିବେ ଏବଂ ସମସ୍ତଙ୍କ ମର୍ଯ୍ୟାଦାକୁ ଯଥାବିହିତରୂପେ ମାନ୍ୟ କରିବେ ତାହା ହେଲେ କାହାର କୌଣସି ବିଷୟରେ ମନୋଦୁଃଖର କାରଣ ରହିବ ନାହିଁ ।

---

## ଗୋପାଳଜୀଉମଠର ଦଙ୍ଗା ମୋକଦ୍ଦମା ।

ଏ ନଗରସ୍ଥ ଗୋପାଳଜୀଉଙ୍କ ମଠକୁ ମାମଲା ଛାଡ଼ୁ ନାହିଁ । ଅଳିକ ଏକମାସରୁ ଊର୍ଦ୍ଧ୍ୱ ହେଲା ଏକ ମାମଲାର କଥା ଆମ୍ଭେମାନେ ଘୋଷି ହେଉଥିଲୁଁ । ଏଥି ମଧ୍ୟରେ ଆଉ ଏକ ମାମଲା ଉପସ୍ଥିତ । ଏ ମାମଲାର ଠିକ ବିବରଣ ଅବଧି ସ୍ଥିର ହୋଇ ନାହିଁ । ନାନାଲୋକେ ନାନାପ୍ରକାର କହୁ ଥିବାରୁ ଆମ୍ଭେମାନେ ତହିଁର ବିସ୍ତାରିତ ବିବରଣ ବର୍ତ୍ତମାନ ଲେଖିବା ଉପଯୁକ୍ତ ଜ୍ଞାନ ନ କରି ମୋକଦ୍ଦମାର ଗତିକୁ ଚାହିଁ ରହି ଅଛୁଁ । ମୋକଦ୍ଦମାର ସଂକ୍ଷେପ ଘଟନା ଏହି କି ଗତ ସୁନଯାଁ ଦିନ ରାତ୍ର ଘ ୮ ଙ୍କା ସମୟରେ ଗୋପାଳଜୀଉଙ୍କ ମଠରେ ଦଙ୍ଗା ହଙ୍ଗାମା ହୋଇ ଥିଲା ଯେ ତହିଁରେ ଦୁଇଜଣ ଲୋକର ମସ୍ତକରେ ଗୁରୁତର ରୂପେ ବାଡର ଆଘାତ ବସିଅଛି । ତହିଁରେ ରକ୍ତପାତ ଏବଂ ମୂର୍ଚ୍ଛା ହୋଇଥିଲା ମାତ୍ର ସାଂଘାତିକ ହୋଇ ନାହିଁ । ଦଙ୍ଗା ଆରମ୍ଭ ସମୟରେ ପୁଲିସ ସେଠାରେ ପ୍ରବେଶ ହୋଇ ଅନୁସନ୍ଧାନ ଉତ୍ତାରୁ କେତେଜଣ ଆସାମିଙ୍କୁ ଚାଲାନ କରିଅଛନ୍ତି ଏବଂ ତହିଁ ସଙ୍ଗେ ଏକ ଗୋଟା ତରବାର ଏବଂ ଏକ ଗୋଟା ବାଡ ପଠାଇ ଅଛନ୍ତି । ପୂର୍ବ ମୋକଦ୍ଦମାର ପ୍ରଧାନ ଅସାମୀ ବାବୁ ଶ୍ୟାମସୁନ୍ଦର ଦତ୍ତ ଇନ୍‌ସ୍ପେକ୍ଟର ଏ ମୋକଦ୍ଦମାର ଚାଲାନଦାତା ଏବଂ ସେ ମୋକଦ୍ଦମାର ମୁଦେଇ ନାରାୟଣ ଦାସ ଏ ମୋକଦ୍ଦମାର ଜଣେ ଆସାମୀ ହୋଇଅଛି । ଯେଉଁ ଜଏଣ୍ଟ ମାଜିଷ୍ଟ୍ରେଟ ସାହେବ ସେ ମୋକଦ୍ଦମାର ବିଚାର କରିଥିଲେ ତାହାଙ୍କ ହାତରେ ଏ ମୋକଦ୍ଦମାର ବିଚାର ପଡ଼ିଅଛି । ଆସାମିଙ୍କ ପକ୍ଷରୁ ଉଚ୍ଚଶ୍ରେଣୀର ଓକିଲ ବାବୁ ଦଇତାରି ଘୋଷ ଏବଂ ବାବୁ ମଧୁସୂଦନ ଦାସ ଉପସ୍ଥିତ ହୋଇଅଛନ୍ତି । ଯେଉଁମାନେ ମାଡ ଖାଇ ଅଛନ୍ତି ସେମାନେ ମହନ୍ତଙ୍କ ପକ୍ଷର ଲୋକ ଥିବାର କଥିତ ହୁଅଇ ଏବଂ ସ୍ୱୟଂ ମହନ୍ତ ମୁଦେଇ ହୋଇଅଛନ୍ତି । ନୂତନ ମହନ୍ତ ନିଯୁକ୍ତ ହେବା ପୂର୍ବରୁ ଆଦାଲତରୁ ରସିବର ସ୍ୱରୂପ ନିଯୁକ୍ତ ହୋଇଥିବା ରାଧାଚରଣ ଦାସ ଓ ମଠର ଅନ୍ୟାନ୍ୟ ବାବାଜିମାନେ ଏବଂ ସେମାନଙ୍କ ଚେଲା ଇତ୍ୟାଦ ଅପର ଆସାମୀ ହୋଇଅଛନ୍ତି । ପ୍ରଥମୋକ୍ତ ଆସାମୀ ନାରାୟଣ ଦାସ ଅଦାଲତରେ ନାଲିଶ କରି ମହନ୍ତ ବାଳମୁକୁନ୍ଦ ଦାସଙ୍କୁ ମାଜୁଲ କରାଇ ଅଛି ଓ ସେହି ବାଳମୁକୁନ୍ଦଙ୍କ ଚେଲା ନରସିଂହ ଦାସ ହାଇକୋର୍ଟରୁ ମଠର ନୂତନ ମହନ୍ତ ନିଯୁକ୍ତ ହୋଇ ଆସାମିମାନଙ୍କୁ ଶତ୍ରୁ ଜ୍ଞାନ କରି ମଠରୁ ବାହାର କରି ଦେବାପାଇଁ କେତେ ଦିନରୁ ନାନା ଉପାୟ କରୁଥିଲେ । ପରିଶେଷରେ ଯେଉଁଦିନ ସେମାନେ ତାଡିତ ହେଲେ ସେହିଦିନ ଏ ମୋକଦ୍ଦମା ଘଟଣା ହେଲା ।

ବର୍ତ୍ତମାନ ମହନ୍ତଙ୍କ ପକ୍ଷର ଗୁହାଙ୍କ ଯୋବାନବନ୍ଦୀ ହେଉଅଛି କିନ୍ତୁ ଏଥି ମଧ୍ୟରେ କାହାରି ଉପରେ ଦଣ୍ଡ ହୋଇ ଗଲାଣି । ବାବୁ

ପାନବନ୍ଦୁ ମାହାନ୍ତି ମୁକ୍ତାର ପୂର୍ବ ମୋକଦମାର ପ୍ରଧାନ ଉଦ୍ଯୋଗୀ ବୋଲି ପରିଚିତ ହୋଇଥିଲେ ଏ ମୋକଦମାରେ ମହନ୍ତଙ୍କ ଯୋବାନବନ୍ଦି ହେଉଥିବା ସମୟରେ କୌଣସି ଘଟଣାର ସମୟ ଅଦାଲତରୁ ପ୍ରଶ୍ନ ହେବାରୁ ମୁକ୍ତାର ଆଠ ଘଣ୍ଟା ବୋଲି କହିଦେଲେ ଜଏଣ୍ଟ ମାଜିଷ୍ଟ୍ରେଟ ତାହା ଶୁଣିପାରି ମୁକ୍ତାର ଉପରେ ଅଦାଲତକୁ ଅବମାନନା କରିବାର ଅଭିଯୋଗ କଲେ । ମୁକ୍ତାର ଆପଣା ଜବାବରେ ପ୍ରଥମେ ନାସ୍ତି କରି ପଛକୁ କହିଲା କି ଅନ୍ୟ ମୁକ୍ତାର ସହିତ କଥୋପକଥନରେ ତାହା କହିଥିଲା । ସାହେବ ତହିଁରେ ସନ୍ତୁଷ୍ଟ ହେଲେ ନାହିଁ ଏବଂ ମୁକ୍ତାର ସଫାଇ ନ ଦେଇ ଅନେକ ବିନତି ପୂର୍ବକ କ୍ଷମା ପ୍ରାର୍ଥନା କଲା ମାତ୍ର ହାକିମ ତହିଁରେ ଦ୍ରବିଲେ ନାହିଁ ଓ ତାହା ଉପରେ ଟ ୫୦ ଙ୍କା ଅର୍ଥଦଣ୍ଡ ବିଧାନ କଲେ । ମୁକ୍ତାରର ଅବସ୍ଥା ଓ ଦୋଷ ବିବେଚନାରେ ଏ ଦଣ୍ଡ ଅତ୍ୟନ୍ତ କଠିଣ ହୋଇଅଛି ଅଥଚ ଅପିଲର ବାଟ ରଖିବା ସକାଶେ ଆସାମୀ ପ୍ରାର୍ଥନା କରିଥିଲେ ସୁଦ୍ଧା ତାହା ଦିଆ ହୋଇ ନାହିଁ । ଏଥି ଉତ୍ତାରୁ ଗତ ଶୁକ୍ରବାର ଆସାମିଙ୍କୁ ମିସଲକୁ ତଲବ ହେବା ସମୟରେ ନାରାୟଣଦାସର କିଛି ବିଲମ୍ବ ହେବାରୁ ଜଏଣ୍ଟ ମାଜିଷ୍ଟ୍ରେଟ ତାହା ଉପରେ ଟ ୨୦ ଙ୍କା ଅର୍ଥଦଣ୍ଡ କଲେ । ମଡା ଉପରେ ଖଣ୍ଡା ପାହାର କାହିଁକି ? ଆଶ୍ଚର୍ଯ୍ୟର ବିଷୟ ଯେ ପୂର୍ବ ମୋକଦମାରେ ଯେଉଁମାନେ ପୁଲିସ ଓ କମିଶନରଙ୍କ କାର୍ଯ୍ୟର ପ୍ରତିବାଦ କରିଥିଲେ ଏତେବେଳେ ସେମାନେ ଏକ ପରେ ଏକ ସେହି ପୁଲିସ ଓ କମିଶନରଙ୍କ ହାତରେ ପଡୁଅଛନ୍ତି ଏବଂ ଏହା ଦେଖି ଲୋକଙ୍କର ଯେଉଁ ସଂସ୍କାର ଅଛି କି ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କେହି କିଛି କଲେ ସେ ତରି ଯିବ ନାହିଁ ସେହି ସଂସ୍କାର ଅଧିକ ଦୃଢ ହେଉଅଛି ।

---

ଆମ୍ଭମାନଙ୍କର କେନ୍ଦ୍ରାପଡାସ୍ଥ ସମ୍ବାଦଦାତା ଲେଖି ଅଛନ୍ତି ଯଥା;—

ଏଠାରେ ଜଣେ ସାହେବ ପହଞ୍ଚି ଅଛନ୍ତି ଯେ, ସେ ଡାଲ ଏଠା ସ୍କୁଲ ଘରେ ବସିରେ ନାନାପ୍ରକାର ମେଜିକ ତମାସା ଦେଖାଉଛନ୍ତି ।

ଗତ ତା ୨୧ ରାତ୍ର ସନ୍ଧ୍ୟାରେ ୨୨ ବର୍ଷର ଗୋଟିଏ ସ୍ତ୍ରୀ ପେଟବନ୍ଧା ବେଦନିରେ କେହରେ ଦୌଡ ଦେଇ ମରିଅଛି । ଏ ସହର ମଧ୍ୟରେ ନଈ କୂଳରେ ଗୋଟିଏ ସ୍ତ୍ରୀ ଲୁଗା କାଚୁଥିଲା ପ୍ରଥମେ ଗୋଟିଏ କୁମ୍ଭୀର ତାହା ପଣତକୁ ଧରିଲା ଯାହା ତାହାଠାରୁ ଲୁଗା ଛଡାଇବାର ଅନେକ ଚେଷ୍ଟା କଲା ମାତ୍ର ସଫଳ ନ ହେବାରୁ ଲଙ୍ଗଳା ହୋଇ ପଳାଇ ଆସିଲା । କୁମ୍ଭୀରଟା ଅଲକ୍ଷ ତ ୨ ନ ହେଲା ମଲା ପଡିଅଛି ।

ପଟ୍ଟାମୁଣ୍ଡାଇ ପୋଷ୍ଟମାଷ୍ଟରଙ୍କ ନାମରେ ଯେଉଁ ଫଉଜଦାରୀ ମୋକଦମା ହୋଇଥିଲା ତାହା ଡିସମିସ ହୋଇଅଛି ଏବଂ ଆସାମୀ ଖଲାସ ପାଇଅଛି ।

ଏ ନଗରରେ କେତେକଦିନ ହେଲା ଗୋଟିଏ ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା ହୋଇଅଛି । ଏଠା ସ୍କୁଲ ହେଡ଼ ମାଷ୍ଟର ତାହାର ମୂଳଜୀବନ କାରଣ ସେ କେତେଦିନ ସବଇନସ୍ପେକ୍ଟର କର୍ମରେ ବାହାର ଗଲେ କୋଣ ସେ ସଭା ଏକାବେଳକେ ମ୍ରିୟମାଣ ହୋଇଥିଲା । ଏଠା ଲୋକମାନଙ୍କର କୌଣସି ବିଷୟରେ ଉତ୍ସାହ ନାହିଁ ଯାହା ବଦେଶୀୟମାନେ କରିବେ ତାହା ହେବ ନୋହିଲେ ସବୁ ଶୂନ୍ୟ ଏ ସଭା ଚୌଧୁରିଙ୍କ ଘରେ ହୁଏ ଏବଂ ସେହି ସଭାରେ କବିବର ଉପେନ୍ଦ୍ରଭଞ୍ଜଙ୍କର କବିତାମାନ ଆଲୋଚିତ ହୁଏ ।

୨୭।୯।୮୨

# ସାପ୍ତାହିକ ସଂବାଦ ।

ଗତ ଅଠଦଶ ଦିନ ଭାରି ଖରା ହେବାରୁ ଫସଲ ପ୍ରତି ସନ୍ଦେହ ଜାତ ହୋଇଥିଲା । ଗତ ଶୁକ୍ରବାର ମେଘ ଉଦୟ ଓ ବୃଷ୍ଟିପାତ ହେବାରୁ ତାହା ଘୁଞ୍ଚି ଯାଇଅଛି ।

ଖୋରଧା ବନ୍ଦୋବସ୍ତ ସମ୍ପର୍କରେ ସେଠା ପ୍ରଜାମାନେ ଶ୍ରୀଯୁକ୍ତ ମାନ୍ୟବର ଲେଫଟେଣ୍ଟ ସାହେବଙ୍କ ନିକଟକୁ ଯେଉଁ ଦରଖାସ୍ତ ପଠାଇଅଛନ୍ତି ତହିଁର ଫଳ କଣ ହେଲା ଜାଣିବା ନିମିତ୍ତ ଦରଖାସ୍ତର ଜଣେ ସ୍ବାକ୍ଷରକାରୀ ତାର୍ଯୋଗେ ପ୍ରାର୍ଥନା କରିବାରୁ ଦାର୍ଜିଲିଂଠାରୁ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଅଫିସରୁ ଉତ୍ତର ଆସିଅଛି କି ଉକ୍ତ ଦରଖାସ୍ତ ବର୍ତ୍ତମାନ ଲେଫଟେଣ୍ଟ ସାହେବଙ୍କ ବିଚାରାଧୀନରେ ଅଛି ।

ଆଜି ସକା ମୋଟରଲିକୁ ବାହାରିଲେ ମୂନାଦ ଦିଆ ଯିବାର ପ୍ରଥା ଅଛି ବୋଲି ଆମ୍ଭମାନଙ୍କ ଜଣେ ସମ୍ବାଦଦାତା ଲେଖିବାରୁ ଆମ୍ଭେମାନେ ପ୍ରକାଶ କରିଥିଲୁଁ । ବର୍ତ୍ତମାନ ବିଶ୍ବସ୍ତ ସୂତ୍ରେ ଅବଗତ ହେଲୁଁ ଯେ ଉକ୍ତ ସମ୍ବାଦ ଅମୂଳକ ଅଟଇ ।

ପଞ୍ଜାବ ରେଲର କାମ୍ବେଲପୁର ଷ୍ଟେସନଠାରୁ ମା ୧ ଇଲ ଅନ୍ତର ଦୁଇଜାମଙ୍କ ସ୍ଥାନରେ ଏକ ଉତ୍ତମ ପ୍ରକାରର କୋଇଲା ଖଣି ଆବିଷ୍କୃତ ହୋଇଥିବାର କଥିତ ହୁଏ । ବିସ୍ତାର ଅବଧି ଜଣାପଡି ନାହିଁ । ଭାରତ ରତ୍ନଗର୍ଭା

କିସ ଦ୍ବୀପର ଉତ୍ତର ପୂର୍ବ ଦିଗକୁ କମ୍ପାଇ ବନ୍ଦରଠାରେ ଭୂମିକମ୍ପ ହେଲା ଏବଂ ବୃହତ୍ ପାହାଡ଼ ଅଦୃଶ୍ୟ ହୋଇଅଛି । ସମୁଦ୍ରଜଳର କମ୍ପାହାର ଏହା ଚଳିତ ହୋଇଅଛି ।

ସ୍ମିଥ ସାହେବ ଦାକ୍ଷିଣାତ୍ୟ ପ୍ରଦେଶୀୟ ନେଟେଲ ଲାଇନକୁ ଆପଣା ପରିବାର ସହିତ ଯାଉଥିବା କାଳରେ ବାଟରୁ ଖେଦ ଯାଉଥିବା ଟ ୨୦୦୦ ଙ୍କାର ଗହଣାର ଲୋକକୁ ଧରାଇ ସଜା ଦଥାଇଲେ ଟ ୧୦୦ ଙ୍କା ସେହି ବିଂଲିକୁ ପୁରସ୍କାର ଦିଆଯିବା କାରଣ ଜଣ୍ଣ ଯାଉଥିବାର ମାନ୍ଦ୍ରାଜ ଏଥି ନୟନ ଲେଖିଅଛନ୍ତି ।

ବ୍ରାହ୍ମ ପବଲିକ ଓପିନିୟନ କହନ୍ତି ଯେ ଗତ ମାସ ତା ୨ ରିଖରେ କେଶବ ବାବୁ ତାଙ୍କର ନୂତନ ନୃତ୍ୟ ପରିବର୍ତ୍ତରେ ଏକ ଅତି ଅଭିନବ ପ୍ରକାରରେ ଧର୍ମବେଦନା କରିଥିଲେ । ତାହାଙ୍କର ଜଣେ ଶିଷ୍ୟ ତାଙ୍କର ନୂତନ ଧର୍ମ ସମ୍ବନ୍ଧରେ ଏକ ନାଟକ ପ୍ରଣୟନ କରିଅଛନ୍ତି ଯେ ସେ ଦିନ ତହିଁର ଅଭିନୟରେ ଗୁରୁ ଶିଷ୍ୟ ସମସ୍ତେ ବିଦ୍ୟମ୍ବ ଥିଲେ । ଅଭିନୂତ କାଣ୍ଡ ମଧ୍ୟରେ ଏହିକ ଯେ କେଶବ ବାବୁ ସ୍ବୟଂ ଆପଣାର ଅଷ୍ଟାଙ୍କରକ ପୋଷାକ ସେନ ରଙ୍ଗ ଭୂମିରେ ପରିବର୍ଦ୍ଧନା କରିଥିଲେ ?—କି ଆଶ୍ଚର୍ଯ୍ୟ ! ଏଥର ଘଟଣା କଣ ?- ଆମ୍ଭେମାନେ ସମ୍ପୂର୍ଣ୍ଣ ଅନୁମାନ କରୁଅଛୁଁ ଯେ କେଶବ ବାବୁଙ୍କର ଧର୍ମ ଲୋକ ଦେଖାଇବା ନିମନ୍ତେ ମାତ୍ର ଯେଉଁ ଧର୍ମ ଆପଣାର କାର୍ଯ୍ୟ ଅପେ କରି ଲୋକ ହୃଦୟରେ ଗଢ ବସାଇବାର ନିଜ ମହତ୍ତ୍ୱ ବୃଦ୍ଧି କରେ ତାହାକୁହିଁ ଏକା ଧର୍ମ ବୋଲି ।

ଅଯୋଧ୍ୟା ଦେଶ ସୀତାପୁର ଜିଲ୍ଲା ଅହମଦାବାଦର ରଜା ଆପଣା ପ୍ରଜାଙ୍କ ଉପରେ ପାଉଣା ଥିବା ବାକି ଖଜଣାରୁ ଏକ ଲକ୍ଷ ଟଙ୍କା ଛାଡ଼ି ଦେଉଅଛନ୍ତି ।— ଅତି ଉତ୍ତମ— ଏହା ଜମିଦାରମାନଙ୍କର ଅନୁକରଣୀୟ ।

ଗୁଣ୍ଟେମଲକାର ନୂତନ ସହରରେ ଗୋଟାଏ କରର ଯଥାଶାଳା ହେଉଅଛି, ତହିଁରେ ସଶାକେ ଦୁଇଲକ୍ଷ ବାର ଛପା ହେବ । ଆମ୍ଭମାନଙ୍କର ସରକ ପ୍ରେସରେ ଦିନକେ ଦୁଇ ହଜାର ହେବା କଠିନ ।

ମିଅନମିରଠାରୁ ସ୍ପିଦଲ ମିଉଟପ ଗଜେଟରୁ ଜଣେ ଲେଖିଅଛନ୍ତି ଯେ ଗୋଟିଏ ଗଞ୍ଜର ଜଳ ଦକ୍ଷିଣ କୂଅ ମଧ୍ୟରେ ଏକ ସହରର ସ୍ତ୍ରୀ ପାଣି କାଢୁଥିବା ସମୟରେ ପଡିଯାଇ ଚଳାର କଲା । ନିକଟରେ ଗୋଟିଏ କ୍ଷୁଦ୍ର କୁଟୀରରେ ଜଣେ ଚୌକିଦାର ଶୋଇଥିଲା । ସେ ଏ କନ୍ଦନ ଧ୍ବନିରେ ଉଠି ଛୁଟି ଏକାବେଳକେ ଯାଇ କୂଅ ମଧ୍ୟରେ ପଡ଼ ସ୍ତ୍ରୀଟିକୁ ଟେକି ଧରି ରହିଲା ଯେ ଉପରୁ ଲୋକେ ଦଉଡ଼ି ପକାଇ ତାକୁ ଉଠାଇ ଆଣିଲେ । ଚୌକିଦାର ନିମନ୍ତେ ଦୁଗାସ୍ଥ ଥିଲା ଲୋକେ ଦଉଡ଼ି ପକାଇଥିଲେ । କୂଅଟି ଉପରୁ ପାଣି ପର୍ଯ୍ୟନ୍ତ ଫୁ ୩୦ ଟ ଗଭୀର । ଏଭଳି ସାହସ ପ୍ରଶଂସନୀୟ ।

ବିଲାତର ସବୁକଥା ଆଶ୍ଚର୍ଯ୍ୟପୂର୍ଣ୍ଣ । ସେଠାରେ ବ୍ଲାକବର୍ଣ୍ଣ ନାମରେ ଜଣେ ସାହେବ ଅଛନ୍ତି ଯେ ସେ ଥରେ ଚଉଦ ଜଣ ଖେଳୁଅଡ଼ଙ୍କ ସଙ୍ଗରେ ଏକ କାଳରେ ଶତରଞ୍ଜ ଖେଳ ଖେଳିଥିଲେ । ମଣ୍ଡ ଅଲେ କୋଡିଏ ଜଣଙ୍କ ସହିତ ଅନ୍ଧଗୁଣ୍ଡି ବାନ୍ଧି ସେହିପରି ଖେଳ ଖେଳି ଲୋକଙ୍କୁ ଆଶ୍ଚର୍ଯ୍ୟାନ୍ବିତ କରିଥିଲେ । ଅନ୍ଧିନଗ ତଲେ ସେ ଏକ ସମୟରେ ତ ୨୦ ଣ ପ୍ରଥମ ଖେଳୁଅଡ଼ଙ୍କ ସଙ୍ଗରେ ଖେଳ ଖେଳିଥିଲେ । ଗୋଟିଏ ଲମ୍ବ ଘରର ଏକ ପାଖରୁ ଆରପାଖ ଯାଏ ଖେଳୁଅଡ଼ମାନେ ଧାଡ଼ି ହୋଇ ବସିଲେ ବ୍ଲାକବର୍ଣ୍ଣ ସାହେବ ଏକ ପାଖରୁ ଆରପାଖ ଯାଏ ସମସ୍ତଙ୍କ ସହିତ ଏକ ଏକ ଗୃହ ଚଳାଇ ଚଳେଇ ଖେଳ ଯାଉଥିଲେ । ଏହିପରି କେତେକ କ୍ଷଣ ଖେଳ ହେଲା ପରେ ସେ ଗୋ ୧୮ ଟି ଖେଳରେ ଜୟଲାଭ କଲେ ଏବଂ ଅବଶିଷ୍ଟ ଦୁଇ ଗୋଟିରେ ଫଇସଲ ହୋଇ ଗଲେ । ଅନ୍ୟ ତାଙ୍କର ସ୍ମରଣ ଶକ୍ତି ।

କୁକୁରମାନଙ୍କର ବୁଦ୍ଧି ଅତ୍ୟନ୍ତ ତୀକ୍ଷ୍ଣ ଅଟେ । ବିଲାତର ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ସେଠାରେ ଗୋଟିଏ କୁକୁରର ପ୍ରତିଦିନ ଆପଣା ସ୍ବାମୀ ଜଣେ ଡାକ୍ତର ନିକଟକୁ ରେଲଗାଡିଠାରୁ ଷ୍ଟାଣ୍ଡାର୍ଡ ନାମକ ପତ୍ରିକା ନେଇ ଯାଉଥିଲା । ଉକ୍ତ ରେଲଗାଡିରୁ ପତ୍ରିକା ପକାଇ ଦେଲା ମାତ୍ରକେ କୁକୁର ତାହା ମୁହଁରେ କାମୁଡି ନେଇଯାଏ । ଅନନ୍ତରେ କୁକୁର ଖାଦ୍ୟ ଦେଇ ଆସିବାରୁ ଅନୁସନ୍ଧାନରେ ଜଣାଗଲା କି 'ଷ୍ଟାଣ୍ଡାର୍ଡ' ପତ୍ରିକା ପରିବର୍ତ୍ତରେ କେହି 'ଟେଲିଗ୍ରାଫ' ନାମକ ଅନ୍ୟ ଏକ ପତ୍ରିକା ଦେଉଥିଲେ । ଏହିଁ ବଢ ଅଉ ଆଶ୍ଚର୍ଯ୍ୟ କ ହୋଇ ପାରେ ?

---

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com